

ଡବ୍ଲ୍ୟୁପିଏଲ୍ ଖେଳିବାରେ ଦୀୟା ସର୍ବକନିଷ୍ଠ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-206 ♦WEDNESDAY ♦21 JANUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୦୬ ♦ବୁଧବାର ♦୨୧ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଡଲାର ତୁଳନାରେ ୯୧ରେ ନିମ୍ନ ସ୍ତରକୁ ହ୍ରାସ

■ ମୁମ୍ବଇ, ୨୦।୧ (ଏଜେନ୍ସି): ଇତିହାସ ରଚିଲା ଘରୋଇ ମୁଦ୍ରା ଟଙ୍କା। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତରକୁ ହ୍ରାସ ଘଟିଛି। ମଙ୍ଗଳବାର ଟଙ୍କା ଗୁରୁତ୍ୱପୂର୍ଣ୍ଣ ୯୧ ଟଙ୍କା ସ୍ତର ଅତିକ୍ରମ କରିଛି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ଙ୍କ ଦ୍ୱାରା ବିକ୍ରି ଜାରି ରହିବା ଏବଂ ନୂତନ ବିଶ୍ୱ ବାଣିଜ୍ୟ ଉତ୍ତେଜନା ଟଙ୍କା ଉପରେ ଚାପ ଜାରି ରଖିଥିଲା। ବିଦେଶୀ ମୁଦ୍ରା ବଜାର ବିଶେଷଜ୍ଞଙ୍କ ଅନୁସାରେ, ଟଙ୍କା ମୂଲ୍ୟରେ ଦେଖିବାକୁ ମିଳିଥିବା ବର୍ତ୍ତମାନର ଦୁର୍ବଳତା ଘରୋଇ ଏବଂ ଅନ୍ତର୍ଜାତୀୟ କାରକଗୁଡ଼ିକର ଏକ ପ୍ରତିଫଳନ। ବିଶେଷକରି ଗ୍ରୀନଲ୍ୟାଣ୍ଡ ଉପରେ ୟୁରୋପୀୟ ଦେଶମାନଙ୍କ ସହ ବିବାଦରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶୁଳ୍କ ଲାଗୁ ଧମକ ବିଶ୍ୱ ପୁଞ୍ଜି ବଜାରରେ ହଇଚଇ ସୃଷ୍ଟି କରିଛି। ଆମେରିକୀୟ ଶ୍ରମ ବଜାର ଡଲାରକୁ ସମର୍ଥନ ଜାରି ରଖିଥିବାବେଳେ ବଜାରଗୁଡ଼ିକ ଏବେ ଆଶା କରୁଛନ୍ତି ଯେ ଫେଡେରାଲ ରିଜର୍ଭ ଦୀର୍ଘ ସମୟ ପାଇଁ ସୁଧ ହାର ଉଚ୍ଚରେ ରଖିବ। ଭାରତରେ ଟଙ୍କା ଉପରେ ସବୁଠାରୁ ବଡ଼ ଚାପ ଏଫ୍‌ଆଇଆଙ୍କ ଦ୍ୱାରା ଜାରି ବିକ୍ରିରୁ ଆସୁଛି। ବିଦେଶୀ ନିବେଶକମାନେ ଗତ କିଛି ମାସ ଧରି ଭାରତୀୟ ଷ୍ଟକ ବଜାରରେ ନେଟ୍ ବିକ୍ରେତା ହୋଇଛନ୍ତି। ଏହି ପ୍ରବଳ ବିକ୍ରି ଯୋଗୁଁ ପ୍ରମୁଖ ଏସୀୟ ମୁଦ୍ରା ମଧ୍ୟରେ ଟଙ୍କା ସବୁଠାରୁ ଦୁର୍ବଳ ପ୍ରମାଣିତ ହୋଇଛି।







# ଦର ଦେଢ଼ ଲକ୍ଷ ଟପିଲା; ଆହୁରି ବଢ଼ିବ !

■ ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ହୁ ହୁ ହୋଇ ବଢୁଛି ସୁନା ଦର। ଗ୍ରୀନ୍‌ଲ୍ୟାଣ୍ଡ ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରସ୍ତାବିତ ପଦକ୍ଷେପ ବିଶ୍ୱରେ ଭୂ-ରାଜନୈତିକ ଅନିଶ୍ଚିତତା ବୃଦ୍ଧି କରିଛି। ଏହାର ପ୍ରଭାବ ସ୍ୱରୂପ ବିଶ୍ୱ ବଜାରରେ ସୁନା ଏବଂ ରୁପା ମୂଲ୍ୟ ରକେଟ୍ ବେଗରେ ବୃଦ୍ଧି ଘଟୁଛି। ଏହି ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ପାଖାପାଖି ଦେଢ଼ ଲକ୍ଷ ଟଙ୍କା ଛୁଇଁବାକୁ ବସିଛି। ଏମିତିକି ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୪୦୦୦ ଟଙ୍କା ବୃଦ୍ଧି ଘଟିଛି। ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୯,୬୩୦ ଟଙ୍କାରେ ପହଞ୍ଚିଛି। ମାନ୍ଦାବସ୍ଥା ଆଶଙ୍କା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ହୋଇଛି। ତେବେ ସୁନା ତୁଳନାରେ ରୁପା ଦର ଆହୁରି ଜୋରରେ ଦୌଡୁଛି। ରୁପା ଆଜି ଦିନକରେ କିଲୋ ପିଛା ୧୦,୦୦୦ ଟଙ୍କା ବୃଦ୍ଧି ଘଟି ୩,୧୫,୦୦୦ ଟଙ୍କାରେ ପହଞ୍ଚିଛି।

**୩.୨୫ ଲକ୍ଷ ଟଙ୍କା ଛୁଇଁଲା ରୁପା**

# ବିଜେପିରେ ନିତିନ ଯୁଗ

## ମୁଁ କର୍ମୀ, ନିତିନଜୀ ମୋର ବସ୍: ମୋଦୀ

■ ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ବିଜେପିରେ ମଙ୍ଗଳବାରଠାରୁ ନିତିନ ନବୀନ ଯୁଗ ଆରମ୍ଭ ହୋଇଛି। ସେ ନିର୍ଦ୍ୱନ୍ଦ୍ୱରେ ବିଜେପି ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହି ଘୋଷଣା କରାଯାଇଛି। ନିତିନଙ୍କ ନାମ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ହାତ ଧରି ଅଧ୍ୟକ୍ଷଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ ଏବଂ ମିଠା ଖୁଆଇ ଥିଲେ। ଦାୟିତ୍ୱ ଗ୍ରହଣ କରିବା ସହିତ ନିତିନ ବିଜେପିର ସର୍ବକନିଷ୍ଠ ମୁଖିଆ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇ ଫୁଲମାଳ ପିନ୍ଧାଇଛନ୍ତି। ଏହି ଅବସରରେ ମୋଦୀ ୫୫ ମିନିଟର ଅଭିଭାଷଣ ଦେଇ ନିଜକୁ ବିଜେପି କର୍ମୀ ଏବଂ ନିତିନଙ୍କୁ ବସ୍ କହିଛନ୍ତି। ଏବେ ନିତିନ ଜୀ ମୋର କାମର ସମୀକ୍ଷା କରିବେ ବୋଲି ଉଲ୍ଲେଖ କରିଛନ୍ତି। ଦିଆଯାଇଥିବା ସମସ୍ତ କର୍ତ୍ତବ୍ୟକୁ ସମ୍ପୂର୍ଣ୍ଣ ଦାୟିତ୍ୱବୋଧର ସଫଳ କରିଥିବାରୁ ନବୀନଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ନିତିନ ନବୀନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)



ଏଆଇ ପିଢ଼ିର। ନିତିନଜୀ ଉଭୟ ଯୁବସୁଲଭ ଶକ୍ତି ଓ ସାଂଗଠନିକ କାର୍ଯ୍ୟରେ ଅଭିଜ୍ଞତା ରଖିଛନ୍ତି। ଏହା ଦଳର ପ୍ରତ୍ୟେକ କର୍ମୀଙ୍କ ପାଇଁ ବହୁତ ଲାଭଦାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ନିତିନଙ୍କ ▶ପୃଷ୍ଠା-୭

## ସାଇନବୋର୍ଡରେ ସୀମିତ ରହିବ 'ଅନ୍ତର୍ଜାତୀୟ' ବିମାନ ବନ୍ଦର

# ମାର୍ଚ୍ଚରୁ ଦୁବାଇ, ସିଙ୍ଗାପୁରକୁ ବିମାନ ବନ୍ଦ

■ ଭୁବନେଶ୍ୱର, ୨୦।୧ (ସମିସ): ଭୁବନେଶ୍ୱର ଆବୁଧାବି ସିଧାସଳଖ ବିମାନ ସେବା ଡିସେମ୍ବର ମାସରୁ ବନ୍ଦ ହୋଇଯାଇଛି। ଏହି ବିମାନ ସେବା ବନ୍ଦ ହେବାର ମାସଟେ ନ ପୁରୁଣୁ ଭୁବନେଶ୍ୱର ବିମାନ ବନ୍ଦରରୁ ଆଉ ୨ ଟି ପ୍ରମୁଖ ଅନ୍ତର୍ଜତୀୟ ବିମାନ ସେବା ବନ୍ଦ ହେବା ଆପାତତଃ ନିଶ୍ଚିତ ହୋଇଛି। ମାର୍ଚ୍ଚ ୨୮ ପରେ ଦୁବାଇ ଓ ସିଙ୍ଗାପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଭୁବନେଶ୍ୱରରୁ ସିଧା ବିମାନ ସେବା ବନ୍ଦ ହୋଇଯିବ। ୱେବସାଇଟ୍‌ରେ ମାର୍ଚ୍ଚ ୨୮ ପରେ ଏହି ୨ ଟି ରୁଟ୍‌ରେ ସିଧା ବିମାନ ସେବା ପାଇଁ ଟିକଟର ଅନୁପଲବ୍ଧି ଏହି ଆଶଙ୍କାକୁ ଦୃଢ଼ୀଭୂତ କରିଛି। ବିମାନ ଚଳାଚଳ କମ୍ପାନୀଗୁଡ଼ିକ ପକ୍ଷରୁ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କିଛି ସ୍ପଷ୍ଟ କରାଯାଉ ନାହିଁ, ଅନ୍ୟପକ୍ଷରେ ବିମାନବନ୍ଦର କର୍ତ୍ତୃପକ୍ଷ ମଧ୍ୟ ଚଳାଚଳ କରୁଥିବା ଆନ୍ତର୍ଜାତୀୟ ସ୍ଥଳକୁ ସିଧାସଳଖ ବିମାନ ଉଡ଼ାଣ ସମ୍ପର୍କରେ କିଛି କହି ପାରୁନାହାନ୍ତି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁଁ ମଧ୍ୟପ୍ରାଚ୍ୟର ଆବୁଧାବୀ, ଦୁବାଇ ସହ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ଭୁବନେଶ୍ୱରରୁ ସିଧାସଳଖ ବିମାନସେବା ଆରମ୍ଭ ହୋଇଥିଲା। ମାତ୍ର ଏବେ ଏହି ବିମାନସେବା ବନ୍ଦ ହେବା ଦ୍ୱାରା ସିଧାସଳଖ ଯାତ୍ରା କରୁଥିବା ଲକ୍ଷଲକ୍ଷ ଓଡ଼ିଆ ପ୍ରଭାବିତ ହେବେ ଓ ପର୍ଯ୍ୟଟନ ଦୃଷ୍ଟିରୁ ଓଡ଼ିଶା କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା କରାଯାଉଛି।

୨୦୨୩ ମେ ମାସରୁ ଭୁବନେଶ୍ୱର ଓ ଦୁବାଇ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରାଯାଇଥିଲା। ରାଜ୍ୟରୁ ଅନ୍ତର୍ଜାତୀୟ ଉଡ଼ାଣ ବଢ଼ାଇବା ଲାଗି ଇଣ୍ଡିଗୋ ସହ ମିଶି ରାଜ୍ୟ ସରକାର ଏହି ସେବା ଆରମ୍ଭ କରିଥିଲେ। ଏଥିପାଇଁ ସରକାରଙ୍କ ପକ୍ଷରୁ ବିମାନ ଚଳାଚଳ ସଂସ୍ଥାକୁ 'ଭାୟାବିଲିଟି ଗ୍ୟାପ ଫଣ୍ଡ' ମଧ୍ୟ ଯୋଗାଇ ଦିଆଯାଉଥିଲା। ଦୁବାଇ ସହ ସିଧାସଳଖ ବିମାନ ସେବା ରାଜ୍ୟର ସୂଚନା ପ୍ରଯୁକ୍ତି, ବିନିର୍ମାଣ ଓ ପର୍ଯ୍ୟଟନ ▶ପୃଷ୍ଠା-୭



**ସେବା ବନ୍ଦ ଯୋଗୁଁ ପ୍ରଭାବିତ ହେବେ ୪୦ ହଜାର ଓଡ଼ିଆ**

**ଡିସେମ୍ବରରୁ ଆବୁଧାବିକୁ ବନ୍ଦ ହୋଇଛି ବିମାନ ଚଳାଚଳ**

**ଚିନ୍ତା ପ୍ରକଟ କରି ମୁଖ୍ୟ ସଚିବଙ୍କୁ ଚିଠି ଲେଖିଲା ଓଡ଼ିଶା ସମାଜ**


## ସୋସିଆଲ ମିଡିଆରେ ଧମକପୂର୍ଣ୍ଣ ପୋଷ୍ଟ

# ଶ୍ରୀମନ୍ଦିର ଉପରେ ବୋମା ପଡ଼ିବ

■ ପୁରୀ, ୨୦।୧ (ସମିସ): 'ପୁରୀ ଜଗନ୍ନାଥ ମନ୍ଦିରରେ ଖୁବ୍‌ଶୀଘ୍ର ବୋମା ପଡ଼ିବ। ଖୁବ୍‌ଶୀଘ୍ର ଶୁଭାଶିଷ୍ ଖୁଣ୍ଟିଆଙ୍କୁ ଗୁଳିମାଡ଼ ହେବ। ସେହିପରି ଖୁବ୍‌ଶୀଘ୍ର ଗ୍ରାଣ୍ଡ ସେଣ୍ଟରରେ ଗୁଳି ଫୁଟାଇବୁ'। ଏହା କୌଣସି ନାଟକ କିମ୍ବା ଚଳଚ୍ଚିତ୍ରର ସଂଳାପ ନୁହେଁ। ଏମିତି ଧମକପୂର୍ଣ୍ଣ ପୋଷ୍ଟ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ବିଶେଷକରି ପୁରୀରେ ଏହି ପୋଷ୍ଟକୁ ନେଇ ଏବେ ସବୁଠି ଚର୍ଚ୍ଚା। ଜୁଲିରାଣୀ ପଣ୍ଡାଙ୍କ ଫେସ୍‌ବୁକ ପେଜ୍‌ରେ ଏଭଳି ପୋଷ୍ଟ ଶ୍ରୀମନ୍ଦିର ପ୍ରଶାସନ, ପୁଲିସ ସମସ୍ତଙ୍କୁ ଚିନ୍ତାରେ ପକାଇଦେଇଛି।

ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର। ପୂର୍ବରୁ ଏକାଧିକଥର ଗୁଇନ୍ଦା ଏଭଳି ସୂଚନା ଦେଇଆସିଛି। ଯେଉଁଥିପାଇଁ ବଡ଼ଦାଣ୍ଡର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବାବେଳେ ବିଭିନ୍ନ ସମୟରେ ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସ୍‌ଜି) ମଧ୍ୟ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛି। ଏଭଳି ସ୍ଥିତିରେ ସାମାଜିକ ଗଣମାଧ୍ୟମରେ ଶ୍ରୀମନ୍ଦିର ଉପରେ ବୋମାମାଡ଼ କରାଯିବା ନେଇ ପୋଷ୍ଟ ହେବା ସମସ୍ତଙ୍କୁ ଚିନ୍ତାରେ ପକାଇଦେଇଛି। ଯାହା ଜଣାପଡୁଛି ଏହି ଫେସ୍‌ବୁକ୍ ଆକାଉଣ୍ଟଟି ନୂଆ କରି ଖୋଲାଯାଇଛି। ଆକାଉଣ୍ଟର ଡିପିରେ ଏକ ଟେଡି ଫଟୋ ରହିଛି। କୌଣସି ତଥ୍ୟ ଆକାଉଣ୍ଟରେ ପ୍ରଦାନ କରାଯାଇନାହିଁ। କେବେଳ ଆକାଉଣ୍ଟରେ ଜଣେ ମାତ୍ର ବ୍ୟକ୍ତି ତା'ର ବନ୍ଧୁ ତାଲିକାରେ ରହିଥିବା ଦେଖାଯାଉଛି। ସେୟାର ହୋଇଥିବା ଧମକପୂର୍ଣ୍ଣ ବାର୍ତ୍ତା ଗତ ୧୩ ତାରିଖରୁ ସେୟାର ହୋଇଥିବା ଜଣାପଡ଼ିଛି। ତେବେ ଶ୍ରୀମନ୍ଦିର ସମ୍ପର୍କରେ ଏପରି ଧମକପୂର୍ଣ୍ଣ ପୋଷ୍ଟକୁ ନେଇ ଭକ୍ତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କିଏ ଏବଂ କିଭଳି ଏପରି ଧମକପୂର୍ଣ୍ଣ ବାର୍ତ୍ତା ଦେଇଛି, ଖୁବ୍‌ଶୀଘ୍ର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି।

ଏ ସମ୍ପର୍କରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ କହିଛନ୍ତି, ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସୋସିଆଲ୍ ମିଡିଆରେ ଖୋଲାଖୋଲି ଧମକ ▶ପୃଷ୍ଠା-୭



**ଖୁବ୍‌ଶୀଘ୍ର ସାଂସଦ ଶୁଭାଶିଷ୍ ଖୁଣ୍ଟିଆଙ୍କୁ ଗୁଳିମାଡ଼ ଧମକ**

**ବାପାଙ୍କ ନିବେଦନ କାଟିପାରିଲାନି ପୁଅ**

# ୮ ମାଓସାଥୀଙ୍କ ସହ ବଳଦେବର ଆତ୍ମସମର୍ପଣ



■ ସିନାପାଲି, ୨୦।୧ (ସମିସ): ବାପାଙ୍କ ଭାବପ୍ରବଣ ଭିଡିଓ ପୁଅକୁ ବାଟକୁ ଆଣିଲା। ହିଂସାର ପଥ ଛାଡ଼ି ଶାନ୍ତିର ପଥରେ ଯୋଗଦେବା ପାଇଁ ନିଜର କିଛି ସହଯୋଗୀଙ୍କ ସହ ପୁଅ ଆଜି ଥାନାରେ ଆତ୍ମସମର୍ପଣ କରିଛି। ସମର୍ପଣକାରୀଙ୍କ ମଧ୍ୟରେ ତାଙ୍କର ସ୍ତ୍ରୀ ମଧ୍ୟ ରହିଥିବା ଜଣାଯାଇଛି। ନୂଆପଡ଼ା ଜିଲ୍ଲା ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଗରିଆବନ୍ଦ ଅଞ୍ଚଳରେ ଆଜି ଏପରି ଏକ ଚର୍ଚ୍ଚା ଜୋର୍ ଧରିଛି।

ଛତିଶଗଡ଼ର ଗରିଆବନ୍ଦ ପୁଲିସ ନିକଟରେ ଆଜି ୯ଜଣ କୁଖ୍ୟାତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏକେ-୪୭, ଏସ୍‌ଏଲ୍‌ଆର ଏବଂ ୩୦୩ ଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ସେମାନେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ କ୍ୟାଡର୍ ମାଓବାଦୀ ▶ପୃଷ୍ଠା-୭

# ନଗ୍ନ ଭିଡିଓ ଦେଖାଇ ବୃଦ୍ଧଙ୍କଠାରୁ ୮୮ ଲକ୍ଷ ଲୁଟ୍

■ କଟକ, ୨୦।୧ (ସମିସ): ପୁଣି କଟକ ସହରରେ ସେକ୍ସଟର୍ସନ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ତଥା ୭୨ବର୍ଷୀୟ ବୃଦ୍ଧଙ୍କ ବ୍ୟାଙ୍କ୍ ଜମା ଖାତାରୁ ସାଇବର ଲୁଟେରାମାନେ ୮୮ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବୃଦ୍ଧଙ୍କୁ ନଗ୍ନ ଭିଡ଼ିଓ ଦେଖାଇ ଏଭଳି ଲୁଟ୍ କରାଯାଇଛି। ଏହି ଘଟଣାରେ ସାଇବର ଥାନା ପୁଲିସ ୫ଜଣ ସାଇବର ଅପରାଧିଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ମନୋଜ କୁମାର ଜେନା(୨୮), ପ୍ରଫୁଲ୍ଲ କୁମାର ବିଶ୍ୱାଳ(୬୫), ସଂଗ୍ରାମ ଜେନା(୨୨), ବାସୁଦେବ ରାଉତ(୨୫) ଏବଂ ମନୋରଞ୍ଜନ ରାଉତ(୬୦)। ଅଭିଯୁକ୍ତମାନେ ସମସ୍ତେ ଓଡ଼ିଆ ହୋଇଥିବା ବେଳେ ଏଥିରେ ଆନ୍ତଃରାଜ୍ୟ ସାଇବର ଲୁଟେରା ନଥିବା ସ୍ପଷ୍ଟ ହୋଇଛି। ଏମାନଙ୍କ ନିକଟରୁ ନଗଦ ୧୪ଲକ୍ଷ ୪୬୦ଟଙ୍କା, ୧୬ଟି ରୂପା ମୁଦ୍ରା, ▶ପୃଷ୍ଠା-୭




**୧୪ଲକ୍ଷ ଟଙ୍କା, ୧୬ଟି ରୁପା ମୁଦ୍ରା, ୨ଟି ସୁନା କାନଫୁଲ, ମଙ୍ଗଳସୂତ୍ର, ସୁନା ଚେନ୍ ଓ ବ୍ରେସଲେଟ୍ ଜବତ**


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


**ମଣ୍ଡିରୁ ଉଠୁନି ଧାନ**

# ମିଲ୍ ଆଗରେ ବେପାରୀଙ୍କ ଟ୍ରାକ୍ଟର୍ ଧାଡ଼ି

■ ବଲାଙ୍ଗିର, ୨୦।୧(ସମିସ): ମଣ୍ଡିରୁ ଧାନ ଉଠୁନି। କିନ୍ତୁ, ମିଲ୍ ଆଗରେ ଧାନବସ୍ତା ଭର୍ତ୍ତି ଟ୍ରାକ୍ଟର୍‌ର ଲମ୍ବା ଧାଡ଼ି। ବଲାଙ୍ଗିର ଜିଲ୍ଲାରେ କିଛି ମିଲ୍ ଆଗରେ ଏପରି ଦୃଶ୍ୟ ଏବେ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପକାଇ ମଣ୍ଡି ଆଗରେ ଚାଷୀ ଦିନରାତି ଅଧିଆ ପଡ଼ିଥିବା ବେଳେ ମିଲ୍‌କୁ କାହା ଧାନ ଯାଉଛି, ତାହା ଚାଷୀର ବୁଝିବା ବାହାରେ। ଧାନକିଣା ବିଳମ୍ବର ଫାଇଦା ନେଇ ଧାନ ବେପାରୀ, ମିଲର୍ ଓ ପାକ୍ସ ସଂପାଦକ ମିଳିମିଶି ଏବେ ନୂଆ ଗୋଲକଧନ୍ଦା ଆରମ୍ଭ କରିଥିବା ଚାଷୀ ମହଲରେ ଅଭିଯୋଗ ହୋଇଛି।

**ପାକ୍ସ ସମ୍ପାଦକ ଓ ମିଲରଙ୍କ ଭିତିରି କାରବାର**



ଗ୍ରାମାଞ୍ଚଳ ଚାଷୀଙ୍କଠାରୁ ବେପାରୀ ଶାଗମାଛ ଦରରେ ଧାନ କିଣି ତାହାକୁ ମିଲ୍‌ରେ ସରକାରୀ ଦରରେ ବିକୁଥିବା ବେଳେ ପାକ୍ସ କର୍ତ୍ତୃପକ୍ଷ ଓ ମିଲର୍ ସେଥିରୁ ମୋଟା ଅଙ୍କର କମିସନ୍ ଖାଇବାକୁ ଉଦ୍ୟମ ଚଳାଇଛନ୍ତି। ଏପରି ସ୍ଥିତିରେ ପ୍ରକୃତ ଚାଷୀ ଜଳକା ଭଳି ଚାହିଁ ରହିଛି।

ଚଳିତବର୍ଷ ଜିଲ୍ଲାରେ ଧାନକିଣା ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା। ଅନ୍ୟ ବର୍ଷମାନଙ୍କରେ ଜାନୁଆରୀ ଶେଷ ସୁଦ୍ଧା ପ୍ରାୟ ୭୫ ପ୍ରତିଶତ ଧାନକିଣା ସରିଯାଇଥାଏ। କିନ୍ତୁ ଚଳିତବର୍ଷ ଏହା ମନ୍ଥର ଗତିରେ ଚାଲିଛି। ଚାଷୀଙ୍କ ପାଖରେ ଧାନ ପଡ଼ିରହିଥିବା ବେଳେ ଠିକ୍ ଭାବେ କିଣାଯାଉନାହିଁ। ମଣ୍ଡିରେ ଧାନ ଗଦା ହୋଇ ରହୁଥିବା ବେଳେ ମିଲର୍ ଗାଡ଼ି ପଠାଉନାହିଁ। ସେହିପରି ଧାନ ବିକିବାକୁ ଅପେକ୍ଷା କରିକରି କିଛି ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଯାଇଥିବାରୁ ଭୟରେ ଅନ୍ୟ ଚାଷୀମାନେ ଧାନ ବେପାରୀଙ୍କୁ ଶାଗମାଛ ଦରରେ ଧାନ ଟେକିଦେଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଏପରି ସ୍ଥିତିରେ ମିଲ୍ ସାମ୍ନାରେ କିନ୍ତୁ ଠିକ୍ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳୁଛି। ମିଲ୍ ଆଗରେ ଧାନଭର୍ତ୍ତି ଟ୍ରାକ୍ଟର୍‌ର ଲମ୍ବା ଧାଡ଼ି ଦେଖିବାକୁ ମିଳିଛି।

ବଲାଙ୍ଗିର ସହରରୁ ଲୋଇସିଂହା ରାସ୍ତାର ଛୁଇବନ୍ଧ ଛକଠାରେ ଥିବା ଏକ ରାଇସ୍ ମିଲ୍ ବିଭିନ୍ନ ମଣ୍ଡିରୁ ପ୍ରାୟ ୪୦ ହଜାର କ୍ୱିଣ୍ଟାଲ ଧାନ ଉଠାଇ ସାରିଥିବା କାଗଜପତ୍ରରେ ଦର୍ଶାଯାଇଛି। କିନ୍ତୁ ଏହାକୁ ନେଇ ଚାଷୀମହଲରେ ସନ୍ଦେହ ସୃଷ୍ଟି ହୋଇଛି। କିଛି ଚାଷୀ ▶ପୃଷ୍ଠା-୭

# ଆମେରିକାରେ ଭୟଙ୍କର ବରଫ ଝଡ଼




ୱାଶିଂଟନ, ୨୦।୧ (ଏଜେନ୍ସି): ଶୁଳ୍କ ଲଗାଇ ଏବଂ ଆକ୍ରମଣ କରି ବିଶ୍ୱରେ ଝଡ଼ ସୃଷ୍ଟି କରିଥିବା ଆମେରିକାରେ ବରଫ ଝଡ଼ ନାହିଁ ନ ଥିବା ସ୍ଥିତି ସୃଷ୍ଟି କରିଛି । ମିଚିଗାନ ରାଜ୍ୟର ଗ୍ରାଣ୍ଡ ର‌୍ୟାପିଡ୍ସ ସହରରେ ଏହି ଝଡ଼ ଯୋଗୁଁ ଭୟଙ୍କର ସଡ଼କ ଦୁର୍ଘଟଣା ହୋଇଛି । ସୋମବାର ୧୯୬ ନମ୍ବର ଆନ୍ତଃରାଜ୍ୟ ରାଜପଥରେ ଶହେରୁ ଅଧିକ ଗାଡ଼ି ପରସ୍ପରକୁ ଧକ୍କା ଦେଇଛି । ୩୦ରୁ ଅଧିକ ବଡ଼ ବଡ଼ ଟ୍ରକ ରାସ୍ତା ମଝିରେ ଅଟକି ରହିଛି । ଅନେକ ଗାଡ଼ି ରାସ୍ତା କଡ଼କୁ ଖସି ଯାଇଛି । ଏଥିଯୋଗୁଁ ଲମ୍ବା ଟ୍ରାଫିକ ଜାମ ଲାଗିଛି । ମାତ୍ର ଏଥିରେ କେହି ମୃତାହତ ହେବାର ସୂଚନା ମିଳି ନାହିଁ । ସ୍ଥିତିକୁ ଦେଖି ପୁଲିସ ରାସ୍ତାର ଉଭୟ ପାର୍ଶ୍ୱରେ ଟ୍ରାଫିକକୁ ବନ୍ଦ କରିଦେଇଛି । ଝଡ଼ ଯୋଗୁଁ ପ୍ରବଳ ତୁଷାରପାତ ଏବଂ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବାରୁ ଏହି ଦୁର୍ଘଟଣା ଘଟିଛି । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଦୁର୍ଘଟଣା ସମୟରେ ପ୍ରବଳ ତୁଷାରପାତ ହେଉଥିଲା । ରାସ୍ତା ଧଳା ବରଫର ଚାଦରରେ ଆଚ୍ଛାଦିତ ହୋଇ ଯାଇଥିଲା । ଫଳରେ ସ୍ପଷ୍ଟ ଭାବରେ ଦେଖିବା କାଠିକର ହୋଇ ଯାଇଥିଲା ।

ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଗୋଟିଏ ଗାଡ଼ି ହଠାତ୍ ରାସ୍ତାରୁ ଖସି ଯିବାରୁ ପଛରେ ଆସୁଥିବା ଗାଡ଼ି ହଠାତ ବ୍ରେକ୍ ଦେଇପାରିଲେ ନାହିଁ । ଏଥିଯୋଗୁଁ ପଛକୁ ପଛ ଗୋଟିଏ ପରେ ଗୋଟିଏ ଗାଡ଼ି ଧକ୍କା ହେବାରେ ଲାଗିଥିଲା । କିଛି ସେକେଣ୍ଡ ମଧ୍ୟରେ ଏହା ଏକ ବଡ଼ ଦୁର୍ଘଟଣାରେ ପରିଣତ ହୋଇଥିଲା । ଡ୍ରାଇଭରମାନେ ନିଜ ଗାଡ଼ିକୁ ନିୟନ୍ତ୍ରଣ କରିବାକୁ ସମୟ ପାଇ ନ ଥିଲେ । ଏହାର ସୂଚନା ପାଇବା ମାତ୍ରେ ପୁଲିସ, ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଛନ୍ତି । ଖରାପ ପାଗ ଯୋଗୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡିଛି । ବହୁ ଲୋକ ଗାଡ଼ି ସହିତ ରାସ୍ତାରେ ଫସି ରହିଛନ୍ତି । ସେମାନଙ୍କ ପାଖରେ ପହଞ୍ଚିବାକୁ ବହୁତ ସମୟ ଲାଗିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

# ତାମିଲନାଡୁ ବିଧାନସଭାରେ ପୁଣି ହାଇଡ୍ରାମା

ଚେନ୍ନାଇ, ୨୦।୧: ତାମିଲନାଡୁ ବିଧାନସଭାରେ ଆଜି ପୁଣି ହାଇଡ୍ରାମା ଦେଖିବାକୁ ମିଳିଛି । ଚଳିତ ବର୍ଷର ପ୍ରଥମ ଅଧିବେଶନରେ ରାଜ୍ୟପାଳ ତାଙ୍କର ପାରମ୍ପରିକ ଅଭିଭାଷଣ ପ୍ରଦାନ କରିବାକୁ ଥିବା ବେଳେ ଏହା ନ କରି ସେ ବିଧାନସଭାରୁ ୱାକ୍ ଆଉଟ୍ କରିଛନ୍ତି । ବିଧାନସଭାରେ ଜାତୀୟ ସଙ୍ଗୀତକୁ ଅପମାନିତ କରାଯାଇଥିବାରୁ

**■ ଅଭିଭାଷଣ ନ ପଢ଼ି ଗୃହ ଛାଡ଼ିଲେ ରାଜ୍ୟପାଳ**
**■ ଜାତୀୟ ସଙ୍ଗୀତକୁ ଅପମାନ କରାଯାଇଛି: ରବି**
**■ ରାଜ୍ୟପାଳଙ୍କୁ ସମାଲୋଚନା କଲେ ମୁଖ୍ୟମନ୍ତ୍ରୀ**

ରାଜ୍ୟପାଳ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି ବୋଲି ଲୋକ ଭବନ (ରାଜଭବନ) ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ଏହାସହିତ କୁହାଯାଇଛି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ରରେ ମିଛ ତଥ୍ୟ ଦିଆଯାଇଥିବାରୁ ରାଜ୍ୟପାଳ ଏହାକୁ ପଢ଼ିବାକୁ ମନା କରିଦେଇଛନ୍ତି । ଏହାକୁ ମିଶାଇ ଚତୁର୍ଥ ଥର ଲାଗି ରାଜ୍ୟପାଳ ଏଭଳି ପଦକ୍ଷେପ ନେଇଥିବା ବେଳେ ରାଜ୍ୟ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଏତାଦୃଶ ଆଚରଣ ପାଇଁ ରାଜ୍ୟପାଳଙ୍କର ସମାଲୋଚନା କରିଛନ୍ତି । ଏହାସହିତ ରାଜ୍ୟପାଳ ପଢ଼ିନଥିଲେ ମଧ୍ୟ ଏହି ଅଭିଭାଷଣପତ୍ରକୁ ଆଲୋଚନା ପାଇଁ ଆଗତ ପ୍ରସ୍ତାବକୁ ବିଧାନସଭାରେ ଅନୁମୋଦନ ପ୍ରଦାନ କରାଯାଇଛି ।



ନୂଆବର୍ଷର ପ୍ରଥମ ବିଧାନସଭା ଅଧିବେଶନ ଆଜି ଆରମ୍ଭ ହୋଇଥିଲା । ପରମ୍ପରା ଅନୁଯାୟୀ ଏହି ଅଧିବେଶନରେ ରାଜ୍ୟପାଳ ଆରଏନ୍ ରବି ତାଙ୍କର ଅଭିଭାଷଣ ପ୍ରଦାନ କରିବା କଥା । ଏଥିପାଇଁ ରାଜ୍ୟପାଳ ବିଧାନସଭା ଯାଇଥିଲେ, କିନ୍ତୁ ଭାଷଣପତ୍ର ନପଢ଼ି ବିଧାନସଭା ବାହାରକୁ ପଳାଇଥିଲେ । ଏହାକୁ ନେଇ ବିଧାନସଭାରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଲୋକ ଭବନ (ରାଜ ଭବନ)ରୁ ରାଜ୍ୟପାଳଙ୍କ ପକ୍ଷରୁ ବିବୃତି ମାଧ୍ୟମରେ ସଫେଇ ଦିଆଯାଇଛ ରବିଙ୍କ ପଦକ୍ଷେପ ପ୍ରତି ଯୁକ୍ତି ଦର୍ଶାଯାଇଥିଛି । ଏଥିରେ କୁହାଯାଇଛି ଯେ ବିଧାନସଭାରେ ଜାତୀୟ ସଙ୍ଗୀତ କରାଯିବା ବଦଳରେ ତାମିଲ ରାଜ୍ୟ ସଙ୍ଗୀତ ଗାନ କରାଯାଇଥିଲା । ଏହା ଜାତୀୟ ସଙ୍ଗୀତ ପ୍ରତି ଘୋର ଅପମାନ ଥିଲା । ଏହାସହିତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ରକୁ ପଢ଼ିବାକୁ ରାଜ୍ୟପାଳ କାହିଁକି ମନାକଲେ, ତାହାର ମଧ୍ୟ ଏହି ବିବୃତିରେ ସ୍ପଷ୍ଟୀକରଣ ଦିଆଯାଇଛି । ଏଥିରେ କୁହାଯାଇଛି ଯେ ରାଜ୍ୟ ସରକାର ଯେଉଁ ଅଭିଭାଷଣ ପତ୍ର ପ୍ରସ୍ତୁତ କରିଛନ୍ତି, ସେଥିରେ କେବଳ ମିଛ କଥା ଲେଖାଯାଇଛି, ଯାହାକି ପ୍ରକୃତ ତଥ୍ୟ ଠାରୁ ବହୁ ଦୂରରେ । ଏହା ପଢ଼ିବା ସମ୍ଭବ ନୁହେଁ ।

ତେବେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ରାଜ୍ୟପାଳଙ୍କ ଏତାଦୃଶ ଆଚରଣର ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ପରମ୍ପରା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣପତ୍ର ରାଜ୍ୟପାଳ ପଢ଼ିବା କଥା । ଏଥିରେ ରାଜ୍ୟପାଳ ତାଙ୍କର ବ୍ୟକ୍ତିଗତ ମତାମତ ଦେଇପାରିବେ ନାହିଁ । ତେଣୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣକୁ ଆଲୋଚନା ପାଇଁ ଗ୍ରହଣ କରାଗଲା ବୋଲି ସେ ଗୃହରେ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ଗୃହୀତ ହୋଇଥିଲା ।

ରାଜ୍ୟ ସରକାରଙ୍କ ସହିତ ବିବାଦରେ ଥିବା ରାଜ୍ୟପାଳ ରବି ଏହାକୁ ମିଶାଇ ଚତୁର୍ଥ ବର୍ଷ ଲାଗି ବିଧାନସଭାରୁ ଏଭଳି ୱାକ୍ ଆଉଟ୍ କରିଛନ୍ତି । ରାଜ୍ୟପାଳ ନିଯୁକ୍ତ ହେବାପରେ ରବି ୨୦୨୨ରେ ପ୍ରଥମ ଥର ଲାଗି ବିଧାନସଭାରେ ଅଭିଭାଷଣ ପ୍ରଦାନ କରିଥିଲେ । ତେବେ ପରବର୍ତ୍ତୀ ସମୟରେ ୨୦୨୩, ୨୦୨୪ ଏବଂ ୨୦୨୫ରେ ଅଭିଭାଷଣ ପ୍ରଦାନ ନକରି ରବି ବିଧାନସଭାରୁ ଆଜି ଭଳି ୱାକ୍ ଆଉଟ୍ କରିଥିଲେ ।




# ବିଶ୍ୱ ମାନଚିତ୍ର ବଦଳାଇଦେଲେ ଟ୍ରମ୍ପ

## ଗ୍ରୀନଲାଣ୍ଡ, କାନାଡ଼ା, ଭେନେଜୁଏଲାକୁ ଆମେରିକାର ଅଂଶ ଦେଖାଇଲେ

ୱାଶିଂଟନ, ୨୦।୧ (ଏଜେନ୍ସି): ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନଲାଣ୍ଡ ପରେ କାନାଡ଼ା ଦଖଲ ପାଇଁ ଯୋଜନା କରୁଛନ୍ତି । ସେ ଗ୍ରୀନଲାଣ୍ଡ ଏବଂ କାନାଡ଼ାକୁ ଆମେରିକାର ମାନଚିତ୍ରରେ ସାମିଲ କରିଛନ୍ତି । ଟ୍ରମ୍ପ କାର୍ଯ୍ୟାଳୟର ଏକ ଭାଇରାଲ ଭିଡିଓରେ ଥିବା ମାନଚିତ୍ରରେ ଏହା ଦେଖିବାକୁ ମିଳୁଛି । ଗ୍ରୀନଲାଣ୍ଡକୁ କବ୍‌ଜା କରିବା ପାଇଁ ଟ୍ରମ୍ପ ନାଟୋ ମୁଖ୍ୟ ମାର୍କ ରୁଟ୍‌ଙ୍କୁ ଫୋନ କରି କଥା ହୋଇଛନ୍ତି । ଗ୍ରୀନଲାଣ୍ଡ ପ୍ରସଙ୍ଗରେ ସ୍ୱିଜରଲାଣ୍ଡର ଡାଭୋସରେ ବୈଠକ ଡାକିବାକୁ ନିଷ୍ପତ୍ତି ନେଇଛନ୍ତି । ରୁଟ୍‌ଙ୍କୁ ଟ୍ରମ୍ପ କହିଥିଲେ ଯେ ଗ୍ରୀନଲାଣ୍ଡ ଆମେରିକାର ଜାତୀୟ ଏବଂ ବିଶ୍ୱ ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱରେ ଶାନ୍ତି କେବଳ କ୍ଷମତା ଦ୍ୱାରା ହାସଲ କରାଯାଇପାରିବ । ଆଉ ଏବେ ଆମେରିକା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ । କେବଳ ଶକ୍ତି ମାଧ୍ୟମରେ ଶାନ୍ତି ହାସଲ କରାଯାଇପାରିବ ଏବଂ କେବଳ ଆମେରିକାର ଏହି କ୍ଷମତା ରହିଛି । ଟ୍ରମ୍ପ୍ ତାଙ୍କ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏକ ମାନଚିତ୍ର ମଧ୍ୟ ସେୟାର କରିଛନ୍ତି । ଏଥିରେ କାନାଡ଼ା, ଗ୍ରୀନଲାଣ୍ଡ ଏବଂ ଭେନେଜୁଏଲାକୁ ଆମେରିକାର ଅଂଶ ଭାବରେ ଦର୍ଶାଯାଇଛି । ଅନ୍ୟପଟେ ଗ୍ରୀନଲାଣ୍ଡକୁ ଆମେରିକା ଯୁଦ୍ଧ ଜାହାଜ ପଠାଇଛି ।

ଆମେରିକା ରାଷ୍ଟ୍ରପତି ଗ୍ରୀନଲାଣ୍ଡ, ଡେନମାର୍କ, ଫ୍ରାନ୍ସ ପରେ ଏବେ ବ୍ରିଟେନ ଉପରେ କ୍ଷୁବ୍ଧ ହୋଇଛନ୍ତି । ଭାରତ ମହାସାଗରରେ ଥିବା ଡିଏଗୋ ଗାର୍ସିଆ ଦ୍ୱୀପ ନେଇ ଟ୍ରମ୍ପ ବ୍ରିଟେନ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଏହି ଦ୍ୱୀପକୁ ମରିସସକୁ ଦେବା ପାଇଁ ବ୍ରିଟେନ ଯୋଜନା କରୁଛି । ମାତ୍ର ଏହା ଆମେରିକା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟୀ । ବିନା କାରଣରେ ମରିସସକୁ ଦେବା ସମ୍ପୂର୍ଣ୍ଣ ଭୁଲ୍ ନିଷ୍ପତ୍ତି । ଟ୍ରମ୍ପ ଯେଉଁ ଡିଏଗୋ ଗାର୍ସିଆ ଦ୍ୱୀପ କଥା କହୁଛନ୍ତି ତାହା ଚାଗୋସ୍ ଦ୍ୱୀପର ଏକ ଅଂଶ । ଏହା ଭାରତ ମହାସାଗରରେ ରହିଛି । ୧୮୧୪ମସିହାରେ ନେପୋଲିୟନଙ୍କ ପରାଜୟ ପରେ ପ୍ୟାରିସ ଚୁକ୍ତି ଅନୁଯାୟୀ ଚାଗୋସ୍ ଦ୍ୱୀପପୁଞ୍ଜ ଏବଂ ମରିସସ୍ ବ୍ରିଟିଶ ନିୟନ୍ତ୍ରଣକୁ ଆସିଥିଲେ । ମରିସସ୍ ୧୯୬୮ରେ ସ୍ୱାଧୀନତା ଲାଭ କରିଥିଲା । ସେହି ସମୟରେ ବ୍ରିଟିଶ ପ୍ରତିରକ୍ଷା ପାଇଁ ଆବଶ୍ୟକ ନ ଥିଲେ ଦ୍ୱୀପ ଗୁଡ଼ିକୁ ମରିସସକୁ ଫେରାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ସର୍ବବୃହତ ଦ୍ୱୀପ ଡିଏଗୋ ଗାର୍ସିଆରେ ବ୍ରିଟିଶ ଏବଂ ଆମେରିକାର ମିଳିତ ସାମରିକ ଘାଟି ରହିଛି ।

# ମାଘମେଳାରେ ଶଙ୍କରାଚାର୍ଯ୍ୟଙ୍କୁ ନେଇ ବିବାଦ

ପ୍ରୟାଗରାଜ, ୨୦।୧ (ଏଜେନ୍ସି): ମୌନି ଅମାବାସ୍ୟା ଅବସରରେ ପାଲିଙ୍କି ସହ ସ୍ନାନ ପାଇଁ ଅନୁମତି ନ ଦେବାରୁ ଜ୍ୟୋତିଷପୀଠ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ ତିନି ଦିନ ହେଲା ଧାରଣା ଦେଉଛନ୍ତି । ସେ ପ୍ରଶାସନ ଏବଂ ସରକାରଙ୍କ ସହ ମୁହାଁମୁହିଁ ହୋଇଛନ୍ତି । ନ୍ୟାୟ ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରଖିବେ ବୋଲି କହିଛନ୍ତି । ଏପରି ସମୟରେ ପ୍ରଶାସନ ତାଙ୍କୁ ନୋଟିସ ଜାରି କରିଛି । ସେ ପ୍ରକୃତ ଶଙ୍କରାଚାର୍ଯ୍ୟ ବୋଲି ପ୍ରମାଣ ଦେବାକୁ ୨୪ ଘଣ୍ଟା ସମୟ ଦେଇଛି । ସୂଚନା ଅନୁଯାୟୀ, ଜ୍ୟୋତିଷପୀଠର ପଦବୀକୁ ନେଇ ଅବିମୁକ୍ତେଶ୍ୱରାନନ୍ଦ ଏବଂ ବାସୁଦେବାନନ୍ଦଙ୍କ ମଧ୍ୟରେ ବିବାଦ ରହିଛି । ଏବେ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି । ରାୟ ନ ଆସିବା ପର୍ଯ୍ୟନ୍ତ କାହାକୁ ଶଙ୍କରାଚାର୍ଯ୍ୟ ଘୋଷଣା କରାଯିବ ନାହି ବୋଲି ସୁପ୍ରିମକୋର୍ଟ କହିଥିଲେ । ଏହାକୁ ଆଧାର କରି ପ୍ରଶାସନ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ନୋଟିସ ଜାରି କରିଛି । ଏବେ ସେ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ କାନ୍ଧରେ ବନ୍ଧୁକ ରଖି ପ୍ରଶାସନ ଯେଉଁ ଭୁଲ କରିଛି ଏମାନେ ତାହାର ପିଛା କରୁଛନ୍ତି । ସୁପ୍ରିମକୋର୍ଟଙ୍କ ମିଥ୍ୟା ଆଧାର ଦେଇ ଏହି ଲୋକେ କେତେ ଦିନ ପର୍ଯ୍ୟନ୍ତ ବଞ୍ଚି ରହିବେ? ସରକାର ନିଜେ ମହାକୁମ୍ଭକୁ ନେଇ ଏକ ପତ୍ରିକା ଛାପି ଥିଲେ । ଏଥିରେ ମୋତେ ଶଙ୍କରାଚାର୍ଯ୍ୟ କୁହାଯାଇଥିଲା । କିଏ ଶଙ୍କରାଚାର୍ଯ୍ୟ ହେବେ ତାହା ରାଜ୍ୟର ମୁଖ୍ୟମନ୍ତ୍ରୀ କିମ୍ବା ଦେଶର ରାଷ୍ଟ୍ରପତି ସ୍ଥିର କରିପାରିବେ ନାହିଁ ।



**■ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ସରକାରଙ୍କ ନୋଟିସ**
**■ ୨୪ ଘଣ୍ଟାରେ ଶଙ୍କରାଚାର୍ଯ୍ୟ ହେବାର ପ୍ରମାଣ ଦିଅନ୍ତୁ**

ରାଷ୍ଟ୍ରପତିଙ୍କ ପାଖରେ ମଧ୍ୟ ଶଙ୍କରାଚାର୍ଯ୍ୟ ସ୍ଥିର କରିବାର ଅଧିକାର ନାହିଁ ।

ଅବିମୁକ୍ତେଶ୍ୱରନାନ୍ଦ କହିଛନ୍ତି ଯେ ଅନ୍ୟ ତିନୋଟି ପୀଠର ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଗ୍ରହଣୀୟ ହେଲେ ତାଙ୍କୁ ଶଙ୍କରାଚାର୍ଯ୍ୟ କୁହାଯାଏ । ଦ୍ୱାରକା ଓ ଶୃଙ୍ଗେରିର ଶଙ୍କରାଚାର୍ଯ୍ୟ ମୋତେ ମାନ୍ୟତା ଦେଇଛନ୍ତି । ଏହାଠାରୁ ଆଉ କଣ ପ୍ରମାଣ ଆବଶ୍ୟକ ବୋଲି ଅବିମୁକ୍ତେଶ୍ୱରାନନ୍ଦ ପ୍ରଶ୍ନ କରିଛନ୍ତି । କିଏ ଶଙ୍କରାଚାର୍ଯ୍ୟ ହେବ ତାହାର ନିଷ୍ପତ୍ତି ପ୍ରଶାସନ ନେଇପାରିବ ନାହିଁ? ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଶଙ୍କରାଚାର୍ଯ୍ୟ ହିଁ ନିଷ୍ପତ୍ତି ନେଇଥାନ୍ତି । ପୁରୀର ଶଙ୍କରାଚାର୍ଯ୍ୟ ଏହା ଉପରେ କିଛି ମନ୍ତବ୍ୟ ଦେଇନାହାନ୍ତି । ସେ ନୀରବ ଅଛନ୍ତି । ସୁପ୍ରିମକୋର୍ଟ ମଧ୍ୟ ତାଙ୍କଠାରୁ କୌଣସି ମତାମତ ଲୋଡ଼ି ନ ଥିଲେ । ସେ ମଧ୍ୟ ମୌନ ଭାବେ ସମ୍ମତି ଦେଉଛନ୍ତି । ତେଣୁ ଅବିମୁକ୍ତେଶ୍ୱରନାନ୍ଦ ନିଜକୁ ନିର୍ବିବାଦୀୟ ଶଙ୍କରାଚାର୍ଯ୍ୟ କହିଛନ୍ତି ।

ସୂଚନାଯୋଗ୍ୟ ଯେ ମୌନି ଅମାବାସ୍ୟ ଦିନ ପାଲିଙ୍କି ସହ ସ୍ନାନ ପାଇଁ ପ୍ରଶାସନ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦଙ୍କୁ ଅନୁମତି ଦେଇ ନ ଥିଲା । ଚାଲି ଯିବାକୁ କହିଥିଲା ଏହାକୁ ନେଇ ବିବାଦ ହୋଇଥିଲା । ଶଙ୍କରାଚାର୍ଯ୍ୟଙ୍କ ଅନୁଗାମୀ ଏବଂ ପୁଲିସ ମୁହାଁମୁହିଁ ହୋଇଥିଲେ । ପୁଲିସ ସମସ୍ତ ସୀମା ଉଲ୍ଲଘଂନ କରି ସାଧୁସନ୍ଥଙ୍କ ଚୁଟି ଭିଡ଼ି ମାଡ଼ ମାରିଥିବାର ଭିଡିଓ ଭାଇରାଲ ହୋଇଥିଲା । ଏହି ଘଟଣା ପାଇଁ ଅବିମୁକ୍ତେଶ୍ୱରନାନ୍ଦ ଉତ୍ତର ପ୍ରଦେଶ ସରକାରଙ୍କୁ ଦାୟୀ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏପରି ହେଉଥିବା କହିଥିଲେ ।



ଉତ୍ତର ପ୍ରଦେଶ ନୋଏଡ଼ାରେ ଡ୍ରେନକୁ ଖସି ପ୍ରାଣ ହରାଇଥିବା ୨୭ ବର୍ଷୀୟ ସଫ୍ଟୱେୟାର ଇଞ୍ଜିନିୟର ଯୁବରାଜ ମେହେଟ୍ଟାଙ୍କ ଗାଡ଼ିକୁ ଉଦ୍ଧାର କରାଯାଇଛି । ଏହି ମାମଲାରେ ବିଲ୍ଡର ଅଭୟ କୁମାରଙ୍କୁ ଗିରଫ କରାଯାଇଛି । ଅନ୍ୟ ଜଣେ ମାଲିକଙ୍କୁ ସନ୍ଧାନ କରାଯାଉଛି ।

# ମୁମ୍ବାଇ ଭଳି ଆକ୍ରମଣ ପାଇଁ ଲସ୍କରର ପ୍ରସ୍ତୁତି

ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ଆତଙ୍କବାଦୀକୁ ରାଷ୍ଟ୍ରନୀତି କରିଥିବା ପାକିସ୍ତାନ ଭାରତ ବିରୋଧରେ କ୍ରମାଗତ ଭାବେ ଷଡ଼ଯନ୍ତ୍ର କରିଚାଲିଛି । ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇ ସମର୍ଥନରେ ଏଥିପାଇଁ ଆତଙ୍କବାଦୀ ସଂଗଠନ ଗୁଡ଼ିକ ପ୍ରୟାସ କରୁଛନ୍ତି । ଭାରତର ବିଭିନ୍ନ ସ୍ଥାନରେ ମୁମ୍ବଇ ଭଳି ଆକ୍ରମଣ କରିବାକୁ ଆତଙ୍କବାଦୀ ଯୋଜନା କରୁଛନ୍ତି । ଏବେ ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ଆତଙ୍କବାଦୀ ସଂଗଠନ

**ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରୁଛି ଏଲ୍‌ଇଟି**

ଲସ୍କର-ଇ-ତୋଏବା (ଏଲଇଟି)ର ଏହି ଭିଡିଓ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତା ବଢ଼ାଇ ଦେଉଛି । ଏହି ଭିଡିଓରେ ଦେଖିବାକୁ ମିଳୁଛି ଯେ ଏଲଇଟି ଏବଂ ଏହାର ରାଜନୈତିକ ଶାଖା ପାକିସ୍ତାନ ମର୍କଜ ମୁସଲିମ ଲିଗ୍ ସହ ଜଡିତ ବ୍ୟକ୍ତି ଜଳପଥରେ ଆକ୍ରମଣ ପାଇଁ ଆତଙ୍କବଦୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ସମୁଦ୍ର ପଥରେ ଡଙ୍ଗା ମାଧ୍ୟମରେ ଲମ୍ବା ଯାତ୍ରା ପାଇଁ ଅଭ୍ୟାସ କରାଯାଉଛି । ଏହି ଆତଙ୍କବାଦୀ ସଂଗଠନ ସାମୁଦ୍ରିକ ଆକ୍ରମଣ ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ପ୍ରସ୍ତୁତ କରୁଛି । ୨୦୦୮ରେ ମୁମ୍ବଇ ଆତଙ୍କବାଦୀ ଆକ୍ରମଣକାରୀ ମଧ୍ୟ ଡଙ୍ଗା ମାଧ୍ୟମରେ ସମୁଦ୍ର ପଥ ଦେଇ ଆସିଥିଲେ । ତେଣୁ ଏହି ଭିଡିଓକୁ ଗମ୍ଭୀରତାର ସହ ବିଚାର କରାଯାଉଛି । ପୂର୍ବରୁ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ) ମୁଖ୍ୟ ମାସୁଦ ଆଝାର ଭାରତକୁ ଧମକ ଦେଇଥିଲା । ସେ ଏକ ଭିଡିଓରେ ଭାରତରେ ଆକ୍ରମଣ ପାଇଁ ଆତ୍ମଘାତୀଙ୍କ ସେନା ପ୍ରସ୍ତୁତ କରିଥିବା କହିଥିଲା । ଏବେ ଏଲଇଟିର ଭିଡିଓ ଭାଇରାଲ ହେଉଛି । ଏଥିରେ ଏଲଇଟି କମାଣ୍ଡର ହରିଶ ଡାର ଆତଙ୍କବାଦୀକୁ ପ୍ରଶିକ୍ଷଣ ଦେଉଥିବା ଦେଖାଯାଉଛି । ସେ ସ୍କୁବା ଡାଇଭିଂ, ପହଁରା, ଡଙ୍ଗା ପରିଚାଳନା ଓ ଉଦ୍ଧାର ଭଳି କାର୍ଯ୍ୟକଳାପ ବିଷୟରେ ସୂଚନା ଦେଉଛି । ଅନ୍ୟ ଜଣେ ଲସ୍କର କମାଣ୍ଡର କହୁଛି ଯେ ସଂଗଠନ ଏକ ଜଳ ବାହିନୀ ପ୍ରସ୍ତୁତ କରୁଛି । ୧୩୫ ଜଣଙ୍କୁ ଡଙ୍ଗା ଚଳାଇବା ପାଇଁ ତାଲିମ ଦିଆଯାଇଛି । କିଛି ଦିନ ତଳେ ଏଲଇଟି କମାଣ୍ଡର ଆମିର ଜିଆ ଭାରତରେ ବିନାଶ ଓ ପାକ୍ ଅଧିକୃତ କାଶ୍ମୀରରେ ଜିହାଦ ଆରମ୍ଭ କରିବାକୁ ଧମକ ଦେଇଥିଲା ।

# ଅଶ୍ଳୀଳ ଭିଡିଓ ଭାଇରାଲ ପରେ କର୍ଣ୍ଣାଟକ ଡିଜିପି ନିଲମ୍ବିତ

ବେଙ୍ଗାଲୁରୁ, ୨୦।୧ (ଏଜେନ୍ସି): ଅଶ୍ଳୀଳ ଭିଡିଓ ଭାଇରାଲ ହେବା ପରେ କର୍ଣ୍ଣାଟକ ଡିଜିପି (ସିଭିଲ ରାଇଟ୍ସ ଏନଫୋର୍ସମେଣ୍ଟ) କେ ରାମଚନ୍ଦ୍ର ରାଓଙ୍କୁ ସରକାର ନିଲମ୍ବନ କରିଦେଇଛନ୍ତି । ସୋମବାର ଭାଇରାଲ ହୋଇଥିବା ଭିଡିଓରେ ରାମଚନ୍ଦ୍ର ରାଓଙ୍କୁ ଅନେକ ମହିଳାଙ୍କ ସହ ଆପତ୍ତି ଜନକ ଅବସ୍ଥାରେ ଦେଖା ଯାଇଥିଲା । ମାତ୍ର ସେ ଏହି ଭିଡିଓକୁ ନକଲି କହି ଖଣ୍ଡନ କରିଦେଇଥିଲେ । ଏଆଇ ଦ୍ୱାରା ଅନେକ ଭିଡିଓ ପ୍ରସ୍ତୁତ କରିହେବ ବୋଲି ଉଲ୍ଲେଖ କରିଥିଲେ । ଭାବମୂର୍ତ୍ତିକୁ ଖରାପ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି । ଭିଡିଓ ପଛର ସତ୍ୟତା ଉନ୍ମୋଚନ ପାଇଁ ଫରେନସିକ୍ ତଦନ୍ତ ଦାବି କରିଥିଲେ । କିନ୍ତୁ ସରକାର ତାଙ୍କର ଏହି ଯୁକ୍ତିକୁ ସ୍ୱୀକାର କରିନାହାନ୍ତି ।

ଭିଡିଓ ଭାଇରାଲ ହେବା ପରେ ରାମଚନ୍ଦ୍ର ରାଓ କର୍ଣ୍ଣାଟକର ଗୃହମନ୍ତ୍ରୀ ଜି. ପରମେଶ୍ୱରଙ୍କୁ ଭେଟିବାକୁ ଯାଇଥିଲେ । ମାତ୍ର ସେଠାରୁ ତାଙ୍କୁ ସାକ୍ଷାତ କରି ନ ପାରି ଫେରି ଆସିଥିଲେ । ସାମାଜିକ ଗଣମାଧ୍ୟମରେ ଭାଇରାଲ ଭିଡିଓରେ ଦେଖାଯାଉଛି ଯେ ଚୌକିରେ ବସିଥିବା ରାମଚନ୍ଦ୍ରଙ୍କୁ ଆପତ୍ତିଜନକ ସ୍ଥିତିରେ ଅନେକ ମହିଳା



ଘେରି ରହିଛନ୍ତି । ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏହି ମାମଲାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସେ ଏହାର ଏକ ବିସ୍ତୃତ ରିପୋର୍ଟ ମାଗିଛନ୍ତି । ସିଦ୍ଧରମେୟା କହିଛନ୍ତି ଯେ ତାଙ୍କୁ ସୋମବାର ଭିଡିଓ ବିଷୟରେ ଅବଗତ କରାଯାଇଥିଲା । ଏଥିରେ ତିନୋଟି ଭିଡିଓକୁ ଏକାଠି ଯୋଡ଼ା ହୋଇଛି । ଭୁଲ ଥିଲେ ଅଧିକାରୀ ଯେତେ ବରିଷ୍ଠ ହେଲେ ବି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଭିଡିଓଟି କେଉଁ ପରିସ୍ଥିତିରେ ରେକର୍ଡ କରାଯାଇଥିଲା ଓ କିଏ ଏହାକୁ ଭାଇରାଲ କରିଥିଲା ତାହାର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ରାଓଙ୍କ ସାବତ ଝିଅ ରନ୍ୟା ରାଓ ପୂର୍ବରୁ ସୁନା ଚୋରା ଚାଲାଣ ମାମଲାରେ ଫସି ଥିଲେ । ଏହାକୁ ନେଇ ରାମଚନ୍ଦ୍ର ରାଓ ଚର୍ଚ୍ଚାରେ ଥିଲେ । ତେବେ ଝିଅ ସହ ତାଙ୍କର କୌଣସି ସମ୍ପର୍କ ନ ଥିବା କହିଥିଲେ । ସେହିପରି ରାଓ ଦକ୍ଷିଣ ରେଞ୍ଜର ପୁଲିସ ମହାନିରୀକ୍ଷକ (ଆଇଜିପି) ଭାବରେ କାର୍ଯ୍ୟ କରୁଥିବା ବେଳେ ୨୦୧୪ରେ ତାଙ୍କ ବିରୋଧରେ ବିବାଦୀୟ ଟଙ୍କା ଜବତ ମାମଲା ଲାଗିଥିଲା ।

# ଆସାମରେ ହିଂସା; ଥାନା ଜାଳିଦେଲେ, କୋକରାଝରରେ ଇଣ୍ଟରନେଟ୍ ବନ୍ଦ

କୋକରାଝର, ୨୦।୧ (ଏଜେନ୍ସି): ନିର୍ବାଚନ ପୂର୍ବରୁ ଆସାମରେ ପୁଣି ହିଂସା ହୋଇଛି । ଲୋକେ ଜଣକୁ ପିଟି ପିଟି ମାରି ଦେବା ପରେ କୋକରାଝାରରେ ବୋଡୋ ସମୁଦାୟ ଏବଂ ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି । ଏହାକୁ ନେଇ ଉଭୟ ସମ୍ପ୍ରଦାୟ ଘର ଏବଂ କରିଗାଓଁ ପୁଲିସ ପୋଷ୍ଟକୁ ଜାଳି ଦେଇଛନ୍ତି । ଲୋକେ ଟାୟାର ଜାଳି କରିଗାଁଓ ଦେଇ ଯାଇଥିବା ଜାତୀୟ ରାଜପଥ ବନ୍ଦ କରିଦେଇଛନ୍ତି । ଆଇନ ବ୍ୟବସ୍ଥା ସ୍ଥିତି ବିଗିଡୁଥିବା ଦେଖି ପ୍ରଶାସନ ର‌୍ୟାପିଡ ଆକ୍ସନ ଫୋର୍ସନ ମୁତୟନ କରିଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଇଣ୍ଟରନେଟକୁ ବନ୍ଦ କରିଦିଆଯାଇଛି । ସୂଚନା ଅନୁଯାୟୀ, ସୋମବାର ରାତିରେ କରିଗାଓଁ ଛକ ନିକଟସ୍ଥ ମାନସିଂହ ମାର୍ଗରେ ଗୋଟିଏ ଗାଡ଼ି ଦୁଇ ଆଦିବାସୀ ଯୁବକଙ୍କୁ ଧକ୍କା ଦେଇଥିଲା । ଏହି କାର୍‌ରେ ବୋଡୋ ସମ୍ପ୍ରଦାୟର ତିନି ଜଣ ଲୋକ ଥିଲେ । ଦୁର୍ଘଟଣା ପରେ କାର୍‌ରେ ଯାଉଥିବା ଲୋକଙ୍କୁ ଆଦିବାସୀ ମାଡ଼ ମାରି ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ । ଏଥିରେ ଗୁରୁତର ଆହତ ହୋଇଥିବା ଜଣେ ବ୍ୟକ୍ତି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ । ସେ ଠିକାଦାର ମରାଣ୍ଡା ବସୁମତାରିଙ୍କ ଜ୍ୱାଇଁ ଥିଲେ । ସେ ଅଞ୍ଚଳରେ ଚାଲୁଥିବା ସଡ଼କ ନିର୍ମାଣ ପ୍ରକଳ୍ପରେ ସାମିଲ ଥିଲେ ।

# ଖୁବଶୀଘ୍ର ପାକିସ୍ତାନ ଗଠନର ଲକ୍ଷ୍ୟ ହାସଲ ହେବ: ମୁନୀର

ଇସଲାମାବାଦ, ୨୦।୧ (ଏଜେନ୍ସି): ଇସଲାମ ନାମରେ ଗଠିତ ପାକିସ୍ତାନ ଖୁବଶୀଘ୍ର ନିଜ ଲକ୍ଷ୍ୟ ପୂରଣ କରିବାକୁ ଯାଉଛି । ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନୀର ଏକ ସାକ୍ଷାତକାରରେ ରବିବାରଏହି ଟିପ୍ପଣୀ ଦେଇଛନ୍ତି । ଏହି ଅବସରରେ ସେ ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ନାତି ଜୁନୈଦ ସଫଦରଙ୍କ ବିବାହ ଭୋଜିରେ ସାମିଲ ହେବାକୁ ଆସିଥିଲେ । ଏଥିରେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ, ନୱାଜ ସରିଫ, ମରିୟମ ନୱାଜ, ଅନେକ ବରିଷ୍ଠ ନେତା, ମନ୍ତ୍ରୀ ଏବଂ ସାମରିକ ଅଧିକାରୀ ଉପସ୍ଥିତ ଥିଲେ । ଏଠାରେ ମୁନୀର କହିଥିଲେ ଯେ ପାକିସ୍ତାନର ମୂଳଦୁଆ ହେଉଛି ଇସଲାମ । ଦେଶ ସ୍ଥିର ଭାବରେ ନିଜର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛି । ବିଶ୍ୱର ଇସଲାମିକ ଦେଶଗୁଡ଼ିକ ପାକିସ୍ତାନକୁ ଚିହ୍ନିଛନ୍ତି । ଆଲ୍ଲାହଙ୍କ କୃପା ସହିତ ଆମେ ଆଗକୁ ବଢୁଛୁ । ଲକ୍ଷ୍ୟ ହାସଲରେ ଆମେ ସଫଳ ହେବୁ । ବିଶ୍ୱ ସ୍ତରରେ ପାକିସ୍ତାନ ଆର୍ଥିକ ପ୍ରଭାବ ଏବଂ ସ୍ଥିତିରେ ଯଥେଷ୍ଟ ଉନ୍ନତି ହୋଇଛି । ଯଦି ବ୍ୟକ୍ତିଗତ ଭାବରେ ମୋତେ କୌଣସି ପ୍ରଶଂସା ମିଳୁଛି ତେବେ ତାହା ଆଲ୍ଲାଙ୍କ କୃପାରୁ ସମ୍ଭବ ହୋଇପାରିଛି । ମୁନୀରଙ୍କ ଏହି ମନ୍ତବ୍ୟକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଯୋଡ଼ି ଦେଖାଯାଉଛି । ପାକିସ୍ତାନରେ ଥିବା ଖଣିଜ ସମ୍ପତ୍ତି ଦେବାକୁ ମୁନୀର ଟ୍ରମ୍ପଙ୍କୁ ଆଶ୍ୱାସନା ଦେଇଥିଲେ ବୋଲି କୁହାଯାଉଛି ।

## ନିବେଶ ଆଳରେ ୨କୋଟିର ଚୂନ

କଟକ,୨୦।୧(ସମିସ): ସୋସିଆଲ ମିଡିଆରେ ଯୋଗାଯୋଗ ସ୍ଥାପନ କରି ହ୍ୱାଟସଆପ୍ ଗ୍ରୁପ୍ ଜରିଆରେ ଅନଲାଇନ ଅର୍ଥ ବିନିଯୋଗ ନାଁରେ ହେଉଥିବା ବଡ଼ଧରଣର ସାଇବର ଠକେଇ ଘଟଣାରେ ଓଡ଼ିଶା କ୍ରାଇମବ୍ରାଞ୍ଚକୁ ଏକ ବଡ଼ ସଫଳତା ମିଳିଛି। ଦୁଇଟି ପୃଥକ ମାମଲାରେ କ୍ରାଇମବ୍ରାଞ୍ଚ ଦଳ ଉତ୍ତରାଖଣ୍ଡ ଏବଂ ମହାରାଷ୍ଟ୍ରରୁ ଦୁଇଜଣ




ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଧିକ ସୁଧର ପ୍ରଲୋଭନ ଦେଖାଇ ଦୁଇ ଅଭିଯୁକ୍ତ ନିରୀହ ଲୋକଙ୍କଠାରୁ ପ୍ରାୟ ୨ କୋଟିରୁ ଅଧିକ ଟଙ୍କା ଠକେଇ କରିଥିଲେ। ଗିରଫଦ୍ୱୟ ହେଲେ, ଉତ୍ତରାଖଣ୍ଡ ଡେରାଡୁନ ବିକାଶ ନଗରର ଅଭିଷେକ ଚାନ୍ଦେଲ(୩୯) ଓ ମହାରାଷ୍ଟ୍ର ଅନ୍ଧେରୀର ମହିଳା ଅଭିଯୁକ୍ତ ଜିନାଲି ଜଗଦୀଶ ଶାହ(୩୨)।

ଅଭିଷେକ ସୋସିଆଲ ମିଡିଆ ଜରିଆରେ ଲୋକଙ୍କୁ ଯୋଗାଯୋଗ କରି ପ୍ରଲୋଭନ ଦେଖାଉଥିଲା। ଯିଏ ତା' ଜାଲରେ ଫସୁଥିଲା, ତାହାର ଆକାଉଣ୍ଟ ଖାଲି କରିଦେଉଥିଲା। ସେ ନିବେଶକାରୀଙ୍କୁ 'କଲେକ୍ସନ ଷ୍ଟାଇଲ' ନାମକ ଏକ ହ୍ୱାଟସଆପ୍ ଗ୍ରୁପରେ ସାମିଲ କରୁଥିଲା। ଏଭଳି ଭାବେ ସେ ପ୍ରାୟ ୭୩ ଲକ୍ଷ ୫୬ ହଜାର ୩୫୪ଟଙ୍କା ଠକି ନେଇଥିଲା। ପ୍ରଥମ ଘଟଣାରେ, କ୍ରାଇମବ୍ରାଞ୍ଚର ସାଇବର ପୁଲିସ ଥାନାରେ ମାମଲା ରୁଜୁ ହୋଇଥିଲା। ଇନ୍ସପେକ୍ଟର ଗୀତାଞ୍ଜଳି ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଡେରାଡୁନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଧରିଥିଲେ। ଅଭିଯୁକ୍ତ ନିକଟରୁ ମୋବାଇଲ୍ ଫୋନ୍ ଏବଂ ସିମ୍‌କାର୍ଡ ଜବତ କରାଯାଇଛି। ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯିବା ପରେ ତାଙ୍କୁ ଚଣ୍ଡିଖୋଲ ଜେଏମଏଫସି କୋର୍ଟରେ ହାଜର

**ଉତ୍ତରାଖଣ୍ଡ ଓ ମହାରାଷ୍ଟ୍ରରୁ ୨ଅଭିଯୁକ୍ତ ଗିରଫ**

କରାଯିବ। ଦ୍ୱିତୀୟ ମାମଲାରେ ଅଭିଯୁକ୍ତ ମହାରାଷ୍ଟ୍ର ଥାନେ ଅଞ୍ଚଳର ଜିନାଲି ପୂର୍ବପରି ଏଠାରେ ମଧ୍ୟ ସୋସିଆଲ ମିଡିଆ ଏବଂ ହ୍ୱାଟସଆପ୍ ଗ୍ରୁପ୍ ମାଧ୍ୟମରେ ପୀଡ଼ିତଙ୍କୁ ଫସାଯାଇଥିଲା। ଆଇପିଓ ଓ ଓଟିସି ଟ୍ରେଡିଂ ନାମରେ ନିବେଶ କରିଲେ ବହୁତ ଲାଭ ହେବ ବୋଲି ପ୍ରଲୋଭନ ଦେଖାଇଥିଲା। ପୀଡ଼ିତ ପ୍ରାୟ ୧ କୋଟି ୪୦ଲକ୍ଷ ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଆଉ ଫେରିନପାଇବାରୁ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଏହି ମାମଲାରେ ଇନ୍ସପେକ୍ଟର ଆଶୁତୋଷ ହୋତାଙ୍କ ନେତୃତ୍ୱରେ ଏକ ଟିମ୍ ମୁମ୍ବାଇରେ ଚଢ଼ଉ କରି ଜିନାଲିଙ୍କୁ ଗିରଫ କରିଥିଲେ । ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଏସଡିଜେଏମ କୋର୍ଟରେ ହାଜର କରାଯିବ।

**ଲୋକଙ୍କୁ ହଜମ ହେଉନାହିଁ ସଂସ୍କୃତି ବିଭାଗର ବାଛବିଚାର**

## ରମାଦେବୀଙ୍କୁ ଭୁଲିଥିଲେ, ପାର୍ବତୀ ଗିରିଙ୍କୁ ବି ଭୁଲିଗଲେ

ଭୁବନେଶ୍ୱର, ୨୦।୧ (ସମିସ): ମା' ରମାଦେବୀଙ୍କ ୧୨୫ତମ ଜନ୍ମ ବାର୍ଷିକୀକୁ ବର୍ଷ ବ୍ୟାପୀ ଭବ୍ୟ ଉତ୍ସବ ରୂପେ ପାଳନ କରିବାକୁ ଘୋଷଣା କରି ବି ଶେଷ ମୁହୂର୍ତ୍ତରେରାଜ୍ୟ ସରକାର ଭୁଲିଗଲେ। ଯାହାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ ବିଧାନସଭା ଭିତରେ ଏବଂ ବାହାରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହାପରେ ସରକାର ନିଜ ତ୍ରୁଟିରୁ ଶିକ୍ଷାଲାଭ କରିବେ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି ହୋଇଥିଲା। ମାତ୍ର ସାଧାରଣ ଲୋକଙ୍କ ଏହି ଧାରଣା ଭୁଲ ସାବ୍ୟସ୍ତ ହୋଇଛି। ପୂର୍ବ ତ୍ରୁଟିରୁ ସଂସ୍କୃତି ବିଭାଗ କିଛି ଶିଖି ପାରିଲା ନାହିଁ । ମା' ରମାଦେବୀଙ୍କ ପରି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀକୁ ନେଇ ମଧ୍ୟ ସମାନ ଆଭିମୁଖ୍ୟ ପୋଷଣ କରିଛନ୍ତି। ସୋମବାର ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀରେ ଶ୍ରଦ୍ଧାଞ୍ଜଳି କେବଳ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୀମିତ ରହିଛି। ମୁଖ୍ୟମନ୍ତ୍ରୀ, ସଂସ୍କୃତିମନ୍ତ୍ରୀ ଟ୍ୱିଟ୍ କରି ପାର୍ବତୀ ଗିରିଙ୍କ ସ୍ମୃତିଚାରଣ କରିଛନ୍ତି; ମାତ୍ର ବିଭାଗ ପକ୍ଷରୁ ପାର୍ବତୀ ଗିରିଙ୍କ ସମ୍ମାନାର୍ଥେ ରାଜ୍ୟସ୍ତରୀୟ ତ ଦୂରର କଥା ରାଜଧାନୀରେ ସାଧାରଣ କାର୍ଯ୍ୟକ୍ରମଟିଏ ଆୟୋଜନ କରାଯାଇ ନାହିଁ। କେବଳ ହାଜିରା ପକାଇବା ପରି ବରଗଡ଼ରେ କାର୍ଯ୍ୟକ୍ରମ ଆୟୋଜନ କରି ସଂସ୍କୃତି ବିଭାଗ ନିଜ କାମ ସାରି ଦେଇଛି। ପାର୍ବତୀ ଗିରିଙ୍କ ଜନ୍ମମାଟି ସମଲାଇ ପଦରରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ବହୁ ବୁଦ୍ଧିଜୀବୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଓଡ଼ିଆ ଅସ୍ମିତାର ଧ୍ୱନୀ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ପୂଜ୍ୟପୂଜା କ୍ଷେତ୍ରରେ ପାତରଅନ୍ତର କରୁଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଓଡ଼ିଶାରେ ପ୍ରଥମଥର ପାଇଁ ଅହଲ୍ୟାବାଇ

- ସରକାର ପାଳିଲେ ଅହଲ୍ୟା ବାଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
- ବହ୍ନିକନ୍ୟା ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଖାଲି 'ଏକ୍ସ'ରେ ସୀମିତ
- କେବଳ ବରଗଡ଼ ଜିଲ୍ଲାରେ ସୀମିତ ରହିଲା ଜୟନ୍ତୀ କାର୍ଯ୍ୟକ୍ରମ

ହୋଲକରଙ୍କ ୩୦୦ ତମ ଜୟନ୍ତୀ ଧୁମଧାମରେ ପାଳିଲେ। ଏଥିପାଇଁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କଲେ; ସ୍ୱାଧୀନତା ଆନ୍ଦୋଳନର ବହ୍ନିକନ୍ୟା ପାର୍ବତୀ ଗିରିଙ୍କୁ ପୁରା ପାଶୋରିଗଲେ। ଅସ୍ମିତା ସରକାରଙ୍କର ପୂଜ୍ୟପୂଜା କଣ ଏମିତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଗତଦିନରେରାଣୀଅହଲ୍ୟାବାଇହୋଲକରଙ୍କ ୩୦୦ତମ ଜୟନ୍ତୀ ପାଳନ ସକାଶେ ବିଜେପି ରାଜ୍ୟସ୍ତରୀୟ କର୍ମଶାଳା କରିଥିଲଶ। ସରକାରଙ୍କ ସଂସ୍କୃତି ବିଭାଗ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ ଅତିଥି ରୂପେ ଯୋଗ ଦେଇଥିଲେ। ରାଣୀ ହୋଲକର ଓଡ଼ିଶାର ହୋଇ ନ ଥିଲେ ମଧ୍ୟ ସର୍ବଭାରତୀୟସ୍ତରରେ ତାଙ୍କର ଯୋଗଦାନକୁ ମନେ ପକାଇ ତାଙ୍କର ସ୍ମୃତିଚାରଣକୁ ସେତେବେଳେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ମା ରମାଦେବୀଙ୍କ ବର୍ଷବ୍ୟାପୀ ୧୨୫ତମ ଜନ୍ମବାର୍ଷିକୀ ତଥା ପାର୍ବତୀ ଗିରିଙ୍କ ୧୦୦ତମ ଜୟନ୍ତୀକୁ ରାଜ୍ୟ ସରକାର ଧୁମଧାମରେ ପାଳନ କରିବେ ବୋଲି ସେତେବେଳେ ଆଲୋଚନା ହୋଇଥିଲା। ଏପରିକି ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀକୁ ବର୍ଷବ୍ୟାପୀ ପାଳନ ନେଇ ପୂର୍ବରୁ ସରକାର ଘୋଷଣା ମଧ୍ୟ କରିଥିଲେ। ତେବେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଦୂରରେ ଥାଉ, ସରକାର ୧୨୬ତମ ଜନ୍ମ ବାର୍ଷିକୀକୁ କଳିଙ୍ଗ ଷ୍ଟାଡିୟମର ଟେନିସ କୋର୍ଟରେ ଆୟୋଜନ କରାଗଲା। ଏହି ଘଟଣାକୁ ନେଇ ସେତେବେଳେ ସରକାରଙ୍କୁ ବିରୋଧୀ ଦଳଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବି, ସାହିତ୍ୟିକ, ସାଧାରଣ ଲୋକେ କଡ଼ା ସମାଲୋଚନା କରିଥିଲେ। ଏବେ ପାର୍ବତୀ ଗିରିଙ୍କ ଜୟନ୍ତୀ ଶତବାର୍ଷିକୀ ଉତ୍ସବରେ ଅନୁରୂପ ଘଟଣା ଘଟିଛି।

ସୋମବାର ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମ ଏକ୍ସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏକ୍ସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ। ମାତ୍ର ସଂସ୍କୃତି ବିଭାଗ ଏହାକୁ ପୁରା ଭୁଲିଗଲା। ଏଥିପାଇଁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମଟେ ଆୟୋଜନ କରାଯାଇ ପାରିଲା ନାହିଁ। କିଛିଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ମନ କି ବାତ୍ କାର୍ଯ୍ୟକ୍ରମରେ ପାର୍ବତୀ ଗିରିଙ୍କ କଥା ଉଲ୍ଲେଖ କରିଥିଲେ। ଏହାସତ୍ତ୍ୱେ ରାଜ୍ୟ ସରକାର ତାଙ୍କୁ ଉଚିତ୍ ସମ୍ମାନ ନ ଦେବା ଅତ୍ୟନ୍ତ ପରିତାପ ତଥା ଦୁର୍ଭାଗ୍ୟର କଥା ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଅଦମ୍ୟ ସାହସ ଓ ଦେଶପ୍ରେମ ଲାଗି ଖୁବ୍ କମ ବୟସରେ ସେ ଘର ଛାଡିଥିଲେ । ମା' ରମାଦେବୀଙ୍କ ପଞ୍ଚକନ୍ୟା ମଧ୍ୟରୁ ଅନ୍ୟତମ ପାର୍ବତୀ ଗିରି ବ୍ରିଟିଶ ବିରୋଧରେ ଲୋକଙ୍କୁ ସଂଗଠିତ କରିଥିଲେ। ବହ୍ନିକନ୍ୟା ନାମରେ ପରିଚିତ ଏପରି ମହିୟସୀ ମହିଳାଙ୍କୁ ସରକାରଙ୍କ ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀ ମହଲ ମତପ୍ରକାଶ କରିଛନ୍ତି। ଓଡ଼ିଆ ଅସ୍ମିତାର ନାରା ଦେଇ ବିଜେପି ରାଜ୍ୟରେ କ୍ଷମତାକୁ ଆସିଥିଲା। ପ୍ରତିଟି କ୍ଷେତ୍ରରେ ଓଡ଼ିଆଙ୍କ ସ୍ୱାଭିମାନକୁ ସର୍ବାଗ୍ରେ ରଖିବ ବୋଲି ବିଜେପି ନେତାଏ ଘୋଷଣା କରିଥିଲେ। ମାତ୍ର ୧୯ ମାସର ଶାସନରେ ରାଜ୍ୟ ବିଜେପି ସରକାରଙ୍କ ଏପରି କାର୍ଯ୍ୟକଳାପ ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି ।

## ନୂଆ ରୂପ ନେବ ଯୋରନ୍ଦା ମହିମା ମନ୍ଦିର




ଭୁବନେଶ୍ୱର, ୨୦।୧(ସମିସ): ମହିମା ଧର୍ମର ପ୍ରମୁଖ ପୀଠ ତଥା ଯୋରନ୍ଦାସ୍ଥିତ ମହିମାମନ୍ଦିରର ହେବ ସୌନ୍ଦର୍ଯ୍ୟୀକରଣ। ମହିମା ମନ୍ଦିର ବା ଶୂନ୍ୟମନ୍ଦିର ଭିତରେ ଥାଇ ଏହାକୁ ଆବୃତ୍ତ କରି ତା' ଉପରେ ଏକ ସୁଉଚ୍ଚ ତଥା ଭବ୍ୟ ମନ୍ଦିର ନିର୍ମାଣ କରାଯିବ। ଏଥିସହ ମନ୍ଦିର ପରିସରରେ ଥିବା ଅଖଣ୍ଡଜ୍ୟୋତି ମନ୍ଦିର, ଭଜନ ମଣ୍ଡପ, ପ୍ରାର୍ଥନା ଗୃହ ଏବଂ ପୁଷ୍କରିଣୀ ସହ ପାରିପାର୍ଶ୍ୱିକ ଉନ୍ନତୀକରଣ କରାଯିବ। ଏନେଇ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଲୋଚନା ହୋଇଛି। ୩ବର୍ଷ ମଧ୍ୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନକୁ ଏକ ନୂତନ ଦିଗ ଦେବ ବୋଲି ବୈଠକରେ କୁହାଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ମନ୍ଦିରର ରୋଷଘର, ଯାତ୍ରୀନିବାସ, ପାର୍କିଂ ବ୍ୟବସ୍ଥା ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ସମସ୍ତ ସାଧୁ, ମହିମା ଧର୍ମାବଲମ୍ବୀମାନଙ୍କ ସହ ଆଲୋଚନା କରି ଏହି ଉନ୍ନୟନ ପ୍ରକଳ୍ପର ନକ୍ସା ପ୍ରସ୍ତୁତ ହୋଇଛି

**ମନ୍ଦିର ପାରିପାର୍ଶ୍ୱିକ ଅଞ୍ଚଳର ହେବ ବିକାଶ**

ବୋଲି ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ସୂଚନା ଦେଇଛନ୍ତି। ବୈଠକରେ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ବେଳେ ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

■ କଟକ ସାଇବର ପୁଲିସ ପକ୍ଷରୁ ଚଢ଼ଉ

## ୧୫ ଲକ୍ଷ ଟଙ୍କା ଜବତ

ଧର୍ମଶାଳା,୨୦।୧(ସମିସ): ଧର୍ମଶାଳା ଥାନା ତରଞ୍ଜିଆ ପଞ୍ଚାୟତ ପୋବଳ ଗ୍ରାମର ଜଣେ ସାଇବର ଠକ ଘର ଉପରେ ଗତକାଲି ବିଳମ୍ବିତ ରାତିରେ ଚଢ଼ଉ କରାଯାଇଛି। ସୂଚନା ମୁତାବକ ପୋବଳ ଗ୍ରାମର ଚିତ୍ତ ଜେନାଙ୍କ ପୁଅ ସରୋଜ ଜେନା (୨୬) ମୋବାଇଲ ମାଧ୍ୟମରେ ସାଇବର ଠକେଇ କରି ଜଣେ ଲୋକଙ୍କ ପାଖରୁ ବିଭିନ୍ନ ସମୟରେ ନିଜ ଆକାଉଣ୍ଟ ଓ ନିଜ



ସମ୍ପର୍କିୟ ଆକାଉଣ୍ଟକୁ ୮୮ ଲକ୍ଷ ଠକି ନେଇଥିବା କଟକ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି କଟକ ସାଇବର ଥାନା ପୁଲିସ ଧର୍ମଶାଳା ପୁଲିସ ସହାୟତାରେ ଗତକାଲି ରାତିରେ ପୋବଳ ଗ୍ରାମସ୍ଥିତ ସରୋଜ ଜେନାଙ୍କ ଘରେ ଚଢ଼ଉ କରି ପାଖାପାଖି ୧୫ଲକ୍ଷ ଟଙ୍କା ଓ କିଛି ସୁନାରୁପା ଗହଣା ସମେତ ଏକ ବୁଲେଟ ବାଇକ୍ ଓ ଏକ ଇଲେଟ୍ରି ବାଇକକୁ ଜବତ କରିନେଇଛି। ଏଥିସହ ସ୍ଥାନୀୟ ଅଞ୍ଚଳର ୩ ଜଣ ଯୁବକଙ୍କୁ କଟକ ସାଇବର ପୁଲିସ ଉଠାଇ ନେଇଥିବା ଜଣାପଡିଛି। ତେବେ ସରୋଜ ଜେନା ଦିନ ସାରା କ୍ରିକେଟ ଖେଳରେ ମାତିଥିବା ବେଳେ ରାତିରେ ଏଭଳି ସାଇବର କ୍ରାଇମ କରିଥାଏ ବୋଲି ଧର୍ମଶାଳା ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

**ମାଧ୍ୟମିକ ଶିକ୍ଷା ପରିଷଦର ଆବେଦନ ହାଇକୋର୍ଟରେ ଖାରଜ**

## ଆନ୍ଧ୍ରର ମାଟ୍ରିକ ସାର୍ଟିଫିକେଟ୍ ଓଡ଼ିଶା ବୋର୍ଡ ସହ ସମାନ

କଟକ, ୨୦।୧(ସମିସ): ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏକ ଶିକ୍ଷାନୁଷ୍ଠାନରୁ ମାଟ୍ରିକ୍ ପାସ୍ କରିଥିବା ଜଣେ ପ୍ରାର୍ଥୀଙ୍କୁ ଦୀର୍ଘ ବର୍ଷ ପରେ ନ୍ୟାୟ ମିଳିଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଜଣେ ପ୍ରାର୍ଥୀଙ୍କ ପ୍ରମାଣପତ୍ରକୁ ଅବୈଧ ଘୋଷଣା କରି ତାଙ୍କୁ ସିଟି ପରୀକ୍ଷାରୁ ବଞ୍ଚିତ କରିବା ପ୍ରସଙ୍ଗରେ ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ।ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ରୁଜୁ ରିଟ୍ ଆବେଦନକୁ ଖାରଜ କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ପ୍ରାର୍ଥୀଙ୍କ ୨୦୧୩ ସିଟି ପରୀକ୍ଷା ଫଳାଫଳକୁ ତୁରନ୍ତ ପ୍ରକାଶ ସହ ଆଗାମୀ ୪ ସପ୍ତାହ ମଧ୍ୟରେ ଜଣିକିଆ ବିଚାରପତିଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ସମୟ ମଧ୍ୟରେ ବୋର୍ଡ ଏହାକୁ ପାଳନ ନକରେ, ତେବେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ ଯେ ପ୍ରତିପକ୍ଷ ପ୍ରାର୍ଥୀ ଚନ୍ଦ୍ରଜିତ ମହାନ୍ତି ୧୯୮୯ରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବ୍ରହ୍ମପୁରର ଏକ କଲେଜରୁ ମାଟ୍ରିକ ପାସ୍ କରିଥିଲେ। ସେହି ସାର୍ଟିଫିକେଟ୍ ଆଧାରରେ ସେ +୨, +୩ ଏବଂ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର ଡିଗ୍ରୀ ମଧ୍ୟ ହାସଲ କରିଥିଲେ। ଓଡ଼ିଶା ବୋର୍ଡ ସହ ଆନ୍ଧ୍ର ମାଟ୍ରିକ୍ ପ୍ରମାଣପତ୍ର ସମାନ ନୁହେଁ ବୋଲି ଦର୍ଶାଇ ପ୍ରତିପକ୍ଷ ପ୍ରାର୍ଥୀଙ୍କୁ ସିଟି ପରୀକ୍ଷାରୁ ବଞ୍ଚିତ କରାଯିବା ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଅନୁମତିକ୍ରମେ ସେ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ। ତେବେ ଜଣିକିଆ ବିଚାରପତିଙ୍କ ଆଦେଶକୁ ବିରୋଧ କରି ବୋର୍ଡ ପକ୍ଷରୁ ଦୁଇଜଣିଆ ଖଣ୍ଡପୀଠରେ ମାମଲା ରୁଜୁ ହୋଇଥିଲା। ଏତେ ବର୍ଷ ପରେ ସମ୍ପୃକ୍ତ ପ୍ରାର୍ଥୀଙ୍କ ମାଟ୍ରିକ ସାର୍ଟିଫିକେଟ୍‌କୁ ଓଡ଼ିଶା ବୋର୍ଡ ସହ ଅସମାନ ବୋଲି କହିବା ଅନୁଚିତ ବୋଲି ହାଇକୋର୍ଟ କହିଛନ୍ତି। ଯେହେତୁ ପ୍ରାର୍ଥୀ ସମ୍ପୂର୍ଣ୍ଣ ଭାବେ ଓଡ଼ିଆ ମାଧ୍ୟମରେ ପାଠ ପଢ଼ିଛନ୍ତି ଏବଂ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ ଉଚ୍ଚଶିକ୍ଷା ଶେଷ କରିଛନ୍ତି, ତେଣୁ ଏହି ସ୍ଥିତିରେ ବୋର୍ଡର ବାଧା ସୃଷ୍ଟି କରିବା ଗ୍ରହଣଯୋଗ୍ୟ ନୁହେଁ ବୋଲି ଅଦାଲତ କହିଛନ୍ତି। ବୋର୍ଡ ତା'ର ୧୯୯୮ର ଏକ ସର୍କୁଲାରରେ ଅନ୍ୟ ବୋର୍ଡର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାକୁ ୨୦.୦୯.୧୯୮୮ ପର୍ଯ୍ୟନ୍ତ ସମାନ ବୋଲି ମାନ୍ୟତା ଦେଇଥିଲା। କିନ୍ତୁ ୧୯୮୯ରେ ହୋଇଥିବା ପରୀକ୍ଷାକୁ କାହିଁକି ବାଦ୍ ଦିଆଗଲା, ସେନେଇ ହାଇକୋର୍ଟରେ ବୋର୍ଡ କୌଣସି ସନ୍ତୋଷଜନକ କାରଣ ଦର୍ଶାଇ ପାରିନଥିଲା।

## ଜେସିବିକୁ ଗୋଡ଼ାଇଲା କଲରାପତରିଆ

ନୂଆପଡା,୨୦।୧(ସମିସ):ନୂଆପଡା ବ୍ଲକ୍ କେନ୍ଦୁବାହାରା ପଞ୍ଚାୟତର ଗିଧନୀପାନୀଗାଁ ଅଞ୍ଚଳରେ କଲରାପତରିଆ ବାଘ ପଇଁତରା ମାରୁଥିବାବେଳେ ଗାଁର କୁକୁର, ବଳଦକୁ



ଆକ୍ରମଣ କରି ଲୋକଙ୍କୁ ମଧ୍ୟ ଟାର୍ଗେଟ କରୁଥିବା ଜଣାପଡିଛି। କ୍ଷେତରେ କାମ କରୁଥିବା ଜଣେ ଚାଷୀଙ୍କ ସହ ଜେସିବି ଗାଡିକୁ ପିଛା କରି ଗାଁ ପର୍ଯ୍ୟନ୍ତ ଦୌଡାଇଥିବା ଖବର ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ ନୂଆପଡା ଜିଲ୍ଲା ସଦର ମହକୁମା ଠାରୁ ଚଉଦ କିମି ଦୂର କେନ୍ଦୁବାହାରା ପଞ୍ଚାୟତ ଗିଧନୀପାନୀଗାଁରେ କଲରାପତରିଆ ବାଘ ବାରମ୍ବାର ଆସି ଘୁରିବୁଲୁଥିବାରୁ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ଦୁଇ ଦିନ ତଳେ ଗାଁର

**୨କୁକୁର ଖାଇ, ବଳଦକୁ ଘାଇଲା କରିଛି**

ଦୁଇଟି ବୁଲା କୁକୁରଙ୍କୁ ଟେକି ନେଇ ଖାଇଯାଇଥିବା ଗ୍ରାମବାସୀ କହିଛନ୍ତି। ଏହିଭଳି ଗାଁର ନନ୍ଦ କୁମାର ସିଦାର ନାମକ ଜନୈକ ଚାଷୀଙ୍କ ବଳଦକୁ ଆକ୍ରମଣ କରି ରକ୍ତାକ୍ତ କରିଛି।ସୋମବାର ରାତିରେ ଗାଁଠାରୁ ମାତ୍ର ୩ଶହ ମିଟର ଦୂରରେ ଗେନ୍ଦରାମ ବାରିକ ନାମକ ଜନୈକ ଚାଷୀ ନିଜ କ୍ଷେତରେ ଜେସିବି ସାହାଯ୍ୟରେ ଜମି ମରାମତି କାମ କରୁଥିଲେ। ଏହି ସମୟରେ ବାଘ ଆସି ଜଗି ରହିଥିଲା। ଜେସିବିରେ ଗେନ୍ଦରାମ ବସିବା ପରେ ଆଗେ ଆଗେ ଦୌଡିଥିଲା। ଡ୍ରାଇଭର ସହ ଭୟଭୀତ ହୋଇ ଗାଁକୁ ଚାଲିଆସିଥିଲେ। ଏହିଭଳି ଜଣେ ମହିଳା ବାସନ ସଫା କରୁଥିବା ସମୟରେ ମାତ୍ର ୩୦ ମିଟର ଦୂରରେ ବାଘ ଆସି ଜଗି ରହିଥିଲା। ଏଭଳି ସ୍ଥିତିରେ ବର୍ତ୍ତମାନ ଗାଁରେ ସଂଧ୍ୟା ହେଲେ ଲୋକେ ତାଟି କବାଟ ବନ୍ଦ କରିଦେଉଛନ୍ତି। ଖବର ପାଇ ନୂଆପଡା ବନବିଭାଗର ଅଧିକାରୀମାନେ ଗାଁରେ ପହଞ୍ଚି ଲୋକଙ୍କଠାରୁ ସବୁ ବିବରଣୀ ସଂଗ୍ରହ କରିଥିଲେ। ସମସ୍ତଙ୍କୁ ସଚେତନ ରହିବାକୁ ଅନୁରୋଧ କରିଛନ୍ତି।

## ପିଟିପିଟି ବଡ଼ ଭାଇକୁ ହତ୍ୟା

କେନ୍ଦୁଝର,୨୦।୧(ସମିସ): କେନ୍ଦୁଝର ସଦର ଥାନା ପଳାସପଙ୍ଗା ଫାଣ୍ଡି ଅଧୀନ ପର୍ଜନପୁର ପଞ୍ଚାୟତ କଶିରା ଗ୍ରାମରେ ବଡ଼ଭାଇଙ୍କୁ ଗୋଇଠା ବିଧା ମାରି ହତ୍ୟା କରିଛି ସାନ ଭାଇ। ମୃତକ ହେଲେ କଶିରା ଗାଁର ବୈଶାଖୁ ମୁଣ୍ଡାଙ୍କ ପୁଅ ସମ୍ବରା ମୁଣ୍ଡା(୨୭)। ଅଭିଯୁକ୍ତ ଭାଇ ଶୁକ୍ରା ମୁଣ୍ଡା(୨୨)ଙ୍କୁ ପଳାସପଙ୍ଗା ଫାଣ୍ଡି ପୁଲିସ ଅଟକ ରଖି ଥାନାକୁ ଆଣିଛି। ଏ ନେଇ ସଦର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଆଜି ସକାଳ ୧୦ଟା ବେଳେ ଉଭୟ ମଦ୍ୟପାନ କରିବା ପରେ ପରସ୍ପର ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଶୁକ୍ରା ସମ୍ବରାଙ୍କ ଛାତିକୁ ଶକ୍ତ ଗୋଇଠା ବିଧା ମାରିବା ଯୋଗୁଁ ସେ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ କେନ୍ଦୁଝର ଧରଣୀଧର ମେଡିକାଲକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାମଲା କ୍ରମେ ଶୁକ୍ରାଙ୍କୁ ଅଦାଲତ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଏସ୍ଆଇ ମାନସ ରଞ୍ଜନ ପଣ୍ଡା କହିଛନ୍ତି।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

ଲୋଇସିଂହା, ୨୦।୧(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନ ସାଲେଭଟା ଅଞ୍ଚଳରୁ ଆଜି ଜଣେ ଯୁବକଙ୍କ ଶବ ଉଦ୍ଧାର ହୋଇଛି। ମୃତକ ହେଲେ, ସାଲେଭଟା ଅଞ୍ଚଳର କିସନ ମହାପାତ୍ର। ଏକ ପୋଖରୀ କୂଳରୁ ଆଜି ତାଙ୍କର ଶବ ଜବତ ହୋଇଛି। ଗତ ରବିବାରଠାରୁ ସେ ନିଖୋଜ ଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି କିସନଙ୍କ ବଡ଼ଭାଇ କିଶୋର ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ସୂଚନାନୁସାରେ, କିସନ ଗତ ରବିବାରଠାରୁ ନିଖୋଜ ଥିଲେ। ପରିବାରଲୋକ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପତ୍ତା ନ ମିଳିବାରୁ ପରିବାରଲୋକ ସାଲେଭଟା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ତେବେ ମଙ୍ଗଳବାର ସକାଳୁ ସାଲେଭଟାର ଏକ ପୋଖରୀ ନିକଟରୁ ତାଙ୍କ ଶବ ଉଦ୍ଧାର ହୋଇଥିଲା। ମୁହଁ କଳା ପଡ଼ି ଚେହେରା ନଷ୍ଟ ହୋଇଯାଇଥିବା ବେଳେ ପେଟରେ କ୍ଷତ ଚିହ୍ନ ରହିଥିଲା। କେବଳ ପିନ୍ଧିଥିବା ବସ୍ତ୍ର ଦେଖି ସେ କିସନ ବୋଲି ପରିବାରଲୋକ ଚିହ୍ନଟ କରିଥିଲେ। କିଶୋରଙ୍କ କହିବା କଥା, କେହି ଦୁର୍ବୃତ୍ତ କିସନଙ୍କୁ ଅନ୍ୟତ୍ର ହତ୍ୟା କରି ଏଠାରେ ଫୋପାଡ଼ି ଦେଇଛି। ପୁଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟରୁ ଏହା ହତ୍ୟା ନା କୌଣସି ଅଘଟଣ, ତାହା ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## ହୀରାକୁଦରେ ୧୨୮ ପ୍ରଜାତିର ୪.୨୧ ଲକ୍ଷ ପକ୍ଷୀ

ସମ୍ବଲପୁର,୨୦।୧(ସମିସ): ହୀରାକୁଦ ଆଦ୍ରଭୂମିରେ ଚଳିତ ବର୍ଷ ୧୨୮ ପ୍ରଜାତିର ମୋଟ ୪ଲକ୍ଷ ୨୧ହଜାର ପକ୍ଷୀ ଚିହ୍ନଟ ହୋଇଛନ୍ତି। ଗତବର୍ଷ ତୁଳନାରେ ଅଧିକ ୫ପ୍ରଜାତିର ବିଦେଶୀ ପକ୍ଷୀ ଏଥର ହୀରାକୁଦ ଆସିଥିବା ଜଣାପଡ଼ିଛି।

ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍ ପକ୍ଷରୁ

**ଏଥର ଅଧିକ ୫ ପ୍ରଜାତିର ବିଦେଶୀ ପକ୍ଷୀ**

ସମ୍ବଲପୁର, ଝାରସୁଗୁଡ଼ା ଓ ସମ୍ବଲପୁର ବନ ବିଭାଗର ବନ କର୍ମଚାରୀଙ୍କ ସହଯୋଗରେ ମୋଟ ୩୮ଟି ଦଳ ଏହି ଗଣନା କରିଥିଲେ। ଜଣେ ଲେଖାଏଁ ପକ୍ଷୀ ବିଶେଷଜ୍ଞ ପ୍ରତିଟି ଦଳର ନେତୃତ୍ୱ ନେଇଥିଲେ। ଏହାସହ ସମ୍ବଲପୁର, ଝାରସୁଗୁଡ଼ା, ସୁବର୍ଣ୍ଣପୁର ଏବଂ ବଲାଙ୍ଗିରର ପକ୍ଷୀ କ୍ଲବ୍ ସମେତ ସରକାରୀ ଏବଂ ବେସରକାରୀ ସଂଗଠନ ଏବଂ ସ୍କୁଲ ଛାତ୍ରଙ୍କ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ୯୩ଜଣ



ଅଂଶଗ୍ରହଣକାରୀ ଏହି ଗଣନାରେ ଅଂଶଗ୍ରହଣ କରିଥିଲେ। ଓଭରଲାପିଂକୁ ଏଡ଼ାଇବା ପାଇଁ ଦଳଗୁଡ଼ିକୁ ସ୍ୱତନ୍ତ୍ର ସେକ୍ଟର କ୍ଷେତ୍ର ଦିଆଯାଇଥିଲା। ହୀରାକୁଦ ଡ୍ୟାମ୍‌ରୁ ଓଡ଼ିଶା-ଛତିଶଗଡ଼ ସୀମା ପର୍ଯ୍ୟନ୍ତ ଏବଂ ୫.୭୨କିମି ପାଓ୍ୱାର ଚ୍ୟାନେଲ ଅଞ୍ଚଳର ଆଦ୍ରଭୂମିରେ ୧୨୮ ପ୍ରଜାତିର ମୋଟ ୪.୨୧ ଲକ୍ଷ ପକ୍ଷୀଙ୍କ ସଂଖ୍ୟା ଆକଳନ କରାଯାଇଛି। ଚଳିତବର୍ଷ ୫ଟି ନୂତନ ପ୍ରଜାତି (ରୁଡି କ୍ରେକ୍, ଗ୍ରେଟର୍ ପେଣ୍ଟେଡ୍ ସ୍ନାଇପ୍, ପେଣ୍ଟେଡ୍ ଷ୍ଟର୍କ, ଲିଟିଲ୍ ଗଲ୍, ସାଣ୍ଡରଲିଙ୍ଗ) ମିଳିଛି, ଯାହା ପୂର୍ବବର୍ଷ ଗୁଡ଼ିକରେ ଦେଖାଯାଇନଥିଲା। ସାଧାରଣତଃ ଦେଖାଯାଉଥିବା ପକ୍ଷୀ (ୱାଡର) ଗୁଡ଼ିକ ହେଉଛି ଟଫ୍ଟେଡ୍ ଡକ୍, ହ୍ୱିସ୍ଲିଂ ଡକ୍, ଗ୍ରେବସ୍, ବାର୍ ହେଡେଡ୍ ଗୁଜ୍, ବ୍ରାହ୍ମିନୀ ଡକ୍, ଗାଡୱାଲ୍, ୟୁରେସିଆନ୍ ୱିଜିଅନ୍, ନର୍ଦ୍ଦର୍ଣ୍ଣ ପିନ୍‌ଟେଲ୍, ନର୍ଦ୍ଦର୍ଣ୍ଣ ଶୋଭଲର, ରେଡ୍ କ୍ରେଷ୍ଟେଡ୍ ପୋଚାର୍ଡ୍, ସ୍ୟାଣ୍ଡପାଇପର୍ସ ସହିତ ୬ ପ୍ରକାରର ଗଲ୍, ବିଭିନ୍ନ ପ୍ରକାରର ଟର୍ନ, ପ୍ରାଟିନ୍‌କୋଲ୍, ବିଭିନ୍ନ ପ୍ରକାରର କିଙ୍ଗଫିସର୍ସ, ଇଣ୍ଡିଆନ୍ ସ୍କିମର୍ସ, କରମୋରାଣ୍ଟ, ବିଭିନ୍ନ ପ୍ରକାରର ଏଗ୍ରେଟ୍ ଏବଂ ହେରନ୍, ପ୍ଲୋଭର୍ସ ଇତ୍ୟାଦି। ହୀରାକୁଦ ଜଳଭଣ୍ଡାର ମହାନଦୀର ଉପରମୁଣ୍ଡ (ଓଡିଶା ଆଡକୁ - ଛତିଶଗଡ଼ ସୀମାନ୍ତ) ସେକ୍ଟର ୭, ୮ ଏବଂ ୯ରେ ପକ୍ଷୀଙ୍କ ଅଧିକ ସମାଗମ ରେକର୍ଡ କରାଯାଇଥିବା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ସୂତ୍ରରୁ ପ୍ରକାଶ। ଏହି ଆଦ୍ରଭୂମିର ସେହି ଅଂଶରେ ଅଧିକ ବୁଡ଼ି ରହିଥିବା ଦ୍ୱୀପପୁଞ୍ଜ, ସୁସ୍ଥ ଜଳଚର ଉଦ୍ଭିଦ ଏବଂ ପ୍ରାଣୀ, ଶୀତକାଳୀନ ବାସ ଏବଂ ବସା ପାଇଁ ବାଲିବନ୍ଧର ଉପଲବ୍ଧତା, ମତ୍ସ୍ୟଜୀବୀଙ୍କ ଅପହଞ୍ଚ ଯୋଗୁଁ ଏହି ସମାଗମ ହୋଇଥାଇପାରେ। ୨୦୨୫ ମସିହା ପକ୍ଷୀ ଗଣନାରେ ମୋଟ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ୭୩୨ଟି ପକ୍ଷୀ ଠାବ କରାଯାଇଥିଲା।

**ସୂଚନା କମିସନକୁ ହାଇକୋର୍ଟ ଝଟ୍‌କା**

## ଆରଟିଆଇ ଆବେଦନ ଉପରେ କଟକଣା ରଦ୍ଦ

କଟକ, ୨୦।୧(ସମିସ): ସୂଚନା ଅଧିକାର ଆଇନ (ଆରଟିଆଇ) ଅଧୀନରେ ବାରମ୍ବାର ତଥ୍ୟ ମାଗୁଥିବା ଜଣେ ବ୍ୟକ୍ତିଙ୍କ ଉପରେ ଓଡ଼ିଶା ସୂଚନା କମିଶନ ଲଗାଇଥିବା କଟକଣାକୁ ଓଡ଼ିଶା ହାଇକୋର୍ଟ ରଦ୍ଦ କରିଛନ୍ତି। କମିଶନଙ୍କ ଏଭଳି ନିଷ୍ପତ୍ତି ଆଇନଗତ ଭାବେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଚିତ୍ତରଞ୍ଜନ ସେଠୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ବିରୋଧରେ ସୂଚନା କମିଶନଙ୍କ ପକ୍ଷରୁ ଲଗାଯାଇଥିବା ଗତ ୨୦୨୫ ସେପ୍ଟେମ୍ବର ୧୩ର କଟକଣାକୁ ହାଇକୋର୍ଟ ରଦ୍ଦ କରିବା ସହ ଆବେଦନକାରୀଙ୍କୁ ବାକି ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ବିଭିନ୍ନ ବିଭାଗରୁ ତଥ୍ୟ ମାଗିବା ପାଇଁ ଆରଟିଆଇ ଆବେଦନ କରିଥିଲେ ଆବେଦନକାରୀ। ଏ ସମ୍ପର୍କିତ ମାମଲାର ଶୁଣାଣି କରି ରାଜ୍ୟ ସୂଚନା କମିଶନ ଗତ ୧୩ସେପ୍ଟେମ୍ବର ୨୦୨୫ରେ ଏକ ନିର୍ଦ୍ଦେଶ ଦେଇଥିଲେ। ଯେଉଁଥିରେ ଆବେଦନକାରୀଜଣଙ୍କ ବାରମ୍ବାର ଗୋଟିଏ ପ୍ରକାରର ତଥ୍ୟ ମାଗୁଥିବା ଦର୍ଶାଇ କମିଶନ ତାଙ୍କ ଉପରେ ଏକବର୍ଷ ପାଇଁ ନୂତନ ଆବେଦନ କରିବାକୁ ବାରଣ କରିଥିଲେ। ସେ ବର୍ଷକୁ ସର୍ବାଧିକ ମାତ୍ର ୧୨ଟି ଆବେଦନ କରିପାରିବେ ବୋଲି ସୂଚନା କମିସନଙ୍କ ପକ୍ଷରୁ କଟକଣା ଜାରି କରାଯାଇଥିଲା। କମିସନଙ୍କ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଶ୍ରୀ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଣେ ବ୍ୟକ୍ତି ବାରମ୍ବାର ଆରଟିଆଇ ଆବେଦନ କରୁଥିଲେ ମଧ୍ୟ ସୂଚନା କମିଶନ ତାଙ୍କୁ ଭବିଷ୍ୟତରେ ଆବେଦନ କରିବାରୁ ରୋକିପାରିବେ ନାହିଁ। ଆବେଦନ ସଂଖ୍ୟା ସୀମିତ କରାଯାଇପାରିବ ନାହିଁ; ବର୍ଷକୁ ମାତ୍ର ୧୨ଟି ଆବେଦନ କରିବା ପାଇଁ ଯେଉଁ ସୀମା ନିର୍ଦ୍ଧାରଣ କରାଯାଇଛି, ତାହା ଯଥାର୍ଥ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

### ନୂଆପଡ଼ା ବିଧାନସଭା ବିକାଶ ସମିତି ବୈଠକ

# ସମର୍ପିତ ସେବା କରିବାକୁ ଅଧିକାରୀଙ୍କୁ ଆହ୍ୱାନ

ନୂଆପଡ଼ା, ୨୦।୧(ସମିସ)



ନୂଆପଡ଼ା ବିଧାନସଭା କ୍ଷେତ୍ର ବିକାଶ ସମିତି ବୈଠକ ସ୍ଥାନୀୟ ସଭାକକ୍ଷ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ନୂଆପଡ଼ା ଜୟ ଢୋଲକିଆ ଅଧ୍ୟକ୍ଷତା କରି ସମର୍ପିତ ଭାବରେ ଜନ ସାଧାରଣଙ୍କୁ ସେବା ଯୋଗାଇ ଦେବାପାଇଁ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଉପସ୍ଥିତିରେ ବିଧାୟକ ନୂଆପଡ଼ା ବିଧାନସଭା କ୍ଷେତ୍ରରେ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଓ ଯୋଗାଯୋଗ ବିଭାଗ, ଗ୍ରାମ୍ୟ ବିକାଶ, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଉଠା ଜଳସେଚନ, ଜଳସେଚନ, କ୍ଷୁଦ୍ର ଜଳସେଚନ, ପ୍ରାଣୀ ସମ୍ପଦ ଇତ୍ୟାଦି ବିଭାଗର କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ବିଧାୟକ ଓ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପନିର୍ଦ୍ଦେଶକ ପରିସଂଖ୍ୟାନ ଡିଲେଶ୍ୱର ଧରୁଆ ବିଭିନ୍ନ ବିଭାଗର ପ୍ରଗତି ବିବରଣୀ ଉପସ୍ଥାପନ କରିଥିଲେ। ଗୋଟି ଗୋଟି କରି ସମସ୍ତ ବିଭାଗୀୟ ଅଧିକାରୀମାନେ ଗୃହକୁ ନିଜ ନିଜ ବିଭାଗର ସଫଳତା ଓ ଭବିଷ୍ୟତ କାର୍ଯ୍ୟକ୍ଷମତା ସମ୍ବନ୍ଧରେ ଅବଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ବିଧାନସଭା କ୍ଷେତ୍ରରେ ୨୦ କୋଟି ୫୦ ଲକ୍ଷ ବ୍ୟୟରେ ୩୧୧ ଟି ପ୍ରକଳ୍ପ ଅନୁମୋଦିତ ହୋଇଥିବା ବେଳେ ଏଥିରୁ ୭୦ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ବିଧାୟକଙ୍କ ଅନୁଦାନରେ ୨୩୦ ଟି ପ୍ରକଳ୍ପ ପାଇଁ ୭ କୋଟି ଟଙ୍କା ବ୍ୟୟ ଅଟକଳରୁ ୧୬୭କାମ ସମ୍ପୂର୍ଣ୍ଣ ହୋଇଛି। କେନ୍ଦ୍ରିକ ବିକାଶ ଯୋଜନାରେ ୨ କୋଟି ଟଙ୍କାର ୫୪ ଟି ପ୍ରକଳ୍ପରୁ ୨୨କାମ ସମ୍ପୂର୍ଣ୍ଣ ହୋଇଛି। ୩୬ ଲକ୍ଷ ଟଙ୍କାରେ ଅନୁମୋଦିତ ୧୮ ଟି ଅଙ୍ଗନବାଡ଼ି କେନ୍ଦ୍ରରୁ ୮ ଟି ସମ୍ପୂର୍ଣ୍ଣ ହୋଇଛି। ୪୮ ଟି ବନ ସୁରକ୍ଷା କୋଠାରୁ ୧୩ ଟି ନିର୍ମିତ ହୋଇଛି। ୪ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୬ ଟି ଅତିରିକ୍ତ ଶ୍ରେଣୀ ଗୃହ ମଧ୍ୟରୁ ୭ ଟି ସମ୍ପୂର୍ଣ୍ଣ ହୋଇଛି। ୨୪ କୋଟି ଟଙ୍କା ବ୍ୟୟରେ ଜିଲ୍ଲା ସଂସ୍କୃତି ଭବନ କାମ ଆରମ୍ଭ ହୋଇଛି। ନୂଆପଡ଼ା ଟାଉନ ଜଳ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବିଧାୟକ ପଟୋରା ଡେମରୁ ସ୍ଥାନୀୟ ସିକବା ରିଜର୍ଭ ଜଲୋକାକୁ ପାନୀୟ ଜଳ ଯୋଗାଣ, ବିଭିନ୍ନ ଗ୍ରାମରେ ଅଧିକ ସଂଖ୍ୟାରେ ନଳକୂପ ଖନନ, ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟକୁ ପାନୀୟଜଳ ଯୋଗାଣ ପାଇଁ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଗ୍ରାମମାନଙ୍କରେ ମୋବାଇଲ ସିଗନାଲ ନାହିଁ, ସେଠାରେ ନୂତନ ମୋବାଇଲ ଟାୱାର ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ହରିକାନାଥ ଶତପଥୀ, ନୂଆପଡ଼ା ଓ କୋମନା ବିଡିଓ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ ଉପସ୍ଥିତ ଥିଲେ। ଶେଷରେ ଏପିଡି କ୍ଷମାନିଧି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### କଳାହାଣ୍ଡି ଉତ୍ସବ 'ଘୁମୁରା'

# ଆର୍ମି, ଏୟାର ଫୋର୍ସ ଓ ନାଭାଲ କ୍ୟାଡେଟ୍ସଙ୍କ ସେବା ଅତୁଳନୀୟ

**ଭବାନୀପାଟଣା, ୨୦।୧(ସମିସ):** ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବରେ ପ୍ରତିବର୍ଷ ଏସ୍‌ସିସି କ୍ୟାଡଟସମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଯେତେ ପ୍ରଶଂଶା କଲେ ମଧ



କମ ହେବ। କାରଣ ଦିନତମାମ ଏବଂ ରାତିର ସମସ୍ତ ଉତ୍ସବ କାର୍ଯ୍ୟକ୍ରମ ସରିବା ଯାଏଁ ନିଜ ଦାୟିତ୍ୱ ନିଷ୍ଠାର ସହିତ ସମ୍ପାଦନ କରି ଆସିଥାନ୍ତି। ଜିଲ୍ଲା ଓ ଜିଲ୍ଲା ବାହାରୁ ଆସୁଥିବା କଳାକାରଙ୍କୁ ଠିକ ରୂପେ ମଞ୍ଚରେ ପହଞ୍ଚାଇବା, ନିମନ୍ତ୍ରିତ ଅତିଥିଙ୍କ ସ୍ୱାଗତ କରିବା ସର୍ବୋପରି ବିପୁଳ ସଂଖ୍ୟାରେ ପୁଲିସ ବ୍ୟବସ୍ଥା ସତ୍ତ୍ୱେ ଏହି ୭୫ଜଣ କ୍ୟାଡଟସ ଆଇନ ଶୃଙ୍ଖଳା ସ୍ଥିତି ନିତନ୍ତ୍ରଣରେ କାର୍ଯ୍ୟ କରିଥିବା ଲକ୍ଷ୍ୟ କରାଯାଇଥିଲା। ଏ କ୍ଷେତ୍ରରେ ଗଠନ ହୋଇଥିବା କମିଟିର ଅଧକ୍ଷ ଜୟଦେବ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ପାଢ଼ୀ ସଂଯୋଜକ ଦାୟିତ୍ୱ ତୁଲାଇଥିବା ସଂଗେ ସଂଗେ ଉପାଧକ୍ଷ ରବି ପ୍ରସାଦ କାନୁନଗୋ, ଆବାହକ ଗଙ୍ଗାଧର ନନ୍ଦ ଏବଂ ନଳିନୀ କାନ୍ତ ରଣା, ସୂଚିତ ମୁଣ୍ଡଲୀ ଓ ସୁଶାନ୍ତ କୁମାର ଦାସ ପ୍ରମୁଖ ମାର୍ଗ ଦର୍ଶକଥିଲେ। ଉତ୍ସବ ଆରମ୍ଭରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ଉତ୍ସବର ସଫଳତା ଦିଗରେ ସମସ୍ତେ ଚେଷ୍ଟା ଜାରୀ କାର୍ଯ୍ୟ କରୁଥିଲେ।

# ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ବଣ୍ଟନ

**ଧର୍ମଗଡ଼, ୨୦।୧(ସମିସ):** ଧର୍ମଗଡ଼ ବ୍ଲକବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତରପଞ୍ଚାୟତକାର୍ଯ୍ୟାଳୟପରିସର ଏବଂ ମେରଘରାରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ, ସରପଞ୍ଚ ମନୋଜ କୁମାର ନାଏକ, ରାଜସ୍ୱ ନିରୀକ୍ଷକ ରଞ୍ଜିତା ପ୍ରଧାନ, କାଙ୍କେରି ରାଜସ୍ୱ ନିରୀକ୍ଷକ ପ୍ରେମା ବାଣ୍ଡିଆ, ରାଜସ୍ୱ ପରିଦର୍ଶକ ଚତୁର୍ଭୁଜ ନାଏକ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ କରିଥିଲେ। ମେରଘରା ଗ୍ରାମର ୨୨ଜଣ ଓ ବ୍ରାହ୍ମଣଛେଣ୍ଡିଆ ର ୧୦ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ସରକାର ବସୁନ୍ଧରା ଯୋଜନାରେ ଭୂମିହୀନ ହିତାଧିକାରୀଙ୍କୁ ଚିହ୍ନଟ କରି ଜମି ଯୋଗାଇ ଦେବା ବ୍ୟବସ୍ଥା କରିଛନ୍ତି। ଯାହା ରାଜସ୍ୱ ରଥ ମାଧ୍ୟମରେ ଗାଁ ଗାଁ ଯାଇ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଉଛି। ତେବେ ପ୍ରଥମ ପର୍ଯ୍ୟାୟରେ ୩୨ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଅନେକ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯାଇ ଜମି ଓ ପଟ୍ଟା ଦେବା ବ୍ୟବସ୍ଥା କରାଯିବ ବୋଲି ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ତହସିଲର ଚନ୍ଦ୍ରକାନ୍ତ ଦୁରିଆ ଏବଂ ଶଶାଙ୍କ ଶେଖର ବିହାରୀ ସହଯୋଗ କରିଥିଲେ।

# ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୨୦।୧(ସମିସ):** ସ୍ଥାନୀୟ ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକଧର୍ମେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସମ୍ମାନିତ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି



ଜାନୀ, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୁଶ୍ରୀ କଲ୍ୟାଣୀ ଦାସ ଏବଂ ମୁଖ୍ୟବକ୍ତା ରୂପେ ନାଟ୍ୟଶ୍ରୀ ମନୋଜ ରଥ ଯୋଗ ଦେଇଥିଲେ।ବିଦ୍ୟାଳୟର ଛାତ୍ରୀମାନେ ସୁମଧୁର କଣ୍ଠରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ ପ୍ରଧାନ ବିଦ୍ୟାଳୟର ଚଳିତ ବର୍ଷର ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜେତା ହୋଇଥିବା ଛାତ୍ରଛାତ୍ରୀ ସମ୍ମାନିତ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷକ ରାଜୁ କୁମାର ସାହୁ, ପ୍ରତିଭା ସାହୁ ଓ ସସ୍ମିତା ପଧାନ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଦେବୀ ପ୍ରସାଦ ଅଚାରୀ ଏବଂ ଗୀତାଞ୍ଜଳି ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନଙ୍କର କରକମଳରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଶର୍ବାଣୀ' ଉନ୍ମୋଚନ ହୋଇଥିଲା, ଯାହାକି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ଦାଶ, ତମସା ମହାପାତ୍ର, ମିନତୀ ଦାଶ, ଆଶୁତୋଷ ଦୁବେ, ଜଗମୋହନ ବିଶ୍ୱାଳ, ଉଦିତ ପ୍ରତାପ ସିଂ, ହୃଦୟ ରଞ୍ଜନ ଜଗଦଲା, ଶିକ୍ଷୟିତ୍ରୀ ପ୍ରଗତି ସେଠ, ଗୀତାଞ୍ଜଳି ନାଏକ, ସୂଦୀପ୍ତା ଦାଶ, ଆନନ୍ଦିନୀ ଠାକୁର, ତିଲେଓତ୍ତମା ବାରିକ, ସୋଫିକା ପ୍ରଧାନ, ଆକାଂକ୍ଷା ସାହୁ, ଶୁଭଶ୍ରୀ ମହାନ୍ତି, ସୁଦେଷ୍ଣା ନାୟକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନିରୁପମା ମଲ୍ଲିକ, ସ୍ୱପ୍ନା ପ୍ରଧାନ, ହେମା ସାଥୁଆ, ଲୋକନାଥ ନାଏକ, ପୁଷ୍ପାଞ୍ଜଳି ବେହେରା ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୋକୁଳ ଚନ୍ଦ୍ର ସାହୁ, ଧବଳେଶ୍ୱର ସିଂ, ସଞ୍ଜୀବ ଗୌଡ଼, ନରେଶ ମାଝୀ ସହଯୋଗ କରିଥିଲେ। ପରିଶେଷରେ ବରିଷ୍ଠ ଶିକ୍ଷକ ରାଜୁ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳମାଧବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜୁନାଗଡ଼, ୨୦।୧(ସମିସ):** ଜୁନାଗଡ଼ ବ୍ଲକ ଚିଲିଗୁଡା ନୀଳ ମାଧବ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସତନାମୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି କୁନ୍ତଳା ରାଉତ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ସ୍ୱତନ୍ତ୍ର ଅତିଥିଭାବେ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବିଧାୟକ ଜୁନାଗଡ଼ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜୁନାଗଡ଼ ନୋଡାଲ ହାଇ ସ୍କୁଲର ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ବାଗ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ସବିତା ମେହେର, ସରପଞ୍ଚ ତାରା ଶଙ୍କର ରାୟଗୁରୁ, ଶିକ୍ଷାବିତ ସୁଧାଂଶୁ ଶେଖର ନେଗି, ଶଶିସେନ ଯୋଶୀ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସାମ୍ବାଦିକ ସୁନ୍ଦର୍ ମୋହନ ଛତ୍ରିଆ, ପଦ୍ମନାଭ ନାଗ, ବ୍ରଜମୋହନ ପାତ୍ର, କବି ପ୍ରମୋଦ ଛତ୍ରିଆ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷକ ଶରତ ମଙ୍ଗରାଜ, ଅମୂଲ୍ୟ ମେହେର, ପ୍ରଭାତୀ ଛତ୍ରିଆ, ବିବେକାନନ୍ଦ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।ପୁରସ୍କାର ବିତରଣ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ନାଟିକ। ରେବତୀ ମଞ୍ଚସ୍ଥ କରାଯାଇଥିଲା। ଯାହାକି ଅନେକ ଲୋକଙ୍କ ମନକୁ ଛୁଇଁଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଗିରିଧାରୀ ତାଣ୍ଡି, ସନ୍ତୋଷ ନାଏକ, ସ୍ୱଦିତା ବେନିଆ, ବିଭାସ ରଞ୍ଜନ ସାହୁ, ଦେବେନ୍ଦ୍ର ଯାନୀ ଦାୟିତ୍ୱ ନେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ୟାନ୍ସ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନୀଳକଣ୍ଠ ନାଏକ ମଞ୍ଚ ପରିଚାଳନ। କରିଥିବା ବେଳେ ବିବେକାନନ୍ଦ ସୁନାନୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ନ୍ୟାସନାଲ କଲେଜର ବାର୍ଷିକ ଖେଳକୁଦ ଉଦ୍‌ଯାପିତ


**ନୂଆପଡ଼ା, ୨୦।୧ (ସମିସ):** ନୂଆପଡ଼ା ନ୍ୟାସନାଲ କଲେଜରେ ୧୯ ଏବଂ ୨୦ ଜାନୁୟାରୀ ୨୦୨୬, ଦୁଇ ଦିନ ଧରି ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଚାଲିଥିଲା। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ହିତେଶ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ତଥା



ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ବରିଷ୍ଠ ଅଧ୍ୟାପକ ବିଧାନ ଚରଣ ମିଶ୍ର, ମମତା ପଟ୍ଟନାୟକ, ନନ୍ଦିନି ମଞ୍ଜରୀ ହୋତା, କପିଳଦେବ ପାଣିଗ୍ରାହୀ, ପ୍ରମୋଦ ରାଉତ, ଶୁକଦେବ ଭିଲ, ଗୋପିଗୋପାଲ ସୁନା, ବୈକୁଣ୍ଠ ବେହେରା, ଗୀତା ସେଠ, ମୀନାକ୍ଷୀ ଦାସ, ନମ୍ରତା ତ୍ରିପାଠୀ, ବିଶ୍ୱଜିତ କଲ୍ଟା, ହେମାଲ ସା, ହିମାଞ୍ଚଳ ନାୟକ ତଥା ସମସ୍ତ ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମକୁ ଆରମ୍ଭ ହେଲା ବୋଲି ଘୋଷଣା କରିଥିଲେ। ଖେଳକୁଦରେ ବିଭିନ୍ନ ବିଭାଗରେ ପ୍ରତିଯୋଗୀତା ଉଭୟ ବାଳକ ଓ ବାଳିକା ବିଭାଗରେ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି କଲେଜ ଆଲିମୁନି ସଭାପତି ସରୋଜ କୁମାର ସାହୁ ଓ ସମ୍ମାନୀତ ଅତିଥି ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼ାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ କ୍ରୀଡ଼ା ଅଧ୍ୟାପକ ପ୍ରକାଶ କୁମାର ସାହୁ।

## ଲାଞ୍ଜିଗଡ଼ ବ୍ଲକ୍ କଂଗ୍ରେସ ନୂଆ ସଭାପତିଙ୍କୁ ସ୍ୱାଗତ

**ଲାଞ୍ଜିଗଡ଼, ୨୦।୧(ସମିସ):** କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକ ନେତୃତ୍ୱ ନେବା ପାଇଁ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି



ଭାବେ ବରିଷ୍ଠ ନେତା ଗୋବିନ୍ଦ ପ୍ରଧାନୀଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ଅନୁମୋଦନ କ୍ରମେ ଲାଞ୍ଜିଗଡ଼ ବ୍ଲକ ସଭାପତି ଭାବେ ଘୋଷଣା କରାଯାଇଛି। ଏହି ଘୋଷଣା ପରେ ବ୍ଲକ କଂଗ୍ରେସର କର୍ମକର୍ତ୍ତା ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଦାୟିତ୍ୱ ମିଳିବା ପରେ ବ୍ଲକ କଂଗ୍ରେସ ପକ୍ଷରୁ ଅନ୍ୟ କର୍ମକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ତାଙ୍କୁ ଲାଞ୍ଜିଗଡ଼ ବ୍ଲକର ଦାୟିତ୍ୱ ଦେଇଥିବାରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବଳରାମ ମଲ୍ଲିକ
ଆବିର୍ଭାବ - ୨୫.୧୦.୧୯୩୮
ତିରୋଧାନ - ୧୧.୦୧.୨୦୨୬

ବାପା, ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ତ୍ୟାଗ ଓ ଭଲପାଇବା ଆମେ ଭୁଲି ପାରୁନାହୁଁ, ତୁମ କଥା ସର୍ବଦା ମନେପଡୁଛି। ଜଗନ୍ନାଥଙ୍କ କୃପାରୁ ଯେଉଁଠି ଥାଅ ଭଲରେ ଥାଅ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର, ପୁଅ - ଶ୍ରୀଧର, ବିଦ୍ୟାଧର, ସମୀର, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଆତ୍ମୀୟସ୍ୱଜନ

# ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ







ଭବାନୀପାଟଣା, ୨୦।୧(ସମିସ)

ବଙ୍କିମ ଚନ୍ଦ୍ରଙ୍କ ରଚିତ 'ବନ୍ଦେ ମାତରଂ'କୁ ୧୫୦ ବର୍ଷ ପୂର୍ତ୍ତି ହୋଇ ଥିବାରୁ ସାରା ଦେଶରେ ପାଳିତ ହେଉଛି ଉତ୍ସବ। ବିଭିନ୍ନ ଅନୁଷ୍ଠାନ ଗୁଡ଼ିକ ପକ୍ଷରୁ ପାଳିତ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ପରିସରରେ ବିଡିଓ ବିପିନ ବିହାରୀ ଦୀପଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି ବନ୍ଦେ ମାତରଂ ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ। ନର୍ଲା ଯୁକ୍ତ ଦୁଇ କଲେଜ, ନର୍ଲା ଡିଗ୍ରୀ କଲେଜ, ନର୍ଲା ପଞ୍ଚାୟତ ସମିତି ହାଇସ୍କୁଲ, ନର୍ଲାରୋଡ ଜୟଦୁର୍ଗା

**ନର୍ଲା ବ୍ଲକ୍**

ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମାଉଣ୍ଟେନ କିଡ୍ସ ଇଂଲିଶ ମିଡିୟମ ସ୍କୁଲ ଓ କଲେଜ, ଜବାହାର ନବୋଦୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ପ୍ରଭୃତିର ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ପ୍ରଥମେ ମଞ୍ଚରେ ଭାରତ ମାତାଙ୍କୁ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଅତିଥି ବୃନ୍ଦ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବୁଦ୍ଧ ନାଏକଙ୍କ ନେତୃତ୍ୱରେ ଦେବରାଜ ଗୌଡ, ଜୟଦେବ ପୋଢ ଓ ଗୁରୁମାମାନେ ଭାରତ ମାତା ପୂଜନରେ ସହଯୋଗ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ଠିକ ୧୧ଘଣ୍ଟା ସମୟରେ ସାମୁହିକ ବନ୍ଦେମାତରଂ ଗାନ ଅନୁଷ୍ଠିତ ହୋଇଥିଲା। ନର୍ଲାରୋଡ ଜୟଦୁର୍ଗା ହାଇସ୍କୁଲର ଶାରିରୀକ ଶିକ୍ଷକ ନାରାୟଣ ପଧାନ କମାଣ୍ଡ କରିଥିଲେ। ନର୍ଲା ଯୁକ୍ତଦୁଇ କଲେଜର ପିଇଟି ସୁମନ୍ତ ପୁଝାରୀ, ଡିଗ୍ରୀ କଲେଜର ପିଇଟି କ୍ଷିତିଶ ଚନ୍ଦ୍ର ବଗର୍ତ୍ତି ସହଯୋଗ କରିଥିଲେ। ଅନେକ ଯୋଶ ଓ ଉତ୍ସାହରେ ଛାତ୍ରଛାତ୍ରୀମାନେ ବନ୍ଦେ ମାତରଂ ଗାନ କରିଥିଲେ।ଏବିଇଓ ଗୋବର୍ଦ୍ଧନ ମାଝୀ ମଧ୍ୟ ମାର୍ଗଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନର୍ଲା ଅତିରିକ୍ତ ବିଡିଓ ଦେବେନ୍ଦ୍ର ସାମଲ, ଜିଲ୍ଲା ପରିଷଦ ହରି ଶଙ୍କର ମାଝୀ, କନିଷ୍ଠ ଯନ୍ତ୍ରୀ ଆଲୋକ ନାଏକ, ବିଚିତ୍ରାନନ୍ଦ ନାଏକ, ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ସୁନାନୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ମହାଲି, ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ବାସନ୍ତୀ ସାହୁ, ଜିପିଡିଓ ପ୍ରମୁଖ ଉପସ୍ଥିତ ଥିଲେ।ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଦୀପ କୁମାର ବେହେରା ଓ ଭୋଳାନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ନର୍ଲା ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଗୋଲାମୁଣ୍ଡା:** ରାଷ୍ଟ୍ରଗୀତ'ବନ୍ଦେ ମାତରମ୍'ର ୧୫୦ବର୍ଷ ପୂର୍ତ୍ତି ଅବସରରେ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ଅବସରରେ ଗୋଲାମୁଣ୍ଡା ବ୍ଲକ ସ୍ଥିତ



ଶିବାଜୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ୧୮୭୫ ମସିହାରେ ବଙ୍କିମଚନ୍ଦ୍ର ଚାଟାର୍ଜୀ ଏହାକୁ ରଚନା କରିଥିଲେ। ଏହି ଗୀତ ଗାଇ ହଜାର ହଜାର ସ୍ୱାଧୀନତା ସଂଗ୍ରାମୀ ହସି ହସି ଜେଲ୍ ଚାଲିଯାଉଥିଲେ, ତ କିଏ ନିଜର ପାଠପଢ଼ା ଓ ଚାକିରି ଆଦି ଛାଡି ସ୍ୱାଧୀନତା ସଂଗ୍ରାମରେ ସାମିଲ ହେଉଥିଲେ, କିଏ ହସି ହସି ବିଟ୍ରିଶ ସରକାରଙ୍କ ଗୁଳିର ସମ୍ମୁଖୀନ ହେଉଥିଲେ ତ ଆଉ କିଏ ଫାଶୀ ଖୁଣ୍ଟରେ ଝୁଲି ଶହୀଦ ହୋଇଯାଉଥିଲେ। ଏହି ରାଷ୍ଟ୍ରଗୀତ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସମସ୍ତଙ୍କ ପାଇଁ ଉତ୍ସାହ ଓ ପ୍ରେରଣାର ଗୀତ ଥିଲା। ତେବେ ଗୀତର ୧୫୦ବର୍ଷ ପୂର୍ତ୍ତି ଅବସରରେ ଆଜି ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀଙ୍କୁ ନେଇ ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ତରଫରୁ କାର୍ଯ୍ୟକ୍ରମ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବିଡ଼ିଓ ତ୍ରିପୁର ମହାନନ୍ଦ, ଏବିଡ଼ିଓ ବିଜୟ କୁମାର ନାୟକ, ସମାଜ ସେବି ଶ୍ୟାମ ସୁନ୍ଦର ଅଗ୍ରୱାଲ, ବିଇଓ ରାଜେଶ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

**ମ.ରାମପୁର:** କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ରାଷ୍ଟ୍ରଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଉତ୍ସବ ଅବସରରେ ସାମୂହିକ ଶପଥ ଗ୍ରହଣ ଓ ବନ୍ଦେ ମତରମ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ବିଡ଼ିଓ ଶରତ ଚନ୍ଦ୍ର ସେଠୀ, ବିଧାୟିକା ପ୍ରତିନିଧି ସତ୍ୟ ନାରାୟଣ ସାହୁ, ସାଂସଦ ପ୍ରତିନିଧି ପଦ୍ମଲୋଚନ ମିଶ୍ର, ଦୁର୍ଗା ମାଧବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଆଚାରୀ, ଅତିରିକ୍ତ ତହସିଲଦାର ମଞ୍ଚାସୀନ ହୋଇଥିଲେ। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ମିଶି ରାଷ୍ଟ୍ର ଗୀତ ବନ୍ଦେ ମାତରଂ ଗାଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ଗୀତରେ ନାଚିଥିଲେ। ତା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ କର୍ମଚାରୀ, ସାମ୍ବାଦିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମଚାରୀ, ଏମବିକେ, ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ ସାମିଲ ଥିଲେ।

**କୋକସରା:** କୋକସରା ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହା ବିଦ୍ୟାଳୟରରେ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍' ର ୧୫୦ତମ ବାର୍ଷିକୀ ଉତ୍ସବ ପାଳନ ଅବସରରେ ସାମୂହିକ ରାଷ୍ଟ୍ରଗୀତ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କୋକସରା ବିଡିଓ ଡ଼ଃ ହିମାଞ୍ଚଳ ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ତହସିଲଦାର ଚୌଡଗଙ୍ଗ ପ୍ରଧାନ, ଏବିଓ ତୋଫାନ ମାଝୀ, ଡିଗ୍ରୀ କଲେଜ ଅଧ୍ୟକ୍ଷ ପୁଷ୍ପରାଜ ମେହେର, ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା, ତ୍ରିନାଥ ଶବର, ସାଂସଦ ପ୍ରତିନିଧି ଭାବେ ଦୁର୍ଗା ପ୍ରସାଦ ପ୍ରଧାନୀ, ଟେମେରା ସରପଞ୍ଚ କ୍ଷିତୀରାମ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜବାହର ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ ମହାବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତଥା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ସାମୂହିକ ଗାନ କରିଥିଲେ। ଶିକ୍ଷକ ସଞ୍ଜିବ ପାଢ଼ୀ ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷକ ନିଳାମ୍ବର ଦାସ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଜିପିଡିଓ ମିଲୁ ପ୍ରଧାନୀ, ଅଧ୍ୟାପକ ଅଶ୍ୱିନ ପଟ୍ଟନାୟକ, ଖେଳ ଶିକ୍ଷକ ଅମିତ ମହାନ୍ତି ଓ ପ୍ରତାପ ବିଶି, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୁନ୍ଦର ନାଏକ, ଯୁକ୍ତ +୨ ମହାବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ, ଯୁଗଳ କିଶୋର ବାଗ, ସ୍ୱାଧିନ ପୁଝାରୀ, ରାମକୃଷ୍ଣ ଚୌଧୁରୀ, ସୁଜୀତ କୁମାର ପଣ୍ଡା, ମହୋନ କୁମାର ବାଗ, ଗିରିଧାରୀ ବିଶି, ଜ୍ୟୋତିର୍ମୟୀ ପାଣିଗ୍ରାହୀ, ଲିପ୍ସା ଦାସ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

**ଧର୍ମଗଡ଼:** ବନ୍ଦେ ମାତରମ ଜାତୀୟ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଜାତୀୟତା ଓ ଦେଶାତ୍ମବୋଧକକୁ ସମ୍ମାନ ଜଣାଇବା ଉଦେଶ୍ୟରେ ବନ୍ଦେ ମାତରମ ଗୀତକୁ ସାମୂହିକ ଭାବେ ଦେଶବାସୀ



ସମ୍ମାନ ଜଣାଇ ଗାନ କରିଛନ୍ତି। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଲିଖିତ ଏହି ସଙ୍ଗୀତକୁ ୧୯୫୦ ମସିହା ଗଣତନ୍ତ୍ର ଦିବସରେ ଜାତୀୟ ସଙ୍ଗୀତ ଭାବେ ମାନ୍ୟତା ପ୍ରଦାନ ମିଳିଥିଲା। ଆଜି ଧର୍ମଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ସଙ୍ଗୀତ ବନ୍ଦେ ମାତରମକୁ ସାମୂହିକ ଭାବେ ଗାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କୀ, ଡେପୁଟି କଲେକ୍ଟର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନି ମାଝୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁପାନନ୍ଦ ଭୋଇ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବ୍ଲକର ସମସ୍ତ କର୍ମଚାରୀ, ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମସ୍ତ ସିଆରସିସି ଉପସ୍ଥିତ ରହି ଜାତୀୟ ସଙ୍ଗୀତ ଗାନ କରି ତାର ମହତ୍ୱ ଉପରେ ଆଲୋପାତ କରିଥିଲେ।

## ରାଉରକେଲା ବିମାନ ଦୁର୍ଘଟଣା

# ସୁସ୍ଥ ହୋଇ ଫେରିଲେ ପାଇଲଟ ନବୀନ

**ରାଉରକେଲା, ୨୦।୧(ସମିସ):** ଗତ ୧୦ ତାରିଖରେ ରାଉରକେଲାର ଜଳଦା କଂସରର ଗାଡିଆଟୋଲା ଅଞ୍ଚଳରେ ହୋଇଥିବା ଭୁବନେଶ୍ୱର-ରାଉରକେଲା ଇଣ୍ଡିଆ ୱାନ୍ ଏୟାର ସେସ୍ନା ଗ୍ରାଣ୍ଡ କାରାଭାନ୍ ଏକ୍ସ ବିମାନ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଥିବା ପାଇଲଟ ନବୀନ ଖାଡେଙ୍ଗା ଆଜି ସୁସ୍ଥ ହୋଇ ହସ୍ପିଟାଲରୁ ଡିସଚାର୍ଜ ହୋଇଥିବା ଜଣାପଡ଼ିଛି। ଏହି ଅବସରରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର, ନର୍ସ ଏବଂ ଅନ୍ୟ କର୍ମଚାରୀମାନେ କେକ୍ କାଟି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ ମଧ୍ୟ ଡାକ୍ତର, ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ତେବେ ପାଇଲଟ ନବୀନ ବିମାନ ଦୁର୍ଘଟଣା ବିଷୟରେ କୌଣସି ପ୍ରତିକ୍ରିୟା ନଦେଇ ସମସ୍ତ ଘଟଣା ଯାଞ୍ଚ ପରିସରଭୁକ୍ତ ରହିଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଘଟଣା ଦିନ ବିମାନଟି ହଠାତ୍ ଉଡ଼ାଣ ମଝିରେ ଏକ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା। ପାଇଲଟ୍ ତୁରନ୍ତ ଏଟିସିକୁ ସୂଚନା ଦେଇଥିଲେ ଓ ସତର୍କତାର ସହିତ ପ୍ରାୟ ୧ଟା ୪୦ ମିନିଟରେ ଉକ୍ତ



ଅଞ୍ଚଳର ଏକ କ୍ଷେତରେ ଜରୁରୀକାଳୀନ ଅବତରଣ କରିଥିଲେ। ସେହି ସମୟରେ ବିମାନଟି ପାଖରେ ଥିବା ଏକ ଗଛ ଡାଳରେ ପିଟି ହେବା ପରେ ବିମାନର ଡାହାଣ ଅଂଶ ଭାଙ୍ଗି ଯାଇଥିଲା। ପରେ ବିମାନଟି ପ୍ରାୟ ୧୦୦ ମିଟର ଦୂରରେ ଖସି ପଡ଼ିଥିଲା। ଏଥିରେ ପାଇଲଟ୍ ନବୀନ ଖଡାଙ୍ଗା, ତରୁଣ ଶ୍ରୀବାସ୍ତବ, ଯାତ୍ରୀ ତଥା ଭାଇ ଭଉଣୀ ସୁଶାନ୍ତ କୁମାର ବିଶ୍ୱାଳ, ଅନିତା ସାହୁ, ଦମ୍ପତି ସୁନୀଲ ଅଗ୍ରୱାଲ୍ ଓ ସବିତା ଅଗ୍ରୱାଲ୍ ଆହତ ହୋଇଥିଲେ। ଦୁର୍ଘଟଣା ପରେ ତୁରନ୍ତ ଗ୍ରାମବାସୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଗତ ୧୧ ତାରିଖରେ ଦମ୍ପତି ସୁନିଲ ଓ ସବିତା ସ୍ୱଇଚ୍ଛାରେ ଏୟାରଲିଫ୍ଟ ହୋଇଥିଲେ। ୧୭ ତାରିଖ ଯାତ୍ରୀ ସୁଶାନ୍ତ କୁମାର ବିଶ୍ୱାଳଙ୍କୁ ଅଧିକ ଚିକିତ୍ସା ପାଇଁ ବମ୍ବେ ସ୍ଥାନାନ୍ତରିତ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଡାକ୍ତରଖାନାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାଗ୍ରସ୍ତ ବିମାନ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ

## ୨୩ରେ କାନାଡାରୁ ପହଞ୍ଚିବ ୨ ସ୍ୱତନ୍ତ୍ର କଣ୍ଟେନର

**ରାଉରକେଲା, ୨୦।୧(ସମିସ):** ସ୍ଥାନୀୟ ଜଳଦା ସ୍ଥିତ କଂସର ରୋଡ ନିକଟରେ ଦୁର୍ଘଟଣା ଗ୍ରସ୍ତ ୯ ସିଟ ବିଶିଷ୍ଟ ଇଣ୍ଡିଆ ୱାନ୍ ଏୟାର ବିମାନକୁ ନେବା ପାଇଁ କାନାଡାରୁ ୨ଟି ସ୍ୱତନ୍ତ୍ର କଣ୍ଟେନର ଆସୁଥିବା ଜଣାପଡ଼ିଛି। ଆସନ୍ତା ୨୩ ତାରିଖରେ ଏହା ରାଉରକେଲାରେ ପହଞ୍ଚିବ ବୋଲି କୁହାଯାଉଛି। ରାଉରକେଲା ସହରର କଣ୍ଟେନର ପହଞ୍ଚିବା ପରେ ଆସନ୍ତା ୨୩ ତାରିଖ ଦୁର୍ଘଟଣା ଗ୍ରସ୍ତ ଉକ୍ତ ବିମାନକୁ ସେହି କଣ୍ଟେନରରେ କାନାଡାକୁ ମରାମତି ପାଇଁ ନିଆଯିବ ବୋଲି ସୂଚନା ମିଳିଛି। ଗୋଟିଏ କଣ୍ଟେନରରେ



ଇଞ୍ଜିନ ଓ ଆଉ ଏକ କଣ୍ଟେନରରେ ପାର୍ଟସ ନିଆଯିବ। ଇଣ୍ଡିଆ ୱାନ ଏୟାରର ୪ ଜଣ ଇଞ୍ଜିନିୟର ଦୁର୍ଘଟଣା ସ୍ଥଳରେ ପହଞ୍ଚି ବିମାନ ଇଞ୍ଜିନ ଓ ଯନ୍ତ୍ରାଂଶ ଓ ପାର୍ଟସ ଖୋଲିବା କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ବିମାନ ଦୁର୍ଘଟଣା ସ୍ଥଳରେ ବିମାନର ଇଞ୍ଜିନ ଓ ଯନ୍ତ୍ରାଂଶ ଖୋଲିବା କାର୍ଯ୍ୟ ଜାରି ରହିଥିବାରୁ ପୁଲିସର ବରିଷ୍ଠ ଅଧିକାରୀଙ୍କ ସହ ପୁଲିସ ଫୋର୍ସ ଓ ଓଡ୍ରାଫ ଟିମ ମଧ୍ୟ ମୃତୟନ ରହିଛନ୍ତି।

## ଯୁଗ୍ମ ଜନଅଭିଯୋଗ ଶୁଣାଣି



**ରାଉରକେଲା, ୨୦।୧(ସମିସ):** ହେମଗିର ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୫୫ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୪ ଗୋଟି ଅଭିଯୋଗ ଗୁଡ଼ିକର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## 'ଭିବି-ଜି ରାମ ଜି' କର୍ମଶାଳା



**ରାଉରକେଲା, ୨୦।୧(ସମିସ):** ଶ୍ରମିକଙ୍କୁ୧୨୫ ଦିନର ରୋଜଗାର ଲକ୍ଷ୍ୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ (ଭିବି ଜି ରାମ ଜି) ବିଲ୍ ସଂସଦରେ ପାସ ହୋଇ ଆଇନର ପ୍ରଣୟନ ହୋଇଛି। ମହାତ୍ମାଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇ ପାରିବ ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ। କୃଷକ ଓ ଶ୍ରମିକ କଲ୍ୟାଣ ପାଇଁ ଏହି ଆଇନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଆଜି ରାଉରକେଲା ସେକ୍ଟର -୮ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣ ଠାରେ ବିଜେପି ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭିବିଜୀ ରାମ ଜୀ କର୍ମଶାଳାରେ ଜିଲ୍ଲା ପ୍ରଭାରୀ ବଟ କିଶୋର ମିଶ୍ର କହିଛନ୍ତି। ଟେକ୍ନୋଲୋଜି ବ୍ୟବହାର କରି ଦୁର୍ନୀତି ରୋକିବା ଏବଂ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ 'ଭିବି ଜି ରାମ ଜି ବିଲ୍' ପ୍ରଣୟନ କରିଛନ୍ତି। ଗ୍ରାମ ସ୍ୱରାଜ ଆଣିବା ପାଇଁ ଗାନ୍ଧୀଜୀଙ୍କ ଯେଉଁ ସ୍ୱପ୍ନ ଥିଲା ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ଦେଶର ଗ୍ରାମାଞ୍ଚଳକୁ ବିକଶିତ ଆଡକୁ କିପରି ଅଗ୍ରସର ହେବ ସେ ନେଇ ନୂତନ ଯୋଜନାରେ ବ୍ୟବସ୍ଥା କରାଯାଇଛି। କର୍ମନିଯୁକ୍ତିର ଅବଧିକୁ ୧୦୦ ଦିନରୁ ବୃଦ୍ଧି କରାଯାଇ ୧୨୫ ଦିନ କରାଯାଇଛି। କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚାଷ ସମୟରେ ଓ ଅମଳ ସମୟରେ ଏହି କାମ ସମ୍ପୂର୍ଣ୍ଣ ବନ୍ଦ ରହିବ। ବର୍ଷକୁ ୬୦ ଦିନ ପର୍ଯ୍ୟନ୍ତ ଏହି ଅବଧି ରଖାଯାଇଛି। ଏହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ସମସ୍ୟା ଦୂରହେବ ଏବଂ ଅଯଥା ମଜୁରୀ ବଢ଼ିବା ସମସ୍ୟା ବନ୍ଦ ହେବ ବୋଲି ଏଥିରେ ସୂଚାଯାଇଥିଲା। ଏହି କର୍ମଶାଳାରେ ଜିଲ୍ଲା ସଭାପତିଙ୍କ ସହ ଜିଲ୍ଲା ସଧାରଣ ସମ୍ପାଦକ ଅଭିରାମ ମହାକୁଡ ଓ ରଞ୍ଜିତ ନାଏକ, ଜିଲ୍ଲା ଉପସଭାପତି ଅମରେନ୍ଦ୍ର ନାଥ ଶର୍ମା, ପଦ୍ମିନୀ ଦାଶ ଓ ମନୋଜ କୁମାର ସେନାପତି, ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ବିରାଟ, ପ୍ରଣତାପ ଦାସ, ଶଙ୍କର ଲୋହାର, ଜୟନ୍ତୀ ମାହାନ୍ତ, ଜିଲ୍ଲା କୋଷାଧ୍ୟକ୍ଷ ସତ୍ୟପଦ ଶର୍ମା, ବରିଷ୍ଠ ସଦସ୍ୟ ସରୋଜ ଦାସ, ଅନିଲ କୁମାର ମାହାନ୍ତ, ସମସ୍ତ ମଣ୍ଡଳ ସଭାପତି ଓ ସାଧାରଣ ସମ୍ପାଦକ, ମଣ୍ଡଳ ଟୋଲି ର ସମସ୍ତ ସଦସ୍ୟଗଣ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

**କୁତ୍ରା, ୨୦।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ। ମଙ୍ଗଳବାର ଅପରାହ୍ନ ଚାରିଟା ସମୟରେ ଏକ ଗୋଠଛଡା ହାତୀର ଆକ୍ରମଣରେ ଝାରବେଡା ଗ୍ରାମର ଏମଡି ମହମ୍ମଦ(୬୫) ଗୁରୁତର ହୋଇଥିବା ଜାଣିବାକୁ ମିଳିଛି। ଘଟଣାରୁ ଜାଣିବାକୁ ମିଳିଛି ଯେ ମଙ୍ଗଳବାର ଦିନ ଅପରାହ୍ନ ଚାରିଟା ସମୟରେ ଏକ ଗୋଠଛଡା ଝାରବେଡା ବସଷ୍ଟାଣ୍ଡ ପାଖରେ ଝାରବେଡା ଗ୍ରାମର ଏମଡି ମହମ୍ମଦଙ୍କ ଉପରେ ଆକ୍ରମଣ କରିଥିବାରୁ ତାଙ୍କର ଅବସ୍ଥା ଅତି ଗୁରୁତର ହୋଇପଡ଼ିଛି। ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ହାଇଟେକ୍ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଅଞ୍ଚଳରେ ହାତୀ ବୁଲୁଥିବାରୁ ଗ୍ରାମବାସୀମାନେ ଭୟଭୀତ ଅବସ୍ଥାରେ ରହୁଥିବାର ଦେଖିବାକୁ ମିଳୁଛି।

## ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

**ରାଉରକେଲା, ୨୦।୧(ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ଟାଙ୍ଗରପାଲ୍ଲୀ ଥାନା ଅଞ୍ଚଳରେ ଜଣେ ୧୨ ବର୍ଷିୟା ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାର କରି ଅଦାଲତ ଅଭିଯୁକ୍ତ ଶଙ୍କର ସିଂହ(୪୦)କୁ ଆଜୀବନ ଅର୍ଥାତ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୪ ଲକ୍ଷ ଟଙ୍କା ଜରିମାନା ଦେବାକୁ ଆଦେଶ କରିଛନ୍ତି। ୨୦୨୧ ମସିହା ସେପ୍ଟେମ୍ବର ୧୧ ତାରିଖରେ ପିଡିତା ନାବାଳିକାର ବାପା ମାଆ କାମକୁ ଯାଇଥିବା ବେଳେ ନାବାଳିକା ଏକୁଟିଆ ଥିବାର ସୁଯୋଗ ନେଇ ପଡୋଶୀ ଯୁବକ ଶଙ୍କର ତାଙ୍କ ଘରେ ପଶି ନାବାଳିକାକୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ଏହି ଘଟଣାରେ ପିଡିତା ନାବାଳିକାର ପରିବାରର ଲିଖିତ ଅଭିଯୋଗ ପରେ ଟାଙ୍ଗରପାଲି ଥାନା ପୁଲିସ ଅଭିଯୁକ୍ତ ଶଙ୍କର ସିଂଙ୍କୁ ପୋକ୍ସୋ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ ଅମ୍ବିକା ପ୍ରସାଦ ଓ ପ୍ରମୋଦ କୁମାର ଦେବତାଙ୍କ ବଳିଷ୍ଠ ଯୁକ୍ତି ବଳରେ ଅଭିଯୁକ୍ତ ଦୁଷ୍କର୍ମକାରୀ ଶଙ୍କରକୁ ମାନ୍ୟବର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

## କାମ କରିବାକୁ ଯାଇ ଯୁବକ ନିଖୋଜ



**ବଣାଇଁ, ୨୦।୧(ସମିସ):** ବଣାଇଁଗଡ଼ ସହରରେ ବସବାସ କରୁଥିବା ଜଣେ ଯୁବକ ଜାଙ୍ଗଲା ଗ୍ରାମକୁ କଲର ଓ ପୁଟି କାମ କରିବାକୁ ଯାଇ ନିଖୋଜ ହୋଇଥିବାରୁ ବାପା ବଣାଇଁ ଥାନାରେ ଲିଖିତ ଏକ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ବଣାଇଁ ଥାନା ଅନ୍ତର୍ଗତ ବଣାଇଁଗଡ଼ ସହରର ମହମ୍ମଦ ହସରେ ଆଲମଙ୍କ ପୁଅ ମହମ୍ମଦ ସଲାଉଦ୍ଦିନ(୨୫) ଗତ ୧୧ ତାରିଖ ରବିବାର ଦିନ ଘରୁ ଜାଙ୍ଗଲା ଗ୍ରାମକୁ କଲର ଓ ପୁଟି କାମ କରିବାକୁ ଯାଇ ଫେରି ନଥିଲେ। ଘର ଲୋକେ ଦେଖିଲେ ଯେ ସନ୍ଧ୍ୟା ସମୟ ହେଲାଣି ଏଯାଏଁ ଫେରି ନାହିଁ। ତେବେ ସେହି ଦିନ ରାତି ପ୍ରାୟ ୧୦ ଘଟିକା ବେଳେ ତାର ଜଣେ ସାଙ୍ଗ ସାଲାଉଦିନ ମୋଟର ସାଇକେଲ ଆଣି ଘରେ ଦେଇ ସେଠାରୁ ସେ ମଧ୍ୟ ପଳାଇ ଯାଇଥିଲେ। ତେବେ ସାଲାଉଦିନର ବାପା ତାର ପୁଅକୁ ଫୋନ କଲେ ସୁଦ୍ଧା ଫୋନର ରିଙ୍ଗ ହେଉଛି ଅଥଚ ଫୋନ ଉଠାଉ ନାହାନ୍ତି।ତାପରେ ବାପା ହସରେ ଆଲମ ଗତ ୧୪ ତାରିଖ ଦିନ ତାଙ୍କ ବାପା ବଣାଇଁ ଥାନା ରେ ଲିଖିତ ଭାବେ ଜଣାଇବା ପରେ ପୋଲିସ କେଶ ନମ୍ବର ୧୮ ୪ ନଂ ମାମଲା ରୁଜୁ କରିଥିବା ଜଣାପଡ଼ିଛି କ୍ଷରାଉରକେଲା ପୋଲିସ ଜିଲ୍ଲା ସହିତ ଅନ୍ୟ ଥାନା କୁ ଏହି ସଂକ୍ରାନ୍ତ ରେ ପୋଲିସ ଜଣାଇ ଛନ୍ତି। ଏବଂ ନିଖୋଜ ହୋଇଥିବା ବ୍ୟକ୍ତିଙ୍କୁ ଖୋଜିବା ପାଇଁ ସତର୍କ ଦୃଷ୍ଟି ରଖିଥିବା ବଣାଇଁ ପୋଲିସ ସୂଚନା ଦେଇଛି କ୍।

### ଗୋଷ୍ଠୀ ସଂଘର୍ଷ ଘଟଣା

## ବଦଳିଲେ ଟାଉନ ଥାନା ଇନ୍ସପେକ୍ଟର

**ରାଉରକେଲା, ୨୦।୧(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ରିଜେଣ୍ଟ ମାର୍କେଟରେ ଯେପରି ଭାବେ ଦୁଇ ଗୋଷ୍ଠୀକୁ ନେଇ ମାଡପିଟ, ଭଙ୍ଗାରୁଜା ଏବଂ ପରେ ଗୋଷ୍ଠୀ ସଂଘର୍ଷ ହେଲା ସେଥିପାଇଁ ଟାଉନ ଥାନା ଇନିସପେକ୍ଟରଙ୍କ ଦାୟିତ୍ୱରେ ଅବହେଳା ରହିଥିବା ଚର୍ଚ୍ଚା ରହିଥିଲା। ଏହାକୁ ଦୃଷ୍ଟିରେ ସୁନ୍ଦରଗଡ଼ ଟାଉନ ଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଡୁଲିଙ୍କୁ ସେଠାରୁ ବଦଳି କରାଯାଇ ଜିଲ୍ଲା ମୁଖ୍ୟାଳୟ ଆଇୟୁସିଏଡବ୍ଲ୍ୟୁରେ ନିଯୁକ୍ତି ଦିଆଯାଇଛି। ଏହା ପ୍ରତିବଦଳରେ ଭଷ୍ମା ଥାନାର ସୁଶାନ୍ତ କୁମାର ପରିଡ଼ାଙ୍କୁ ଟାଉନ ଥାନାକୁ ବଦଳି କରାଯାଇଛି। ସେହିପରି ଭଷ୍ମା ଥାନାର ଅତିରିକ୍ତ ଇନ୍ସପେକ୍ଟର ଅମର ହୋତାଙ୍କୁ ଉକ୍ତ ଥାନାର ଇନ୍ସପେକ୍ଟର ଦାୟିତ୍ୱ ମିଳିଥିବା ଜଣାପଡ଼ିଛି।

## ଇଦଗା ପଡ଼ିଆରେ ଜିଏସ୍‌ଟି ଚଢଉ

**ରାଉରକେଲା, ୨୦।୧(ସମିସ):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମହତାବ ରୋଡର ଇଦଗା ପଡ଼ିଆ ସମ୍ମୁଖ ରାସ୍ତାରେ ମଙ୍ଗଳବାର ରାତିରେ ରାଜ୍ୟ ଜିଏସଟି ପକ୍ଷରୁ ଚଢ଼ଉ ହୋଇଥିବା ଜଣାପଡ଼ିଛି। ଘଣ୍ଟା ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଉପକରଣ ଗୁଜୁରାଟରୁ ଆସିଥିଲା। ହେଲେ ସାମଗ୍ରୀ ଗୁଡ଼ିକର ଟିକସ ଦିଆଯାଇ ନଥିବା ଅଭିଯୋଗରେ ଚଢ଼ଉ ହୋଇଥିବା ସୂଚନା ମିଳିଛି। ଚଢ଼ଉ ବେଳେ ଲୋକଙ୍କ ଭିଡ଼ ଜମିଥିଲା। ଲକ୍ଷାଧିକ ଟଙ୍କାର ଟିକସ ଠକେଇ ହୋଇଥିବା ସୂଚନା ମିଳିଛି। ଖବର ଲେଖା ହେବା ଯାଏଁ ଚଢ଼ଉ ଜାରି ରହିଥିଲା।

## ବ୍ଲକ୍‌ସ୍ତରୀୟ ବନ୍ଦେ ମାତରମ୍ ସାମୂହିକ ଗାନ

**ଲହୁଣୀପଡ଼ା,୨୦।୧(ସମିସ):** ଲହୁଣୀପଡ଼ା ବ୍ଲକ ତାଲବାହାଳୀ ପଞ୍ଚାୟତ ଓଡ଼ିଶାର ଉଚ୍ଚ ତମ ଜଳପ୍ରପାତ ଭାବେ ପରିଚିତ ଖଣ୍ଡାଧାର ଜଳପ୍ରପାତ ପ୍ରକୃତି ନିବାସରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତି ସାମୁହିକ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ମଙ୍ଗଳବାର ପାଳିତ ହୋଇଥିଲା। ଲହୁଣିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ଅତିରିକ୍ତ ବିଡିଓ, ଏସଓ, ବିଜେପି ମଣ୍ଡଳ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ରାଉକେଲା ଜିଲ୍ଲା ସାଙ୍ଗଠନିକ ସାଧାରଣ ସମ୍ପାଦକ ଅଭିରାମ ମହାକୁଡ଼ ସହ ସମିତି ସଭ୍ୟ ନୃପମଣି କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୨ଟି ବିଦ୍ୟାଳୟର ପ୍ରାୟ ୧୦୦ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ବ୍ଲକ କର୍ମଚାରୀ ବନ୍ଦେ ମାତରମ ଗାନ କରିଥିଲେ।

### ରାଉରକେଲା ହକର୍ସ ଆସୋସିଏସନ୍‌ର ସାଂଗଠନିକ ସମ୍ମିଳନୀ

## ବିଷ୍ଣୁ ସଭାପତି, ବିମାନ ସାଧାରଣ ସମ୍ପାଦକ ନିର୍ବାଚିତ



**ରାଉରକେଲା, ୨୦।୧(ସମିସ):** ରାଉରକେଲା ହକର୍ସ ଆସୋସିଏସନ୍‌ର ୧୦ମ ସାଂଗଠନିକ ସମ୍ମିଳନୀ ସ୍ଥାନୀୟ ଶ୍ରମିକ ଭବନ, ସେକ୍ଟର - ୧୬ ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ୟୁନିୟନର ସଭାପତି ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ସେ ଆଗାମୀ ଫେବୃଆରୀ ୧୨ ତାରିଖ ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଦେଇଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ହରତାଳର ଡାକରାକୁ ସୁନ୍ଦରଗଡ଼ ଜିଲ୍ଲାରେ ସଫଳ କରିବା ପାଇଁ ରାଉରକେଲା ହକର୍ସ ଆସୋସିଏସନ୍‌ର ସମସ୍ତ ସଦସ୍ୟ ନେତୃତ୍ୱକୁ ଆହ୍ୱାନ କରିଥିଲେ। ଏହା ବ୍ୟତୀତ ରାଉରକେଲା ହକର୍ସ ମାନଙ୍କର ବିଭିନ୍ନ ସମସ୍ୟା ଯଥା ୪୦ ପ୍ରତିଶତ କମିଶନ, ସାମାଜିକ ସୁରକ୍ଷା, ପି ଏଫଇଏସଆଇ ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇଦେବା ପାଇଁ ୟୁନିୟନ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ପାଇଁ ପ୍ରସ୍ତୁତି ହେବାକୁ ସେ ଆହ୍ୱାନ କରିଥିଲେ। ସମ୍ମିଳନୀରେ ସାଧାରଣ ସମ୍ପାଦକ ବିମାନ ମାଇତି ରାଜନୈତିକ ଓ ସାଂଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ ଓ ରିପୋର୍ଟ ଉପରେ ବିଭିନ୍ନ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଓ ବିଭିନ୍ନ ସମସ୍ୟା ଉପରେ ସମାଧାନ ପାଇଁ ଦାବି କରିଥିଲେ। ଶେଷରେ ଆଗାମୀ ୩ ବର୍ଷ ପାଇଁ ୧୫ ଜଣିଆ କର୍ମକର୍ତ୍ତା କମିଟି ଓ ୨୦ ଜଣିଆ କାର୍ଯ୍ୟକାରୀ କମିଟି ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ସର୍ବସମ୍ମତି କ୍ରମେ ପୁନଃ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବରେ ବିମାନ ମାଇତି, କୋଷାଧ୍ୟକ୍ଷ ଆର୍ତ୍ତତ୍ରାଣ ବେହେରା, ଉପଦେଷ୍ଟା ବସନ୍ତ ନାୟକ, ଆଇନ୍ ଉପଦେଷ୍ଟା ରାଜକିଶୋର ପ୍ରଧାନ, ଉପସଭାପତି ମିହିର ପାତ୍ର, ମନୋଜ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କିଶୋର କୁମାର ରାଉତ ଓ ଶୁଭେନ୍ଦୁ ପାତ୍ର, ସାଂଗଠନିକ ସମ୍ପାଦକ ଅଶୋକ କୁମାର ସାହୁ, ଅଶୋକ କୁମାର ବିଶ୍ୱାଳ, କର୍ମକର୍ତ୍ତା କମିଟିରେ ସମୀର ରାଜହଂସ, କେଶବ ଜେନା, ନବୀନ ମାଝୀ, ଅନିରୁଦ୍ଧ ଜେନା, ଅଶୋକ କୁମାର ଦାସ, ବାଦଲ ଘୋଷ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ କମିଟିରେ ଯୁଗଳ ଘୋଷ, ରଶ୍ମିକାନ୍ତ ସାହୁ, ତପନ କୁମାର କର, ପୂର୍ଣ୍ଣଚନ୍ଦ୍ର ବେହେରା, ସୁନିଲ ଦାସ୍, ନିଳମଣୀ ନନ୍ଦ, ଏକେ ବିଶ୍ୱାଳ, ନିରଞ୍ଜନ ସାମଲ, ସୁରେନ୍ଦ୍ର ପଟ୍ଟନାୟକ, ଜିତେନ୍ଦ୍ର ସୋନା, ଦିନେଶ ମଲିକ୍, ଗୋପି ସୋନା, ବ୍ରଜ ନାୟକ, ଶ୍ୟାମ ମାରେଖି, ବେସେରା ଘୋଷ, ସନ୍ତୋଷ ମହାନନ୍ଦ ପ୍ରମୁଖ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି।

## ଆର୍‌ଏସ୍‌ପିକୁ 'ଗ୍ରୋ କେୟାର ଇଣ୍ଡିଆ ପରିବେଶ ପରିଚାଳନା ପୁରସ୍କାର'

ରାଉରକେଲା, ୨୦।୧(ସମିସ): ମହାରତ୍ନ କମ୍ପାନୀ ସେଲ୍‌ର ଅନ୍ୟତମ ପ୍ରମୁଖ ୟୁନିଟ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)କୁ ୨୦୨୪ -୨୫ ଆର୍ଥିକ ବର୍ଷରେ ପରିବେଶ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ 'ଗ୍ରୋ କେୟାର ଇଣ୍ଡିଆ ପରିବେଶ ପରିଚାଳନା ପୁରସ୍କାର-୨୦୨୫' ପ୍ରଦାନ କରାଯାଇଛି। ଜାନୁଆରୀ ୧୭ ତାରିଖରେ ନୂଆଦିଲ୍ଲୀ ସ୍ଥିତ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ)ର ଯୁଗ୍ମ ସଚିବ ଏବଂ ନିର୍ଦ୍ଦେଶକ ମୃଣାଳିନୀ ଶ୍ରୀବାସ୍ତବ ଏବଂ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟର ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ବୋର୍ଡର ସଦସ୍ୟ ରାଜେଶ ଗୋୟଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ଆରଏସପି ଅନ୍ତର୍ଗତ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ପିସି ଦାଶ ଆରଏସପି ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ପୁରସ୍କାର ପରିବେଶ ସୁରକ୍ଷା କ୍ଷେତ୍ରରେ ବ୍ୟାପକ ଭାବରେ କାର୍ଯ୍ୟ କରୁଥିବା ଏକ ଜଣାଶୁଣା ବେସରକାରୀ ସଂଗଠନ ଗ୍ରୋ କେୟାର ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠା କରାଯାଇଛି। ପରିବେଶ ପରିଚାଳନା ଏବଂ ପରିବେଶ ସୁରକ୍ଷା ପ୍ରତି ଅନୁକରଣୀୟ ଅବଦାନ




ପାଇଁ ଗ୍ରୋ କେୟାର ଇଣ୍ଡିଆ ପ୍ରତିବର୍ଷ ସଂଗଠନ, କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କୁ ପରିବେଶ ପରିଚାଳନା ପୁରସ୍କାର ପ୍ରଦାନ କରିଥାଏ। ଇସ୍ପାତ ନିର୍ମାଣ କାର୍ଯ୍ୟରେ ନିଜର ନିରନ୍ତର ଏବଂ ବ୍ୟାପକ ପରିବେଶ-ଅନୁକୂଳ ପଦକ୍ଷେପ ପାଇଁ ଆରଏସପିକୁ ଏହି ପୁରସ୍କାର ପାଇଁ ଚୟନ କରାଯାଇଥିଲା। ଏଥିରେ ବାୟୁ ପ୍ରଦୂଷକ ନିର୍ଗମନର ପ୍ରଭାବଶାଳୀ ନିୟନ୍ତ୍ରଣ, ନିର୍ଗତ ନିର୍ଗମନର କଠୋର ପରିଚାଳନା, ବର୍ଜ୍ୟବସ୍ତୁ ବ୍ୟବହାରର ସର୍ବାଧିକୀକରଣ, ବ୍ୟାପକ ସବୁଜୀକରଣ ବିକାଶ, ଜଳ ସଂରକ୍ଷଣ ପଦକ୍ଷେପ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଉନ୍ନତି ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରଭାବଶାଳୀ ସିଏସଆର ପଦକ୍ଷେପ ଅନ୍ତର୍ଭୁକ୍ତ ଅଟେ। ଏହି ମାନ୍ୟତା ସ୍ଥାୟୀ ବିକାଶ, ପରିବେଶଗତ ପରିଚାଳନା ଏବଂ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ଅଭିବୃଦ୍ଧି ପ୍ରତି ଆରଏସପିର ନିରନ୍ତର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ





**ବଣାଇଁ, ୨୦।୧(ସମିସ):** ବଣାଁଇଗଡ଼ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ଏକ ଆଠଦିନିଆ ସ୍ୱଙ୍ଗରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜେନାମଣି ସାହୁ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଆଜିର ସାମାଜିକ ପରିପ୍ରେକ୍ଷିରେ ଝିଅମାନଙ୍କ ପାଇଁ ସ୍ୱଙ୍ଗରକ୍ଷା ଶିକ୍ଷାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। +୩ ପ୍ରଥମ ବର୍ଷର ମୋଟ ୧୨୬ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନର ଜଗ୍ୟାସେନୀ ରାୟ ଏହାକୁ ପରିଚାଳନା କରୁଛନ୍ତି। ସେ ଛାତ୍ରୀମାନଙ୍କୁ ସ୍ୱଙ୍ଗରକ୍ଷାର ମୌଳିକ କୌଶଳ ସମ୍ପର୍କରେ ପରିଚୟ ଦେଇ ଦୈନନ୍ଦିନ ଜୀବନରେ ସେଗୁଡ଼ିକର ବ୍ୟବହାରିକ ପ୍ରୟୋଗ ବିଷୟରେ ବ୍ୟାଖ୍ୟା କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ଲକ୍ଷ୍ମୀ କୁଜୁର ଓ ପ୍ରଜ୍ଞାପରମିତା ପ୍ରଧାନ ସହଯୋଗ କରୁଛନ୍ତି।

### ଆର୍‌ଏସ୍‌ପିର ସିନର୍ଜି ଲୋକ ସଂସ୍କୃତି ମହୋତ୍ସବ

## ନୃତ୍ୟରେ ମାଳତୀ ଓରାମ ଗ୍ରୁପ୍ ବିଜୟୀ

**ରାଉରକେଲା, ୨୦।୧(ସମିସ):** ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଜାନୁଆରୀ ୧୯ ତାରିଖରେ ସିଭିକ୍ ସେଣ୍ଟରରେ ଆୟୋଜିତ ସିନର୍ଜି ଲୋକ ସଂସ୍କୃତି ମହୋତ୍ସବର ଫାଇନାଲ ରାଉଣ୍ଡରେ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କଚାରୁ ଗ୍ରାମର ମାଳତୀ ଓରାମ ଗ୍ରୁପ୍ ଚମ୍ପିଅନ୍ ହୋଇଛି। ଏହାର ଉଦଯାପନୀ ସମାରୋହରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲ୍ଲାଇ, ଖଣି (ଓଜିଓଏମ, ସିଏମଏଲଓ) ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମପି ସିଂହ, ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଟିଜି କାନେକର, ସିଏସଆର ବିଭାଗର ଜିଏମ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଜିଏମ ବିଭାବସୁ ମଲ୍ଲିକଙ୍କ ସହ ଆରଏସପିର ବହୁ ବରିଷ୍ଠ ଅଧିକାରୀ, ସରପଞ୍ଚ, ଇଭେଣ୍ଟର ବିଚାରକ, ଏସଏଚଜି ଗୋଷ୍ଠୀ ଏବଂ ରାଉରକେଲାର ଚାରୋଟି ପାର୍ଶ୍ୱାଞ୍ଚଳ ବ୍ଲକରୁ ଅଂଶଗ୍ରହଣକାରୀମାନେ




ଉପସ୍ଥିତ ଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲାଠିକଟା ବ୍ଲକ, ନୂଆଗାଁ ବ୍ଲକ, ବିଶ୍ରା ବ୍ଲକ ଏବଂ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରୁ ୧୨୦ଟି ଦଳ ପୂର୍ବରୁ ବ୍ଲକସ୍ତରରେ ଅନୁଷ୍ଠିତ ଜୋନାଲ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବ୍ଲକରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ବିଜେତାମାନେ ଚୂଡ଼ାନ୍ତ ଟାଇଟଲ ହାସଲ ନିମନ୍ତେ ଫାଇନାଲ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ ବର୍ମା ପ୍ରତିଯୋଗିତାରେ ପାଦ ଦେଇ ନିଜର ପ୍ରତିଭାକୁ ଉପସ୍ଥାପନ କରିବା ହିଁ ଏକ ମହାନ ସଫଳତା ବୋଲି ମତବ୍ୟକ୍ତ କରିଥିଲେ। ସେ ପିଢ଼ି ପରେ ପିଢ଼ି ଦେଇ ଆସିଥିବା ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଯୁବ ପିଢ଼ି ଏହାକୁ ନିରନ୍ତର ଭାବେ ଆଗକୁ ନେବା ପ୍ରଶଂସନୀୟ ଏବଂ ଅତ୍ୟାବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ, ପ୍ରକୃତ ବିକାଶ ସମସ୍ତଙ୍କୁ ସାଙ୍ଗରେ ନେବାରେ ନିହିତ ଏବଂ ସିଏସଆର କେବଳ ଏକ ସଂଗଠନାତ୍ମକ କାର୍ଯ୍ୟ ନୁହେଁ ବରଂ ଏହା ଏକ ସାମୂହିକ ଦାୟିତ୍ୱ ସହ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ଉଲ୍ଲେଖ କରିଥିଲେ। ଏହି ଉପଲକ୍ଷେ, ଡିଆଇସି ପରବର୍ତ୍ତୀ ବର୍ଷରୁ ପୁରସ୍କାର ରାଶି ବୃଦ୍ଧି ହେବା ନେଇ ଘୋଷଣା ମଧ୍ୟ କରିଥିଲେ। ନୃତ୍ୟ ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପ୍ରଦାନ କରିଥିଲେ। କୁଆଁରମୁଣ୍ଡା ବ୍ଲକର କଚାରୁ ଗ୍ରାମର ମାଳତୀ ଓରାମ ଗ୍ରୁପକୁ ବିଜେତା ଦଳ ଭାବେ ୨୦ ହଜାର ଟଙ୍କା ନଗଦ ପୁରସ୍କାର ରାଶି ଏବଂ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରାଯାଇଥିଲା। ବିଶ୍ରା ବ୍ଲକର ସାରୁବାହଲ ଗ୍ରାମର ଲକ୍ଷ୍ମୀ ଗ୍ରୁପ୍ ଦ୍ୱିତୀୟ ପୁରସ୍କାର ଭାବେ ୧୭ ହଜାର ୫୦୦ ଟଙ୍କାର ନଗଦ ପୁରସ୍କାର ରାଶି ଏବଂ ଏକ ଟ୍ରଫି ହାସଲ କରିଥିଲେ। ସେହିପରି ତୃତୀୟ ପୁରସ୍କାର, ଲାଠିକଟା ବ୍ଲକର ଉଡସୁ ଗ୍ରାମର ସଞ୍ଜିତା ଡାନ୍ସ ଗ୍ରୁପ ହାସଲ କରିଥିଲେ ଯେଉଁଥିରେ ୧୫ ହଜାର ଟଙ୍କା ସହ ଏକ ଟ୍ରଫି ରହିଥିଲା। ପ୍ରତ୍ୟେକ ଗ୍ରୁପ୍‌କୁ ପୁରସ୍କାର ସହିତ ଏକ ଫଟୋ ଫ୍ରେମ୍ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଚାରକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଅଂଶଗ୍ରହଣକାରୀ ଦଳକୁ ୫ ହଜାର ଟଙ୍କାର ସାନ୍ତ୍ୱନାମୂଳକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଟିଜି କାନେକର ସମାବେଶକୁ ସ୍ୱାଗତ କରିବା ସହ ସିଏସଆରର କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ। ସୁଶ୍ରୀ ମୁନମୁନ ମିତ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ଏଜିଏମ ଟିବି ଟପ୍ପୋ ଓ ସିଏସଆର ବିଭାଗର ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି. ଏକ୍କା ସଂଯୋଜନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ମୋତେ କୌଣସି ଧର୍ମ ଗ୍ରହଣ କରିବାକୁ ପଡ଼ିଥା'ନ୍ତା, ତେବେ ମୁଁ ସୂର୍ଯ୍ୟ ଉପାସନାକୁ ପ୍ରାଥମିକତା ଦେଇଥା'ନ୍ତି । କାରଣ ସୂର୍ଯ୍ୟ ହିଁ ସମସ୍ତଙ୍କଠାରେ ଜୀବନ ସଞ୍ଚାର କରିଛି ।

-ନେପୋଲିୟନ ବୋନାପାର୍ଟ

## ନୋବେଲ୍ ସୁଆଙ୍ଗ

ବିଶ୍ୱରେ ଶାନ୍ତି, ସଂହତି, ମୈତ୍ରୀ, ଭ୍ରାତୃତ୍ୱ ଓ ସହାବସ୍ଥାନ ପ୍ରତିଷ୍ଠାରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରତିବର୍ଷ ନରୱେ କମିଟି ଦ୍ୱାରା ପ୍ରଦାନ କରାଯାଉଥିବା ବିଶ୍ୱର ସର୍ବୋଚ୍ଚ ସମ୍ମାନ 'ନୋବେଲ୍ ଶାନ୍ତି ପୁରସ୍କାର'କୁ ନେଇ ଚଳିତ ଥର ସୃଷ୍ଟି ହୋଇଥିବା ସୁଆଙ୍ଗ ଅଦ୍ୟାବଧି ବିଶ୍ୱ ରଙ୍ଗମଞ୍ଚରେ ପ୍ରଦର୍ଶିତ ହୋଇଚାଲିଛି ଏବଂ ସେଥିରେ ନୂଆ ନୂଆ ଚରିତ୍ରମାନ ଯୋଡ଼ି ହୋଇ ସୁଆଙ୍ଗର ଅବଧିକୁ ଦୀର୍ଘ କରିଚାଲିଛନ୍ତି । ନିରବଚ୍ଛିନ୍ନ ସାଧନାକୁ ସ୍ୱୀକୃତି ଭାବରେ ପ୍ରଦାନ କରାଯାଉଥିବା ଏହି ସମ୍ମାନଜନକ ପୁରସ୍କାରକୁ କୌଣସିମତେ ହାସଲ କରିବା ପାଇଁ ଉଦ୍‌ବିଗ୍ନ ଓ ଅତିଶୟ ଉଚ୍ଚାଟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ପାଳିର ଆଠମାସ ଭିତରେ ଅନେକ ସୁଆଙ୍ଗ ରଚନା କରିଥିଲେ, ତାହା ସେ ଏ ପର୍ଯ୍ୟନ୍ତ ନିଜେ କହିବୁଲୁଛନ୍ତି ।



ସ୍ୱରଚିତ ସୁଆଙ୍ଗରେ ନାୟକ ଭୂମିକାରେ ନିଜକୁ ନିଜେ ଉପସ୍ଥାପନ କରି ପ୍ରଶଂସା ସାଉଁଟିବାର ସେ ଯେଉଁ ଅପପ୍ରୟାସ କଲେ ସେଥିରେ ତାଙ୍କୁ 'ତାଳି'(ସ୍ୱୀକୃତି) ବଦଳରେ 'ଗାଳି'(ପ୍ରତ୍ୟାଖ୍ୟାନ) ମିଳିବା ବା ସେ ଲୋକହସା ହେବା ସାର ହେଲା । ତାଙ୍କର ନୋବେଲ୍ କ୍ଷୁଧା ଏତେ ଭୀଷଣ ହୋଇସାରିଥିଲା ଯେ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ରର ରାଷ୍ଟ୍ରପତିର ପଦମର୍ଯ୍ୟାଦାକୁ ସେ ଭୁଲି ଯାଇ ଶେଷରେ ନୋବେଲ୍ ପୁରସ୍କାର ଭିକ୍ଷା ମାଗିଚାଲିଲେ । ତାଙ୍କ ଭିକ୍ଷାଯାଚନାର ଶୈଳୀ ଓ ଭିକ୍ଷାଥାଳର ସ୍ୱରୂପ ଥିଲା ଚାପ, ଧମକ ଓ ଯୁଦ୍ଧ । ବିଶ୍ୱ ଇତିହାସରେ ବୋଧହୁଏ ଟ୍ରମ୍ପ ଏଭଳି ଜଣେ ବ୍ୟକ୍ତିତ୍ୱ ହୋଇ ରହିଗଲେ, ଯିଏ ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଅଶାନ୍ତି(ଯୁଦ୍ଧ ଓ ଅସ୍ଥିରତା)କୁ ଅସ୍ତ୍ର କରିବାର ନିହାତି ଅବାଞ୍ଛିତ ଉଦ୍ୟମ କଲେ । ସେ ନିଜ ଜାଣଅଜାଣତରେ ନିଜକୁ ସେଭଳି ଜଣେ ଅତୃପ୍ତ ଆତ୍ମା ଓ ନକାରାତ୍ମକ ଶକ୍ତିର ବାହକରେ ପରିଣତ କରିଦେଲେ, ଯେଉଁମାନଙ୍କ ପ୍ରକୋପରୁ ରକ୍ଷା ପାଇବା ପାଇଁ ଆମ ଧର୍ମଧାରଣାରେ ଘୃତ, ଅନ୍ନ, ସୁରା, ବଳିଦାନ ଆଦି ପ୍ରଥା ପ୍ରଚଳିତ ଅଛି । ନିକଟରେ ସେ ସଇତାନର ସ୍ୱୀକାରୋକ୍ତି ସୁଲଭ୍ ଖୋଦ୍ ଅତି ନିର୍ଲଜ ଓ ନିର୍ବୋଧ ପଣିଆରେ ଅଥଚ ଉଦ୍ଧାମତାର ସହ ସଗର୍ବେ କହିଛନ୍ତି ଯେ ନୋବେଲ୍ ନାହିଁ ତ ଶାନ୍ତି ନାହିଁ । ଅର୍ଥାତ୍ ମୋତେ ନୋବେଲ୍ ଶାନ୍ତି ପୁରସ୍କାର ଦେଇ ସନ୍ତୁଷ୍ଟ କଲ ନାହିଁ- ଏବେ ମୋ ପ୍ରକୋପରୁ ତ୍ରାହି ନାହିଁ । କିନ୍ତୁ ସୁଆଙ୍ଗର ଚରିତ୍ର ଓ ବାସ୍ତବ ଜୀବନ ଭିତରେ ଥିବା ତଫାତ୍‌କୁ ନୋବେଲ୍ ପୁରସ୍କାର ଚୟନ କମିଟି ସଠିକ୍ ପରଖି ସମସ୍ତ ଚାପରୁ ଊର୍ଦ୍ଧ୍ୱରେ ରହି ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମଚାଡୋଙ୍କୁ ନୋବେଲ୍ ପୁରସ୍କାର ପାଇଁ ମନୋନୀତ କରିଦେଲେ ।

ଏହାପରେ ନୋବେଲ୍ ଶାନ୍ତି ପୁରସ୍କାରକୁ କେନ୍ଦ୍ରରେ ରଖି ଆଉ ଏକ ସୁଆଙ୍ଗ ରଚନା କରିଛନ୍ତି ମଚାଡୋ । ସେ ପାଇଥିବା ନୋବେଲ୍ ଶାନ୍ତି ପୁରସ୍କାରଟିକୁ ଟ୍ରମ୍ପଙ୍କୁ ଦାନ କରିଛନ୍ତି ଏବଂ ଆହୁରି ନିର୍ଲଜପଣିଆର ପ୍ରମାଣ ଦେଇ ଟ୍ରମ୍ପ ମଧ୍ୟ ତାହା ଗ୍ରହଣ କରିଛନ୍ତି । କୌଣସି ଭୋଜିକୁ ନିମନ୍ତ୍ରିତ ହୋଇ ନଥିବା ବୁଭୁକ୍ଷୁଟିଏ ନିମନ୍ତ୍ରିତ ଅତିଥିର ଥାଳିରୁ ଖାଇ ଆତିଥେୟର ଆତ୍ମତୃପ୍ତି ଭଳି କଥା ଏହା ହୋଇଛି । ପୁରସ୍କାର ହସ୍ତାନ୍ତରର ଏଭଳି ଉପକ୍ରମରେ ନୋବେଲ୍ ତାଲିକା ଆପେ ସଂଶୋଧିତ ହୋଇଯିବ ନାହିଁ - ଏହା ଯେ ମଚାଡୋ, ଟ୍ରମ୍ପ କିମ୍ବା ତାଙ୍କ ଉପଦେଷ୍ଟାମାନେ ଜାଣି ନଥିବେ ତା' ନୁହେଁ । କିନ୍ତୁ 'ବୁଭୁକ୍ଷୁ କିଂ ନ କରୋତି କାର୍ଯ୍ୟମ୍(ଭୋକିଲାର ବିଚାରବୋଧ ଓ ବିବେକବୋଧ ନ ଥାଏ) ନୀତିରେ ଟ୍ରମ୍ପ ମଚାଡୋଙ୍କ ହାତରୁ ନୋବୋଲ୍ ପୁରସ୍କାର ଗ୍ରହଣ କରି ସଗର୍ବେ ଫଟୋ ଉଠାଇ ପ୍ରଶଂସା ସାଉଁଟିବାର ନିର୍ବୋଧ ଉଦ୍ୟମ କରିଛନ୍ତି ।

ଏହି ସମ୍ପୂର୍ଣ୍ଣ ସୁଆଙ୍ଗରେ ମାଚୋଡା କିନ୍ତୁ ନାୟିକା ଓ ଟ୍ରମ୍ପ ଖଳନାୟକ ହୋଇରହିଗଲେ । ଯଦି ବାସ୍ତବରେ ଏଭଳି ଉପକ୍ରମରେ ନୋବେଲ୍ ତାଲିକା ସଂଶୋଧନ ହୋଇଯାଉଥା'ନ୍ତା ତେବେ ମଚାଡୋ ସତରେ ପୁରସ୍କାରଟିକୁ ଟ୍ରମ୍ପଙ୍କ ହାତକୁ ଟେକି ଦେଇଥା'ନ୍ତେ କି ନାହିଁ ସନ୍ଦେହ । କିନ୍ତୁ ନୋବେଲ୍ ପୁରସ୍କାର ଭଳି ମହାର୍ଘ ସ୍ୱୀକୃତି ଓ ସମ୍ମାନକୁ ହସ୍ତାନ୍ତର ଜନିତ ବଳିଦାନ ଓ ସମର୍ପଣ ଭାବନା ଯୋଗୁଁ ସେ ଆହୁରି ମହୀୟସୀ ଓ ବିଶ୍ୱବନ୍ଦନୀୟା ହୋଇଯାଇଥା'ନ୍ତେ । କାରଣ ନୋବେଲ୍-ଭୋକିଲା ଟ୍ରମ୍ପଙ୍କ ଆକ୍ରୋଶରୁ ତ ସେ ଏହି ବଳିଦାନ ଦ୍ୱାରା ନିଜ ଦେଶ ଭେନେଜୁଏଲା ସମେତ ଗ୍ରୀନ୍‌ଲାଣ୍ଡ, ଇରାନ୍ ଆଦି ଦେଶ ବିରୋଧରେ ସମ୍ଭାବ୍ୟ ଯୁଦ୍ଧକୁ ଟାଳି ବିଶ୍ୱକୁ ବିନାଶରୁ ରକ୍ଷା କରିପାରିଥା'ନ୍ତେ । ଏହି ଶ୍ରେୟ ନୋବେଲ୍ ଶାନ୍ତି ପୁରସ୍କାରଠାରୁ ମଧ୍ୟ ଅଧିକ ହୋଇଯାଇଥା'ନ୍ତା । କିନ୍ତୁ ସୁଆଙ୍ଗର ସଂଳାପ ଓ ଅଭିନୟ ବାସ୍ତବ ଜୀବନରେ ସମ୍ଭବ ନୁହେଁ, ଏହା ଦର୍ଶକ ଆସନରେ ବସିଥିବା ଅବଶିଷ୍ଟ ବିଶ୍ୱ ଉପଲବ୍ଧି କରୁଛନ୍ତି ଏବଂ ସୁଆଙ୍ଗକୁ ଉପଭୋଗ କରୁଛନ୍ତି ।

ନୋବୋଲ୍ ସୁଆଙ୍ଗର ଏହି ସାମଗ୍ରିକ ଓ ସମ୍ଭାବ୍ୟ ଉପକ୍ରମ ଯେ ଏକ କଳଙ୍କିତ ଅଧ୍ୟାୟ ଲେଖିଦେଇ ଗଲା ତାହା ମଚାଡୋ ହେଜିବା ଦରକାର । ମଚାଡୋଙ୍କ ହାତରୁ ପୁରସ୍କାର ନେଇ ଟ୍ରମ୍ପ ନିଜ ପଦମର୍ଯ୍ୟାଦାକୁ ଯେତିକି କ୍ଷୁଣ୍ଣ କରିଛନ୍ତି, ମଚାଡୋ ମଧ୍ୟ ନୋବେଲ୍ ପୁରସ୍କାରର ସେତିକି ଅପମାନ କରିଛନ୍ତି । ନୋବେଲ୍ ଶାନ୍ତି ପୁରସ୍କାର ଏକ ରେସ୍‌କୋର୍ସ ନୁହେଁ, ଯେଉଁଠାରେ ଘୋଡ଼ାଟିଏ ଦୌଡୁଥିବ, ଅଥଚ ଜୁଆଡ଼ିଟିଏ ହିଁ ବାଜି ମାରି ନେଉଥିବ । ଏହି ଅବାଞ୍ଛିତ ଉପକ୍ରମ ନୋବୋଲ୍‌ର ମାନ ଓ ମର୍ଯ୍ୟାଦା କ୍ଷୁଣ୍ଣ କରିଥିବାରୁ ମଚାଡୋଙ୍କଠାରୁ ମଧ୍ୟ ପୁରସ୍କାର ପ୍ରତ୍ୟାହାର କରାଗଲେ ବା ତାଲିକାରୁ ତାଙ୍କ ନାମ ବାଦ୍ ଦିଆଗଲେ ଭୁଲ୍ ହେବ ନାହିଁ ।

# ସାଟେଲାଇଟ୍ ସହିତ ଗାନ୍ଧୀ !

ଡକ୍ଟର ଅବଶ ପରିଡ଼ା

ଲୋକପ୍ରିୟ ସମାଜଶାସ୍ତ୍ରୀ ଆଲଭିନ୍ ଟଫଲରଙ୍କୁ ଅକ୍ଷେବହୁତ ସଭିଏଁ ଜାଣନ୍ତି । 'ଫ୍ୟୁଚର ସକ୍' ଭଳି ତାଙ୍କର ଅନ୍ୟ ଏକ ପ୍ରମୁଖ ପୁସ୍ତକ ହେଉଛି 'ଦି ଥାର୍ଡ ୱେଭ୍' । ଏହା ସାମାଜିକ ପରିବର୍ତ୍ତନର ଏକ ଶକ୍ତିଶାଳୀ ପୁନଃବ୍ୟାଖ୍ୟାନ । ଆଧୁନିକୀକରଣର ପାରମ୍ପରିକ ଶିଳ୍ପ-କେନ୍ଦ୍ରିକ ତତ୍ତ୍ୱକୁ ଏହି ପୁସ୍ତକ ମାଧ୍ୟମରେ ଆହ୍ୱାନ କରିଛନ୍ତି ଟଫଲର । ପାରମ୍ପରିକ ବିଶ୍ୱାସ କୁହେ ଯେ ପ୍ରଯୁକ୍ତିବିଦ୍ୟାର ଦ୍ରୁତପ୍ରଗତି ଯୋଗୁଁ କେନ୍ଦ୍ରୀକରଣ, ସହରୀକରଣ ଓ ସାମାଜିକ ସମନ୍ୱୟୀକରଣ ଭଳି ଘଟଣା ହେବା ସ୍ୱାଭାବିକ । କିନ୍ତୁ ଟଫଲରଙ୍କ 'ଦି ଥାର୍ଡ ୱେଭ୍' ପୁସ୍ତକର ସାରମର୍ମ ଏସବୁ ଧାରଣା ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏଠାରେ ଟଫଲର ଯୁକ୍ତି ଦେଇଛନ୍ତି ଯେ ସୂଚନା, ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଓ ବିକେନ୍ଦ୍ରୀକରଣ ବ୍ୟବସ୍ଥା ଦ୍ୱାରା ପରିଚାଳିତ ସଭ୍ୟତାର ତୃତୀୟ ତରଙ୍ଗରେ ମାନବଜାତି ପ୍ରବେଶ କରୁଛି । ଏଠି ପରିବର୍ତ୍ତନ ବ୍ୟକ୍ତିର ଭାବନାଠାରୁ ବହୁତ ଆଗରେ ।

ସେହି ପୁସ୍ତକର ଏହିଭଳି ପ୍ରଗତିଶୀଳ ଧାରଣାଗୁଡ଼ିକ ମଧ୍ୟରେ 'ସାଟେଲାଇଟ୍ସ ସହିତ ଗାନ୍ଧୀ'(ଗାନ୍ଧୀ ୱିଥ୍ ସାଟେଲାଇଟ୍) ନାମକ ଏକ ଅଧ୍ୟାୟ ଅଛି । ଏଠାରେ ଟଫଲର ସାଙ୍କେତିକ ଭାବରେ ମହାତ୍ମା ଗାନ୍ଧୀଙ୍କ ବିକେନ୍ଦ୍ରୀକରଣ, ଗ୍ରାମ ଓ ସମ୍ପ୍ରଦାୟ-ଆଧାରିତ ଏକ ନୈତିକ ସାମାଜିକ ଜୀବନର ଦୃଷ୍ଟିକୋଣ ସହ ସାଟେଲାଇଟ୍ ଓ ଡିଜିଟାଲ୍ ନେଟୱାର୍କ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାର ମିଶ୍ରଣ କରିଛନ୍ତି । ଏହାସହିତ ଏକ ପରିବର୍ତ୍ତିତ ମାନବମୂଲ୍ୟ ଥିବା ସମାଜ କଥା ମଧ୍ୟ ଚିନ୍ତା କରିଛନ୍ତି । ଏଠାରେ ପ୍ରଶ୍ନ ପଚରା ଯାଇପାରେ ଯେ ସାମାଜିକ ପରିବର୍ତ୍ତନର ଏହି ଭବିଷ୍ୟବାଣୀରେ ଟଫଲର କାହିଁକି ଗାନ୍ଧୀଙ୍କ ଉଦାହରଣ ଦେଲେ? ପଶ୍ଚିମ ବିଶ୍ୱରେ ବିଦ୍ୱାନ, ଲେଖକ ଓ ରାଜନେତାଙ୍କର କ'ଣ ଅଭାବ ଥିଲା? ଗାନ୍ଧୀ କାହିଁକି ନୂତନ ସାମାଜିକ ପରିବର୍ତ୍ତନର ଦିଗଦର୍ଶକ ହେଲେ?

ପାଞ୍ଚ ଦଶନ୍ଧି ତଳେ ଟଫଲରଙ୍କ ଦୃଷ୍ଟିକୋଣ ସୁଦୂରପ୍ରସାରୀ ଥିଲା । ତାଙ୍କ ମତରେ ଭବିଷ୍ୟତର ସମାଜ ହେଉଛି ସୁଦୂର କାର୍ଯ୍ୟ, ଡିଜିଟାଲ ଶାସନ, ଟେଲିମେଡିସିନ୍ ଓ ନେଟୱାର୍କ ସକ୍ରିୟତା ଦ୍ୱାରା ଚିହ୍ନିତ, ଯାହା ଏବେ ଏକ ଧ୍ରୁବ ସତ୍ୟ । ସ୍ଥାନୀୟ ସଂସ୍କୃତି ସହିତ ବିଶ୍ୱ ସଂଯୋଗର ସହାବସ୍ଥାନ ଏକ ମାନବୀୟ ଆଧୁନିକତାକୁ ପ୍ରତିଫଳିତ କରିବ ବୋଲି ଟଫଲର ଆଶାବାଦୀ ଥିଲେ । ଆଲଭିନ୍ ଟଫଲରଙ୍କ ପାଇଁ ଆଧୁନିକୀକରଣ ଓ ପ୍ରଗତିର ତତ୍ତ୍ୱଗୁଡ଼ିକୁ ପ୍ରଶ୍ନ କରିବା ପାଇଁ ମହାତ୍ମା ଗାନ୍ଧୀ ଥିଲେ ଏକମାତ୍ର ସମାଜତାତ୍ତ୍ୱିକ ଉପାଦାନ । ଏହି ପରିପ୍ରେକ୍ଷୀରେ ଅନେକ ସମାଜଶାସ୍ତ୍ରୀ ମତ ଦିଅନ୍ତି ଯେ ସମ୍ଭବତଃ ଭବିଷ୍ୟତକୁ ଗାନ୍ଧୀଙ୍କ ଦୃଷ୍ଟିରେ ପୁନଃକଳ୍ପନା କରିଛନ୍ତି ଟଫଲର । ଗାନ୍ଧୀଙ୍କ ପରି ଟଫଲର ମଧ୍ୟ କାରଖାନାର ବହୁଳ ଉତ୍ପାଦନ ଓ ଅମଲାତନ୍ତ୍ର ନିୟନ୍ତ୍ରଣ ଦ୍ୱାରା ହେଉଥିବା ଶ୍ରମିକର କାର୍ଯ୍ୟ ବିଚ୍ଛିନ୍ନତାକୁ ନିରନ୍ତର ସମାଲୋଚନା କରିଛନ୍ତି । ଏଠି କହି ରଖିବାକୁ ଚାହେଁ ଯେ ମହାତ୍ମା ଗାନ୍ଧୀ ପ୍ରଗତିକୁ କଦାପି ବିରୋଧ କରି ନ ଥିଲେ । କିନ୍ତୁ ସେ ଏପରି ଏକ ସଭ୍ୟତାର ବିରୋଧ କରିଥିଲେ, ଯାହା ଦକ୍ଷତା ଓ ପରିମାଣ ବଦଳରେ ମାନବ ମର୍ଯ୍ୟାଦା, ସାମୂହିକ ଜୀବନ ଓ ନୈତିକ ଦାୟିତ୍ୱକୁ ବଳିଦାନ ଦିଏ ।

୧୯୦୯ ମସିହା 'ହିନ୍ଦ ସ୍ୱରାଜ'ରେ ଗାନ୍ଧୀ ଲେଖିଛନ୍ତି 'ଯନ୍ତ୍ରପାତି ଭାରତକୁ ଗରିବ କରିଦେଇଛି, ମାଞ୍ଚେଷ୍ଟର ଆମ ପ୍ରତି କରିଥିବା କ୍ଷତିକୁ ମାପିବା ଆମ ପାଇଁ କଷ୍ଟକର ।' ଗାନ୍ଧୀଙ୍କ ଏହି ମତ ଥିଲା ଶିଳ୍ପ ପୁଞ୍ଜିବାଦ ଉପରେ କଟାକ୍ଷ । ଗାନ୍ଧୀ କହିବାକୁ ଚାହୁଁଥିଲେ ଯେ ଯାନ୍ତ୍ରିକଶିଳ୍ପ ଉତ୍ପାଦନ ଦ୍ୱାରା ଗ୍ରାମ୍ୟଶିଳ୍ପ ନଷ୍ଟ ହୁଏ । ସମ୍ପତ୍ତିର ମାଲିକାନାକୁ କେନ୍ଦ୍ରୀଭୂତ କରିବା ସହିତ ସାମାଜିକ ସମ୍ପର୍କ ମଧ୍ୟ ହାନି ହୁଏ । ଆଠ ଦଶକ ପରେ ଏହି ଗାନ୍ଧୀବାଣୀ ଟଫଲରଙ୍କ 'ସମାଜର ଅମାନବୀୟ ମୂଳ' ଭାବରେ ବର୍ଣ୍ଣନା ହୋଇଛି ।

ଟଫଲରଙ୍କ 'ଫ୍ୟୁଚର ସକ୍' ପୁସ୍ତକରେ ଉଲ୍ଲେଖ ଅଛି ଯେ ଅନ୍ଧବିକାଶର ଅଦୃଶ୍ୟ ପରିମାଣ ଏବଂ ଶିଳ୍ପ ମାନକୀକରଣ ଯୋଗୁଁ ବ୍ୟକ୍ତିର ମାନସିକ ବିଭ୍ରାନ୍ତି ଓ ସାମାଜିକ ବିଭ୍ରାଟ ଆଶଙ୍କା ବଢ଼ିଯିବ । ଏପରିକି ଆଧୁନିକ ଯୁଗରେ ଦକ୍ଷତା ଆଗରେ ମାନବ ମର୍ଯ୍ୟାଦାର ମୂଲ୍ୟ କିଛି ରହିବ ନାହିଁ । ୧୯୨୭ ମସିହା ମାଡ୍ରାସରେ ଚରଖା ସଂଘରେ ଏକ ଭାଷଣରେ ଗାନ୍ଧୀ ଏହି ସମାନ କଥା ସ୍ପଷ୍ଟ କରିଥିଲେ ଯେ 'ମୁଁ ଯନ୍ତ୍ରପାତିକୁ ବିରୋଧ କରେ ନାହିଁ, କିନ୍ତୁ ଯେତେବେଳେ ଏହା ଆମ ଉପରେ ପ୍ରଭୁତ୍ୱ ଦେଖାଏ ସେତେବେଳେ ମୁଁ ଏହାର ସମ୍ପୂର୍ଣ୍ଣ ବିରୋଧ କରେ ।' ସେହିପରି ୧୩ ନଭେମ୍ବର ୧୯୨୪ରେ 'ୟଙ୍ଗ ଇଣ୍ଡିଆ'ରେ ଗାନ୍ଧୀ ଚେତାବନୀ ଦେଇଥିଲେ 'ଯନ୍ତ୍ରପାତି ପ୍ରତି ଦୁର୍ବଳତା ଭାରତର ଆର୍ଥିକ ଦୁର୍ଦ୍ଦଶାର ମୁଖ୍ୟ କାରଣ ହେବ । ଯନ୍ତ୍ରପାତି ହେଉଛି ଏକ ସୈତାନ, ଯାହା ବନ୍ଦୀ ରଖେ ଏବଂ କ୍ରୀତଦାସ କରିଦିଏ ।' ଏହି ସମାନ ଯୁକ୍ତି ଦେଇ ଟଫଲରଙ୍କ କୁହନ୍ତି ବିସ୍ଥାପିତ ଶ୍ରମ ଓ ଗ୍ରାମ ସ୍ୱାବଲମ୍ବନକୁ ନଷ୍ଟ କରିଦେବାର ଶକ୍ତି ଆଧୁନିକ ଶିଳ୍ପ ଓ ପ୍ରଯୁକ୍ତିବିଦ୍ୟା ପାଖରେ ଅଛି । ସଦ୍ୟ ପ୍ରକାଶିତ କିଛି ସର୍ଭେରେ ଉଲ୍ଲେଖ ଅଛି ଯେ ଆଧୁନିକ ଅମଲାତାନ୍ତ୍ରିକ-ଶିଳ୍ପ ବ୍ୟବସ୍ଥା ଦ୍ୱାରା ଶ୍ରମିକ ଓ ପେସାଦାରମାନେ ନିଜ କାର୍ଯ୍ୟ, ସମ୍ପ୍ରଦାୟ ଓ ନିଷ୍ପତ୍ତି ଗ୍ରହଣରୁ ବିଚ୍ଛିନ୍ନ ହେଉଛନ୍ତି, ଯାହା ଅନ୍ୟ ଏକ ଗମ୍ଭୀର ସାମାଜିକ ସମସ୍ୟାକୁ ଜନ୍ମ ଦେଉଛି ।

ନୈତିକ ଅର୍ଥନୀତିକୁ ପ୍ରାଥମିକତା ଦେଇଥିବା ଗାନ୍ଧୀ ସର୍ବଦା ବ୍ୟକ୍ତି ଉପରେ ଅମଲାତନ୍ତ୍ରର ଆଧିପତ୍ୟ ବିରୁଦ୍ଧରେ ଥିଲେ । ସେ ଆଶା କରିଥିଲେ ଯେ ସାମୁଦାୟିକ ଜୀବନକୁ ରକ୍ଷା କରିବା ପାଇଁ ବିକେନ୍ଦ୍ରୀକରଣ ଏବଂ ଏକ ମାନବିକ ବ୍ୟବସ୍ଥାର ଅତ୍ୟନ୍ତ ଆବଶ୍ୟକତା ଅଛି । ଏକ ଶତାବ୍ଦୀ ପୂର୍ବରୁ ଶିଳ୍ପ ସଭ୍ୟତାର ସାମାଜିକ ବ୍ୟାଧିକୁ ପୂର୍ବାନୁମାନ କରିସାରିଥିଲେ ଗାନ୍ଧୀ । ପରେ ଟଫଲର୍ ଏହାକୁ ନିଜ 'ଦ୍ୱିତୀୟ ତରଙ୍ଗ ବିଫଳତା'ର ତତ୍ତ୍ୱ ଭାବେ ପ୍ରକାଶ କରିଥିଲେ । ଏହି ପ୍ରସଙ୍ଗରେ ଗାନ୍ଧୀ ସାହିତ୍ୟ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଶିଳ୍ପ ଆଧୁନିକତା ହେଉଛି ନୀତି ବିନା ଶକ୍ତି । କିନ୍ତୁ ଟଫଲର୍‌ଙ୍କ 'ଗାନ୍ଧୀ ପ୍ରଯୁକ୍ତିବିଦ୍ୟା' ହେଉଛି ମାନବିକ ନୀତିନିୟମ ଓ ସାମାଜିକ ମୂଲ୍ୟବୋଧ ଦ୍ୱାରା ପ୍ରଯୁକ୍ତିବିଦ୍ୟାର ବ୍ୟବହାର । ଏଆଇ ଯୁଗରେ ଏହି ଆଚରଣର ଆବଶ୍ୟକତା ଅଧିକ ଅଛି ।

ଏବେ ଫେରିବା ଅନ୍ୟ ଏକ ପ୍ରଶ୍ନକୁ । ଗାନ୍ଧୀଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ପରିବର୍ତ୍ତନର ଉଦାହରଣ ଭାବେ ଟଫଲର କାହିଁକି ନେଲେ? ଏହି ପ୍ରଶ୍ନର ଉତ୍ତରରେ ଶ୍ରୀଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଯେ ଏହା ପଛରେ ତିନୋଟି ସମ୍ଭାବ୍ୟ କାରଣ ଥାଇପାରେ । ପ୍ରଥମ, ଗାନ୍ଧୀ ହେଉଛନ୍ତି ଜଣେ ଅଣ-ପାଶ୍ଚାତ୍ୟ, କିନ୍ତୁ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ରାଜନେତା ଓ ସମାଜ ସଂସ୍କାରକ । ଦ୍ୱିତୀୟ, ପରିବର୍ତ୍ତନ ଓ ନୈତିକ ଭିତ୍ତିଭୂମିକୁ ଗୁରୁତ୍ୱ ଦେଉଥିବା ଜଣେ ଆଶାବାଦୀ ବ୍ୟକ୍ତି । ତୃତୀୟରେ ମାର୍କ୍ସ ଓ ୱେବରଙ୍କ ଭଳି ଅଧିକାଂଶ ପାଶ୍ଚାତ୍ୟ ଭବିଷ୍ୟତବାଦୀମାନଙ୍କଠାରୁ ଗାନ୍ଧୀ ଭିନ୍ନ; କାରଣ ସେ ବାକ୍ୟ ବଦଳରେ କର୍ମ ଓ ପ୍ରୟୋଗକୁ ଗୁରୁତ୍ୱ ଦେଉଥିଲେ । ଗାନ୍ଧୀ ପାଶ୍ଚାତ୍ୟ ପ୍ରାଧାନ୍ୟ ନୁହେଁ, ସେ ସାଂସ୍କୃତିକ ବହୁଳତାର ପ୍ରତିନିଧି । ଗାନ୍ଧୀଙ୍କ ଗ୍ରାମସ୍ୱରାଜ, ଗ୍ରାମ୍ୟବିକାଶ ଓ ସ୍ଥାନୀୟ ସ୍ୱାବଲମ୍ବନ ହେଉଛି ଭାରତୀୟ ବିକେନ୍ଦ୍ରୀକରଣ ତତ୍ତ୍ୱ । ଟଫଲରଙ୍କ ମୂଳ ଧାରଣାରେ ମଧ୍ୟ କାର୍ଯ୍ୟ, ଉତ୍ପାଦନ, ଶକ୍ତି ଓ ନିଷ୍ପତ୍ତି ଗ୍ରହଣର ବିକେନ୍ଦ୍ରୀକରଣ କଥା ଉଲ୍ଲେଖ ଅଛି । ଗାନ୍ଧୀ ଗବେଷକଙ୍କ ମତରେ ଗାନ୍ଧୀଙ୍କ ବ୍ୟତୀତ ଅନ୍ୟ କୌଣସି ଆଧୁନିକ ଚିନ୍ତାନାୟକ ବିକେନ୍ଦ୍ରୀକରଣକୁ ଏତେ ଅଧିକ ସ୍ପଷ୍ଟ ଭାବରେ ପ୍ରକାଶ କରିନାହାନ୍ତି ।

ଆଲଭିନ୍ ଟଫଲର ମେସିନକୁ ପ୍ରତ୍ୟାଖ୍ୟାନ କରିନଥିଲେ କିମ୍ବା ଦାରିଦ୍ର୍ୟକୁ ପ୍ରଶଂସା ମଧ୍ୟ କରିନଥିଲେ । ମହାତ୍ମା ଗାନ୍ଧୀଙ୍କ ପରି ସେ ବିଶ୍ୱାସ କରୁଥିଲେ ଯେ ପ୍ରଯୁକ୍ତିବିଦ୍ୟା ମଣିଷକୁ ନିୟନ୍ତ୍ରଣ କରିବା ପାଇଁ ନୁହେଁ, ବରଂ ସାହାଯ୍ୟ କରିବା ଉଚିତ୍ । ଆଜିର ଭାରତରେ ଏହି ଧାରଣା ସ୍ପଷ୍ଟ ଦୃଶ୍ୟମାନ । ଡାକ୍ତରଙ୍କ ସହିତ ପରାମର୍ଶ କରିବା ପାଇଁ ଗ୍ରାମୀଣ ଭାରତ ଟେଲିମେଡିସିନ୍ ବ୍ୟବହାର କରୁଛି । ଶିକ୍ଷା ପାଇଁ ବିଦ୍ୟାର୍ଥୀମାନେ 'ଦୀକ୍ଷା' ଓ 'ସ୍ୱୟମ୍' ଭଳି ଅନଲାଇନ୍ ପ୍ଲାଟଫର୍ମ ଉପରେ ନିର୍ଭରଶୀଳ । ସେହିପରି ଛୋଟ ଦୋକାନୀ ଓ ଚାଷୀମାନେ ନଗଦ ଟଙ୍କା ବଦଳରେ ୟୁପିଆଇର ବହୁଳ ବ୍ୟବହାର କରୁଛନ୍ତି । ଛୋଟ ସହରରୁ ଦୂରବର୍ତ୍ତୀ କାମ ବା ୱାର୍କ ଫ୍ରମ୍ ହୋମ୍ ଏବେ ଏକ ଲୋକପ୍ରିୟ କାର୍ଯ୍ୟସଂସ୍କୃତି । ଏହିସବୁ ଅଭ୍ୟାସରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ସ୍ଥାନୀୟ ଜୀବନକୁ ନଷ୍ଟ ନକରି ଅନେକ ସାହାଯ୍ୟ କରୁଛି । ଏହା ହିଁ ହେଉଛି ଟଫଲରଙ୍କ 'ସାଟେଲାଇଟ୍ ସହିତ ଗାନ୍ଧୀ'ର ଅର୍ଥ ଓ ଉଦାହରଣ ।

ସମାଜବିଜ୍ଞାନ ଦୃଷ୍ଟିରୁ 'ସାଟେଲାଇଟ୍ ସହିତ ଗାନ୍ଧୀ' ମଡେଲଟି ବହୁତ ଗୁରୁତ୍ୱପୂର୍ଣ୍ଣ । ଏହି ମଡେଲ ହେଉଛି ଉପନିବେଶ ପରବର୍ତ୍ତୀ ବିକାଶ ପଥ, ଯାହା ଗ୍ରାମ ଓ ଛୋଟ ସହରକୁ ସୁଦୃଢ଼ କରି ସହରାଞ୍ଚଳ ଅସମାନତା ହ୍ରାସ କରିବାରେ ସାହାଯ୍ୟ କରିବା ସହିତ ସାମାଜିକ ଓ ପରିବେଶଗତ ଦାୟିତ୍ୱକୁ ମଧ୍ୟ ଅଭିବୃଦ୍ଧି କରେ । କାରଣ ବିକାଶ କେବଳ ବଡ଼ ସହର, ବିଶାଳ କାରଖାନା ଏବଂ ବିଳାସପୂର୍ଣ୍ଣ ବ୍ୟବହାରରେ ସୀମିତ ନୁହେଁ । ଅକ୍ଟୋବର ୫, ୧୯୪୫ ରେ ଜବାହରଲାଲ ନେହେରୁଙ୍କୁ ଗାନ୍ଧିଜୀ ଲେଖିଥିବା ଏକ ଚିଠିରେ ଉଲ୍ଲେଖ କରିଥିଲେ ଯେ 'ମୁଁ ବିଶ୍ୱାସ କରେ ଯଦି ଭାରତକୁ ପ୍ରକୃତ ସ୍ୱାଧୀନତା ହାସଲ କରିବାକୁ ହୁଏ ତେବେ ଲୋକମାନଙ୍କୁ ସହରରେ ନୁହେଁ, ଗାଁରେ ରହିବାକୁ ପଡ଼ିବ । ଶୀଘ୍ର କିମ୍ବା ବିଳମ୍ବରେ ହେଉ ଭାରତ ମାଧ୍ୟମରେ ସମଗ୍ର ବିଶ୍ୱକୁ ଏହି ସତ୍ୟ ସ୍ୱୀକାର କରିବାକୁ ପଡ଼ିବ ।' ଏହାର ଅର୍ଥ ହେଉଛି ଯେ ଉନ୍ନତ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଦୁଇଟି ସମସ୍ୟା ସମାଧାନ ହେବ । ପ୍ରଥମ ଦ୍ରୁତ ସହରୀକରଣକୁ ମନ୍ଥର କରାଯାଇପାରିବ ଏବଂ ଦ୍ୱିତୀୟ, ବିଚ୍ଛିନ୍ନତା ନୁହେଁ ବରଂ ଏକ ବିକେନ୍ଦ୍ରୀକୃତ ସମାଜ ମଧ୍ୟ ଗଢ଼ି ଉଠିବ । ଏହା ହିଁ ତ ଆଜିର ଆହ୍ୱାନ, ନୁହେଁ କି?

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଭାରତ-ଜର୍ମାନୀ ସମ୍ପର୍କ: ଆଜିର ଆବଶ୍ୟକତା

ଡ ସୁଶାନ୍ତ କୁମାର ପରିଡ଼ା

ବିଶ୍ୱ ରାଜନୀତି ଏବେ ଏକ ଗଭୀର ପରିବର୍ତ୍ତନ ମଧ୍ୟରେ ଗତି କରୁଛି । ରୁଷ-ୟୁକ୍ରେନ ଯୁଦ୍ଧ, ମଧ୍ୟ-ପ୍ରାଚ୍ୟର ଅସ୍ଥିରତା, ଚୀନ ଓ ରୁଷ ସହ ପଶ୍ଚିମ ଦେଶଗୁଡ଼ିକ (ଆମେରିକା, ୟୁରୋପ) ମଧ୍ୟରେ ଟଣଓଟରା ଏବଂ ବିଶ୍ୱ ଅର୍ଥନୀତିର ଅନିଶ୍ଚିତତା ମଧ୍ୟରେ ଭାରତ ଓ ଜର୍ମାନୀ ଭଳି ଦେଶମାନଙ୍କର ଅନ୍ତର୍ଜାତୀୟ ସହଯୋଗ ଅନେକ ଗୁରୁତ୍ୱ ବହନ କରୁଛି । ଏହି ପରିପ୍ରେକ୍ଷୀରେ ଜର୍ମାନ ଚାନ୍ସେଲର ଫ୍ରେଡ୍ରିଜ୍ ମର୍ଜଙ୍କ ଭାରତ ଭ୍ରମଣ କେବଳ ଏକ ଔପଚାରିକ ରାଜନୈତିକ ଯାତ୍ରା ନୁହେଁ, ବରଂ ଏହା ଏକ ରଣନୈତିକ ସନ୍ଦେଶ ।

ଭାରତ-ଜର୍ମାନୀ ସମ୍ପର୍କ ଆଜିର ଆବିଷ୍କାର ନୁହେଁ । ଉନବିଂଶ ଶତାବ୍ଦୀରୁ ଆରମ୍ଭ କରି ଭାରତୀୟ ବୁଦ୍ଧିଜୀବୀ ଜଗତ ଉପରେ ଜର୍ମାନ ଦାର୍ଶନିକତା, ଭାଷାବିଜ୍ଞାନ ଓ ବିଜ୍ଞାନର ଗଭୀର ପ୍ରଭାବ ଥିଲା । ସ୍ୱାଧୀନତା ପରେ ମଧ୍ୟ ଭାରତ ଓ ପଶ୍ଚିମ ଜର୍ମାନୀ ମଧ୍ୟରେ ଶିକ୍ଷା, ବୈଜ୍ଞାନିକ ଗବେଷଣା ଓ ଶିଳ୍ପ କ୍ଷେତ୍ରରେ ସହଯୋଗ ଧୀରେଧୀରେ ବଢ଼ିଥିଲା । ଶୀତଳ ଯୁଦ୍ଧ ସମୟରେ ଦୁଇ ଦେଶର ରଣନୈତିକ ଅବସ୍ଥାନ ଭିନ୍ନ ଥିଲେ ମଧ୍ୟ ପାରସ୍ପରିକ ସମ୍ମାନ ଓ ବ୍ୟବହାରିକ ସହଯୋଗର ଧାରା କେବେ ବିଚ୍ଛିନ୍ନ ହୋଇ ନ ଥିଲା । ଭାରତ ଓ ଜର୍ମାନୀ ଦୀର୍ଘଦିନ ଧରି ଗଣତାନ୍ତ୍ରିକ ମୂଲ୍ୟବୋଧ, ନିୟମାଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥା ଓ ବହୁପକ୍ଷୀୟତାର ପକ୍ଷପାତୀ । ଜର୍ମାନୀ ୟୁରୋପର ସବୁଠାରୁ ଶକ୍ତିଶାଳୀ ଅର୍ଥନୀତି ଭାବେ ଏବେ ତାହାର ଭାରତ-ଇଣ୍ଡୋ-ପ୍ୟାସିଫିକ ନୀତିକୁ ଅଧିକ ସକ୍ରିୟ କରୁଛି । ଏହି ଗସ୍ତ ମାଧ୍ୟମରେ ଜର୍ମାନୀ ସ୍ପଷ୍ଟ କରିଛି ଯେ ଆଗାମୀ ଦିନରେ ଭାରତ ତାହାର ଏସିଆନ ରଣନୀତିର ଏକ କେନ୍ଦ୍ରବିନ୍ଦୁ ।

ଭାରତ ଆଜି କେବଳ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ନୁହେଁ; ଏହା ଏକ ରଣନୈତିକ ଅନିବାର୍ଯ୍ୟତା । ଇଣ୍ଡୋ-ପାସିଫିକ ଅଞ୍ଚଳରେ ଚୀନର ବୃଦ୍ଧିଶୀଳ ପ୍ରଭାବ, ସମୁଦ୍ର ସୁରକ୍ଷା, ଏବଂ ନିୟମାଧାରିତ ବ୍ୟବସ୍ଥାକୁ ନେଇ ଭାରତର ଭୂମିକାକୁ ଜର୍ମାନୀ ଗୁରୁତ୍ୱ ଦେଇଆସିଛି । ଜର୍ମାନ ଚାନ୍ସେଲରଙ୍କ ଭାରତ ଭ୍ରମଣ ଏହି ଭୂମିକାକୁ ଆନ୍ତର୍ଜାତିକ ସ୍ୱୀକୃତି ଦେଉଛି । ଭାରତ ତାହାର ବିଦେଶନୀତିରେ 'ରଣନୈତିକ ସ୍ୱାଧୀନତା'କୁ ଆଜି ମଧ୍ୟ କେନ୍ଦ୍ରବିନ୍ଦୁରେ ରଖିଛି । ଜର୍ମାନୀ ସହ ସମ୍ପର୍କ ଏହି ଦୃଷ୍ଟିକୋଣକୁ ଦୁର୍ବଳ କରୁନାହିଁ; ବରଂ ଏହା ଭାରତକୁ ଅଧିକ ବିକଳ୍ପ, ଅଧିକ ସମନ୍ୱୟୀ ଓ ଅଧିକ ବୈଶ୍ୱିକ ମାନ୍ୟତା ଦେଉଛି । ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ ଏହି ଗ୍ରସ୍ତ ଖୁବ ଗୁରୁତ୍ୱପୂର୍ଣ୍ଣ । ଜର୍ମାନୀର ଶିଳ୍ପ, ପ୍ରଯୁକ୍ତି, ସବୁଜ ଶକ୍ତି ଓ ବିନିର୍ମାଣ କ୍ଷେତ୍ରର ଅଭିଜ୍ଞତା ଭାରତର 'ମେକ୍ ଇନ୍ ଇଣ୍ଡିଆ' ଓ 'ଗ୍ରୀନ୍ ଟ୍ରାନ୍ସିସନ' ଲକ୍ଷ୍ୟ ସହ ମେଳ ଖାଉଛି । ଦୁଇ ଦେଶ ମଧ୍ୟରେ ନବୀକରଣ ଶକ୍ତି, ହାଇଡ୍ରୋଜେନ୍ ଏନର୍ଜି, ଇଲେକ୍ଟ୍ରିକ୍ ମୋବିଲିଟି ଓ ଡିଜିଟାଲ୍ ପ୍ରଯୁକ୍ତିରେ ସହଯୋଗ ଭବିଷ୍ୟତରେ ଭାରତୀୟ ଅର୍ଥନୀତି ପାଇଁ ନୂତନ ସୁଯୋଗ ସୃଷ୍ଟି କରିପାରେ ।

ରଣନୈତିକ ଦିଗରୁ ଦେଖିଲେ, ଜର୍ମାନୀ ଭାରତକୁ କେବଳ ଏକ ବଜାର ଭାବେ ନୁହେଁ, ବରଂ ଏକ ଭରସାଯୋଗ୍ୟ ରଣନୈତିକ ସହଭାଗୀ ଭାବେ ଦେଖୁଛି । ୟୁରୋପ ଏବେ ରୁଷ ଉପରେ ଅଧିକ ନିର୍ଭରଶୀଳତା କମାଇବାକୁ ଚାହୁଁଛି ଏବଂ ସପ୍ଲାଇ ଚେନ୍ ବିବିଧୀକରଣ ତାହାର ମୁଖ୍ୟ ଲକ୍ଷ୍ୟ । ଏହି ପରିସ୍ଥିତିରେ ଭାରତ ଜର୍ମାନୀ ପାଇଁ ଏକ ଭରସାଯୋଗ୍ୟ ବିକଳ୍ପ ଭାବେ ଉଭୟ ଆର୍ଥିକ ଓ ରଣନୈତିକ ଦୃଷ୍ଟିରୁ ଉଦୟ ହେଉଛି । ଏହି ଗସ୍ତର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲୋକ-ଲୋକ ସମ୍ପର୍କ । ଶିକ୍ଷା, ଗବେଷଣା, ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ କ୍ଷେତ୍ରରେ ଭାରତୀୟ ଯୁବକଯୁବତୀମାନଙ୍କ ପାଇଁ ଜର୍ମାନୀ ଏକ ଆକର୍ଷଣୀୟ ସ୍ଥଳ ହେଉଛି । ଏହା କେବଳ ଅର୍ଥନୈତିକ ସହଯୋଗକୁ ସଦୃଢ଼ କରେ ନାହିଁ, ବରଂ ଦୁଇ ସମାଜ ମଧ୍ୟରେ ଦୀର୍ଘମିଆଦୀ ଭରସା ଓ ସମ୍ପର୍କ ଗଢ଼ି ତୋଳେ । ଜର୍ମାନ ଚାନ୍ସେଲରଙ୍କ ଭାରତ ଯାତ୍ରା କେବଳ ଦୁଇ ଦେଶର ସମ୍ପର୍କ ନୁହେଁ, ବରଂ ୟୁରୋପ ଓ ଇଣ୍ଡୋପାସିଫିକ ମଧ୍ୟରେ ଗଢ଼ିଉଠୁଥିବା ନୂତନ ଶକ୍ତି ସେତୁର ପ୍ରତୀକ ।

ଜର୍ମାନ ଚାନ୍ସେଲରଙ୍କ ଭାରତ ଗସ୍ତ ଏକ ସ୍ପଷ୍ଟ ସନ୍ଦେଶ ଦେଉଛି ଯେ ଭାରତ ଏବେ ବିଶ୍ୱ ରାଜନୀତିରେ କେବଳ ଏକ ଆଞ୍ଚଳିକ ଶକ୍ତି ନୁହେଁ, ବରଂ ଏକ ଅନିବାର୍ଯ୍ୟ ବିଶ୍ୱ ସହଭାଗୀ । ବିଶ୍ୱ ରାଜନୀତିର ଭବିଷ୍ୟତ କେବଳ ପଶ୍ଚିମ କିମ୍ବା ପୂର୍ବ ଦ୍ୱାରା ନିର୍ଦ୍ଦେଶିତ ହେବ ନାହିଁ; ଏହା ଭାରତ ପରି ଉଦୀୟମାନ ଶକ୍ତି ଏବଂ ଜର୍ମାନୀ ପରି ପ୍ରତିଷ୍ଠିତ ଲୋକତନ୍ତ୍ର ମଧ୍ୟରେ ସହଯୋଗ ଦ୍ୱାରା ଗଢ଼ାଯିବ । ଏହି ଯାତ୍ରା ସେହି ଭବିଷ୍ୟତର ଏକ ସ୍ପଷ୍ଟ ଆଗ୍ରହ ଓ ସମ୍ଭାବନାକୁ ଉଜାଗର କରେ । ଭାରତ-ଜର୍ମାନୀ ସମ୍ପର୍କ ଯଦି ଏହି ଗତିରେ ଆଗକୁ ବଢ଼େ, ତେବେ ଏହା କେବଳ ଦୁଇ ଦେଶ ପାଇଁ ନୁହେଁ, ବରଂ ବିଶ୍ୱ ସ୍ଥିରତା ଓ ବହୁପକ୍ଷୀୟ ବ୍ୟବସ୍ଥା ପାଇଁ ମଧ୍ୟ ଉପକାରୀ ହେବ ।

(ଅଧ୍ୟାପକ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା), ମୋ: ୯୪୩୭୨୧୦୪୫୮

# ମହାପ୍ରଭୁଙ୍କ ମଥାମଣି

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ଅତୀତରେ କଳିଙ୍ଗ ସାଧବମାନେ ସାତସମୁଦ୍ର ପାରି ବାଣିଜ୍ୟ କରି ପ୍ରଚୁର ଧନସମ୍ପତ୍ତି ଆମ ଦେଶକୁ ନେଇ ଆସୁଥିଲେ । ସେହିପରି ଜଣେ ସାଧବଙ୍କ କଥା ଇଏ । ଦିନେ ସାଧବଙ୍କ ବୋଇତ ରାତି ବିଶ୍ରାମ ପାଇଁ ଏକ ନିର୍ଜନ ଦ୍ୱୀପ ପାଖରେ ଅଟକିଲା । ଦ୍ୱୀପର କେତେକ ଯାଗାରେ କୌଣସି ତେଜସ୍କ୍ରିୟ ପଦାର୍ଥ ଉଜ୍ଜ୍ୱଳ ଆଲୋକ ବିକିରଣ କରୁଥିବା ସାଧବ ଦେଖିବାକୁ ପାଇଲେ । ନିର୍ଜନ ଦ୍ୱୀପର ଆଲୋକ ତାଙ୍କୁ ଆଶ୍ଚର୍ଯ୍ୟଚକିତ କଲା । ଏତେ ବର୍ଷର ଅନୁଭୂତିରେ ସେ କେବେ ଏପରି ଦୃଶ୍ୟ ଦେଖି ନ ଥିଲେ । ହଠାତ୍ ତାଙ୍କର ମନେ ପଡ଼ିଲା ଯେ ତାଙ୍କ ପୂର୍ବପୁରୁଷମାନେ ଏକ 'ମଣିଦ୍ୱୀପ' କଥା କହୁଥିଲେ, ଯେଉଁ ନିର୍ଜନ ଦ୍ୱୀପରେ ଅନେକ ମଣିନାଗ ସାପ ବାସ କରୁଥିଲେ । ରାତିରେ ସାପମାନଙ୍କର ମଣି ଉଜ୍ଜ୍ୱଳ ଆଲୋକ ବିକିରଣ କରୁଥିଲେ । ଏକଥା ମଧ୍ୟ ଶୁଣା ଯାଉଥିଲା ଯେ କେହି ସାହସୀ ସାଧବ ଗୋଟେଦିଟା ମଣି ଆଣିବାରେ ସଫଳ ହୋଇଥିଲେ ଏବଂ ଆଉ କେତେକ ସର୍ପଦଂଶନରେ ମୃତ୍ୟୁମୁଖରେ ପଡ଼ିଥିଲେ ।

ରାତିସାରା ସାଧବ ମଣି କଥା ଚିନ୍ତା କରି କରି ଶୋଇପାରିଲେ ନାହିଁ । ସେ ଭାବୁ ଥିଲେ ଯେକୌଣସି ପ୍ରକାରେ ଗୋଟେ ମଣି ହାସଲ କରି ନେଲେ, ଏତେ କଷ୍ଟ କରି ନୌବାଣିଜ୍ୟ କରିବା ଦରକାର ପଡ଼ନ୍ତା ନାହିଁ । ଭୋରରୁ ସାଧବ କାହାକୁ କିଛି ନ କହି ଦ୍ୱୀପ ଭିତରକୁ ଚାଲିଲେ । ବହୁତ ଖୋଜାଖୋଜି ପରେ ଗୋଟିଏ ମଣି ପାଖରେ ପହଞ୍ଚିଲେ । ତା'ପାଖରେ ବିରାଟ ସାପର ଘୋଷରା ଦାଗ ପଡ଼ିଥିଲା । ସାପ ମଣିଟିକୁ ଛାଡ଼ି ଖାଦ୍ୟ ଖୋଜି ଯାଇଥିଲା । ସାଧବ କାଳବିଳମ୍ବ ନ କରି ଗୋଟେ ପତ୍ର ଠୋଲାରେ ମଣିଟିକୁ ରଖି ଯଥାଶୀଘ୍ର ବୋଇତ ଆଡ଼କୁ ଚାଲିଲେ । ଅଳ୍ପ ବାଟ ଯାଇ ଥିଲେ କି ନାହିଁ ଏକ ବିରାଟ ନାଗ ସାପ ସୁ ସୁ ଗର୍ଜନ କରି ତାଙ୍କୁ ଗୋଡ଼େଇଲା । ସାଧବ କୌଣସିମତେ ପ୍ରାଣବିକଳରେ ଦୌଡ଼ି ବୋଇତ ଉପରକୁ ଚାଲିଆସିଲେ ।

ଭୟରେ ଥରୁଥିବା ସାଧବ ଟିକିଏ ଥକ୍କା ମାରି ଦେଖିଲେ ଯେ ସାପଟା ପାଣିରେ ପହଁରି ବୋଇତର ଅନୁଧାବନ କରୁଥିଲା । ସେ ସମସ୍ତ ବଳ ଖଟେଇ ବୋଇତ ବାହିବାକୁ ଆଦେଶ ଦେଲେ । ନାବିକମାନେ ସାପ ଭୟରେ ଝାଳନାଳ ହୋଇ ବୋଇତ ବାହୁଥିଲେ ମଧ୍ୟ ସାଧବ ଦେଖୁଥିଲେ ଯେ ସାପ ଓ ବୋଇତ ଭିତରେ ଥିବା ବ୍ୟବଧାନ କମିବାରେ ଲାଗିଛି । ଅର୍ଥାତ୍ ବୋଇତର ବେଗ ସାପର ବେଗଠାରୁ କମ ଥିଲା । ନାବିକମାନେ ହାଲିଆ ହେଉଥିବା ବେଳେ ସାପ ଅଧିକ ପରାକ୍ରମରେ ମାଡ଼ି ଆସୁଥିଲା । ସବୁ ସମୟରେ ସବୁ ସାଧବ ମହାପ୍ରଭୁ ଜଗନ୍ନାଥଙ୍କ ଶରଣରେ ରହି ବୋଇତରେ ଯାଆସ କରୁଥିଲେ । କ୍ଷୀର ସମୁଦ୍ରଶାୟୀ ଜଗନ୍ନାଥ ହିଁ ସେମାନଙ୍କୁ ମହାସମୁଦ୍ରରେ ବିପତ୍ତିରୁ ଉଦ୍ଧାର କରୁଥିଲେ ବୋଲି ସେମାନଙ୍କର ଦୃଢ଼ବିଶ୍ୱାସ ଥିଲା । ତେଣୁ ସାଧବ ସାଷ୍ଟାଙ୍ଗ ପ୍ରଣିପାତ କରି ମହାପ୍ରଭୁଙ୍କୁ ନିଉଛାଳି ହେଲେ- ମହାପ୍ରଭୁ! ମୁଁ ପାଇଥିବା ମଣିକୁ ବିକି ଧନ ଅର୍ଜନ କରିବାର ଅଭିଳାଷ ପୋଷଣ କରି ମୁଁ ଅପରାଧ କରିଛି ମହାବାହୁ! ଏ ମଣି ଆପଣଙ୍କ ଶ୍ରୀଅଙ୍ଗ ମଣ୍ଡନ କରିବାର ଯୋଗ୍ୟତା ରଖେ । ଏ ମଣିକୁ ମୁଁ ଆପଣଙ୍କ ଶ୍ରୀପୟରରେ ଅର୍ପଣ କରିବି । ମୋର ଅପରାଧ କ୍ଷମା କରନ୍ତୁ, କ୍ଷମା ସାଗର, କରୁଣା ବରୁଣାଳୟ ।'

ବୋଇତ ଉପରେ ଜଣେ ନାବିକ ଅନବରତ ସାପ ଉପରେ ଦୃଷ୍ଟି ରଖିଥିଲା । ସେ ଦେଖିବାକୁ ପାଇଲା ଯେ ହଠାତ୍ ଏକ ବିରାଟକାୟ କୁମ୍ଭୀର ସମୁଦ୍ରରୁ ବାହାରି ସାପଟାକୁ ଗିଳି ଦେଲା । ସାପର ରକ୍ତରେ ସମୁଦ୍ର ପାଣି ଲାଲ୍ ହୋଇଗଲା । ତା' ପରେ ସବୁ ସ୍ଥିର । ସେ ଆନନ୍ଦରେ ଚିତ୍କାର କରି ଏ କଥା ଘୋଷଣା କଲା । ସାଧବ ଏହା ମହାପ୍ରଭୁଙ୍କ ଚମତ୍କାରିତା ବୋଲି ବିଶ୍ୱାସ କରି ମହାପ୍ରଭୁଙ୍କୁ ପ୍ରଣିପାତ କଲେ । ତାଙ୍କଠାରୁ ସବୁ ଶୁଣି ନାବିକମାନେ 'ଜୟ ଜଗନ୍ନାଥ' ଧ୍ୱନିରେ ନିର୍ଜନ ସମୁଦ୍ରକୁ ପ୍ରକମ୍ପିତ କଲେ । ସାଧବ ନିର୍ବିଘ୍ନରେ ଘରେ ପହଞ୍ଚିଲେ । ପରିବାରର ଲୋକମାନେ ସବୁ କଥା ଶୁଣି ସ୍ଥାନୀୟ ଦେବାଳୟରେ ପୂଜାର୍ଚ୍ଚନା କଲେ ଏବଂ ଅନେକ ଦାନ ଦକ୍ଷିଣା ଦେଲେ । ତା' ପରେ ଅନେକ ଶଗଡ଼ରେ ପ୍ରଚୁର ଧନସମ୍ପତ୍ତି ଲଦି ପରିବାର ସହ ଶ୍ରୀକ୍ଷେତ୍ର ଯାତ୍ରା କଲେ । ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରି ଧନ ସମ୍ପତ୍ତି ସହ ମଣିଟିକୁ ମହାପ୍ରଭୁଙ୍କ ଚରଣରେ ସମର୍ପଣ କଲେ । ମଣିଟିକୁ ଦେଖି ସେବକ ଓ ପଣ୍ଡିତମାନେ ସ୍ଥିର କଲେ ଯେ ସେପରି ଦୁର୍ଲଭ ଓ ତେଜୋଦୀପ୍ତ ମଣି ମହାପ୍ରଭୁଙ୍କ ମସ୍ତକ ମଣ୍ଡନ କଲେ ସେ ଅଧିକ ସୁନ୍ଦର ଦିଶିବେ । ସେହି ଦିନଠାରୁ ସେ ମଣି ମହାପ୍ରଭୁଙ୍କ ଶୋଭା ବର୍ଦ୍ଧନ କରି ଆସୁଛି ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଧାନକିଣା ଦୂରବସ୍ଥା ସରକାରୀ ପ୍ରାୟୋଜିତ: କଂଗ୍ରେସ

ଭୁବନେଶ୍ୱର,୨୦।୧(ସମିସ): ରାଜ୍ୟରେ ଏଥର ଚାଷୀ ନିଜର ଆବଶ୍ୟକତା ପାଇଁ ଧାନ ରଖିବା ପରେ ପ୍ରାୟ ୧୦୦ଲକ୍ଷ ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ ଧାନ ବିକ୍ରି ନିମନ୍ତେ ବଳକା ରହିବ । ମାତ୍ର ଏହି ଧାନ ନ କିଣିବା ପାଇଁ ସରକାର ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶାସନକୁ ଆସିବା ପାଇଁ ବିଜେପି ଦଳ ତାଙ୍କ ନିର୍ବାଚନ ପ୍ରତିଶ୍ରୁତିରେ ୨୩ଶହ ଟଙ୍କା ଏମଏସପି ସହିତ ୮ଶହ ଟଙ୍କା ଇନ୍‌ପୁଟ ସହାୟତା ବିନା କଟନୀ ଛଟନୀରେ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କାରେ ସବୁ କିଣିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଚଳିତ ଥର ପ୍ରଥମ କରି ଫଳ ଓଲଟା ହେଲା ବୋଲି ଆଜି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଧାନ ବିକ୍ରି ପାଇଁ ୧୯ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜିକରଣ କରିଥିଲେ। ସରକାର ବିଭିନ୍ନ ତ୍ରୁଟି ଦର୍ଶାଇ ସେମାନଙ୍କ ମଧ୍ୟରୁ ୨ ଲକ୍ଷରୁ ଅଧିକ ଚାଷୀଙ୍କୁ କାଟିଦେଲେ। ମାତ୍ର ଜାନୁଆରୀ ଶେଷ ହେବାକୁ ବସିଲାଣି, ଏପର୍ଯ୍ୟନ୍ତ ୫ଲକ୍ଷ ୫୨ ହଜାର ୩୮୦ ଜଣ ଚାଷୀଙ୍କଠାରୁ ୨୪ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି। ଉପକୂଳବର୍ତ୍ତୀ ଜିଲ୍ଲାରେ କାଁ ଭାଁ ମଣ୍ଡି ଖୋଲା ଯାଇଥିବା ବେଳେ ପୁରୀ, ଭଦ୍ରକ, ଜଗତସିଂହପୁର ଜିଲ୍ଲାରେ ମଣ୍ଡି ଖୋଲାଯାଇ ପାରିନାହିଁ। ଗତବର୍ଷ ଯେଉଁମାନଙ୍କୁ

- **ବାଧ୍ୟ ହୋଇ ୧୬୦୦ ଟଙ୍କାରେ ଧାନ ବିକୁଛନ୍ତି ଚାଷୀ**
- **ପୂର୍ବ ବର୍ଷ ତୁଳନାରେ ଟୋକେନରେ କମିଛି ଧାନ ପରିମାଣ**
- **ସବୁ ଧାନ ନ ଉଠାଇଲେ ରାଜ୍ୟବ୍ୟାପୀ ଦୁର୍ବାର ଆନ୍ଦୋଳନ**

୧୦୦ କ୍ୱିଣ୍ଟାଲ ଟୋକନ ଦିଆଯାଇଥିଲା ଚଳିତଥର ତାହାକୁ କମାଇ ୫୦ କ୍ୱିଣ୍ଟାଲ ବିକ୍ରି ପାଇଁ ଟୋକନ ଦିଆଯାଇଛି। ଚାଷୀ ପରିବହନ ଓ ଅଖା ଖର୍ଚ୍ଚ ମଧ୍ୟ ପାଉନାହିଁ। ସରକାର ଓ ମିଲର ସହିତ ବିବାଦ ଭେଳିକି ସାଜିଛି। ସବୁ ଜିଲ୍ଲାରେ ଜାନୁଆରୀ ୧୦ ତାରିଖ ସୁଦ୍ଧା ଧାନକିଣା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଫମ୍ପା ପାଲଟିଛି। ଯୋଗାଣ ବିଭାଗ, କୃଷି ବିଭାଗ ଓ ସମବାୟ ବିଭାଗ ମନ୍ତ୍ରୀଙ୍କ ବୟାନବାଜୀ ଚାଷୀଙ୍କ ପାଇଁ କଟା ଘା'ରେ ଚୁନ ସଦୃଶ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ନିର୍ଦ୍ଧାରିତ ଏମଏସପି ୨୩୬୯ ଟଙ୍କା ୮ଶହ ଟଙ୍କା ଇନପୁଟ୍ ସହାୟତା ମୋଟ ୩୧୬୯ ପରିବର୍ତ୍ତେ ଅନେକ ଜିଲ୍ଲାରେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ଦଲାଲ ୧୬୦୦ରୁ ୧୭୦୦ ଟଙ୍କାରେ ଧାନ କିଣୁଛି। ସରକାର ଧାନ କିଣିବା ପରିବର୍ତ୍ତେ ମିଲର ଧାନ କିଣୁଛି। ଧାନ କିଣା ପ୍ରକ୍ରିୟାରେ ସରକାରଙ୍କର ଆଦୌ ତତ୍ପରତା ଓ ସ୍ୱଚ୍ଛତା ନାହିଁ। ସରକାର କେବଳ ପ୍ରଚାର ଓ ଭାଷଣ ସର୍ବସ୍ୱ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। କାଳ ବିଳମ୍ବ ନ କରି ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟଧାର୍ଯ୍ୟ ମୁତାବକ ୭୩ଲକ୍ଷ ମେଟ୍ରିକ୍ ଟନ୍ ଧାନ ଓ ଅନ୍ୟ ବଳକା ଧାନକୁ ୮ଶହ ଟଙ୍କା ଇନପୁଟ୍ ସହାୟତା ସହ ୩୧୬୯ ଟଙ୍କାରେ କିଣାଯିବାକୁ ସରକାରଙ୍କ ନିକଟରେ କଂଗ୍ରେସ ଦାବି କରିଛି। ଯଦି ବ୍ୟବସ୍ଥିତ ଢଙ୍ଗରେ ସରାକର ତୁରନ୍ତ ଚାଷୀଙ୍କଠାରୁ ସବୁ ବଳକା ଧାନ କିଣା ନ କିଣନ୍ତି ସାରା ରାଜ୍ୟରେ ଚାଷୀ ଆନ୍ଦୋଳନକୁ କଂଗ୍ରେସ ପକ୍ଷରୁ ଦୁର୍ବାର କରାଯିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

■ ହାଇକୋର୍ଟଙ୍କ ଆଦେଶ ଅନୁପାଳନ ନ କରିବା ପ୍ରସଙ୍ଗ

## ଉଚ୍ଚଶିକ୍ଷା ସଚିବଙ୍କ ବିରୋଧରେ ଗିରଫ ପରୱାନା

କଟକ,୨୦।୧(ସମିସ): ଅଦାଲତଙ୍କ ଆଦେଶ ଅନୁପାଳନ ନକରିବା ରାଜ୍ୟ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଉଚ୍ଚଶିକ୍ଷା ସଚିବ ଶ୍ରୀ ଅଗ୍ରୱାଲଙ୍କ ବିରୋଧରେ ଜାମିନଯୋଗ୍ୟ ଗିରଫ ପରୱାନା(ଆରେଷ୍ଟ ୱାରେଣ୍ଟ) ଜାରି କରିଛନ୍ତି ହାଇକୋର୍ଟ। ତପନ କୁମାର ପଟ୍ଟନାୟକ ଓ କ୍ଷୀରୋଦ ପ୍ରସାଦ ସାହୁଙ୍କ ତରଫରୁ ଦାୟର ଦୁଇ ପୃଥକ୍ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସଚିବଙ୍କୁ ଆସନ୍ତା ଜାନୁଆରି ୨୨ରେ ହାଜର କରାଇବା ପାଇଁ ଏହି ଗିରଫ ପରୱାନା ଜାରି କରାଯାଇଛି। ଏଥିପୂର୍ବରୁ ଯଦି ପୂର୍ବ ଆଦେଶ ପାଳନ କରାଯାଏ, ତାଙ୍କ ବିରୋଧରେ ଏହି ନିର୍ଦ୍ଦେଶ ଆଧାରରେ କୌଣସି କଠୋର୍ ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

■ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ

## ଭୁବନେଶ୍ୱରରେ ରାଜ୍ୟପାଳ, କଟକରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧(ସମିସ): ସାଧାରଣତନ୍ତ୍ର ଦିବସ ୨୦୨୬ରେ ବିଭିନ୍ନ ଜିଲ୍ଲାରେ ଅତିଥି ଭାବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣ ଯୋଗ ଦେବେ। କିଏ କେଉଁଠି ପତାକା ଉତ୍ତୋଳନ କରିବେ ସେନେଇ ଗୃହ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ତାଲିକା ଜାରି ହୋଇଛି। ତାଲିକା ଅନୁଯାୟୀ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପରେଡରେ ଅଭିବାଦନ ଗ୍ରହଣ କରିବେ। କଟକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ଅଭିବାଦନ ଗ୍ରହଣ କରିବେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କୋରାପୁଟ ଜିଲ୍ଲାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଖୋର୍ଦ୍ଧା ଜିଲ୍ଲାରେ ଅଭିବାଦନ ଗ୍ରହଣ କରିବେ। ପୁରୀରେ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ରେ ରବି ନାରାୟଣ ନାଏକ, ରାୟଗଡାରେ ନିତ୍ୟାନନ୍ଦ ଗଣ୍ଡ, କେନ୍ଦୁଝରରେ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳରେ ପୃଥ୍ୱୀରାଜ ହରିଚନ୍ଦନ, କନ୍ଧମାଳରେ ଡ. ମୁକେଶ ମହାଲିଙ୍ଗ, ମାଲକାନଗିରିରେ ବିଭୂତି ଭୂଷଣ ଜେନା, ଭଦ୍ରକରେ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପତାକା ଉତ୍ତୋଳନ କରିବେ। ସେହିପରି କଳାହାଣ୍ଡିରେ ଗଣେଶ ରାମ ସିଂ ଖୁଣ୍ଟିଆ, ନୟାଗଡରେ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁରରେ ପ୍ରଦୀପ ବଳ ସାମନ୍ତ, ବାଲେଶ୍ୱରରେ ଗୋକୁଳାନନ୍ଦ ମଲ୍ଲିକ ଓ ବୌଦ୍ଧରେ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ କରିବେ। କେନ୍ଦ୍ରାପଡ଼ାରେ କେନ୍ଦ୍ରାଞ୍ଚଳ ଆରଡିସି, ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆରଡିସି, ରାଉରକେଲାରେ ଉତ୍ତରାଞ୍ଚଳ ଆରଡିସି ପତାକା ଉତ୍ତୋଳନ କରିବାକୁ ଥିବାବେଳେ ଅନୁଗୋଳ, ବଲାଙ୍ଗୀର, ଦେବଗଡ, ଗଞ୍ଜାମ, ଗଜପତି, ଝାରସୁଗୁଡା, ଯାଜପୁର, ଜଗତସିଂହପୁର, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ସୋନପୁର ଓ ସୁନ୍ଦରଗଡରେ ପତାତା ଉତ୍ତୋଳନ କରିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି।

**ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ**

### ମାର୍ଚ୍ଚରୁ ଦୁବାଇ...

କ୍ଷେତ୍ରକୁ ନିବେଶ ଆଣିବାରେ ମଧ୍ୟ ସହାୟକ ହୋଇଥିଲା। ଏବେ ଗୋଟିଏ ପରେ ଗୋଟିଏ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ହେଉଥିବାରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ପାଇଁ ମଧ୍ୟ ଏକ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ମାତ୍ର ୩ଟି ସ୍ଥାନକୁ ଯଥା ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ସିଧା ବିମାନ ଚଳାଚଳ କରୁଛି। ଏଥି ମଧ୍ୟରୁ ଦୁଇଟି ବିମାନ ସେବା ବନ୍ଦ ହେବା ପରେ ଆଉ ମାତ୍ର ଗୋଟିଏ ଅନ୍ତର୍ଜତୀୟ ସେବା ବଳବତ୍ତର ରହିବ। ଏହାଦ୍ୱାରା ଭୁବନେଶ୍ୱର ବିମାନ ବନ୍ଦରରେ ଅନ୍ତର୍ଜାତୀୟ ବିମାନବନ୍ଦର ବୋଲି କେବଳ ନାମ ଫଳକରେ ସୀମିତ ରହିବ।

ଅନ୍ୟପକ୍ଷରେ ମଧ୍ୟପ୍ରାଚ୍ୟରେ ରହୁଥିବା ଓଡ଼ିଆମାନେ ଦୁବାଇ, ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ବନ୍ଦ ହେବା ପ୍ରସଙ୍ଗକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ୟୁଏଇ ଓଡ଼ିଶା ସମାଜ ପକ୍ଷରୁ ଏ ସଂକ୍ରାନ୍ତରେ ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି । ଓଡ଼ିଆ ସମାଜ ପକ୍ଷରୁ ଲିଖିତ ଚିଠିରେ ଦର୍ଶାଯାଇଛି ଯେ ଦୁବାଇକୁ ବିମାନ ସେବା ବନ୍ଦ ହେବା ଦ୍ୱାରା ସଂଯୁକ୍ତ ଆରବ ଏମିରେଟ୍ସରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆମାନେ ଗୁରୁତର ସମସ୍ୟା ଭୋଗିବେ। ଏହା ସହିତ ରାଜ୍ୟର ପର୍ଯ୍ୟଟନ ଏବଂ ବ୍ୟବସାୟିକ ସମ୍ପର୍କ ମଧ୍ୟ ପ୍ରଭାବିତ ହେବ। ୨୦୨୫ ମସିହା ସେପ୍ଟେମ୍ବର ମାସରେ ଏଭଳି ଏକ ପରିସ୍ଥିତି ଉପୁଜିଥିଲା, ତେବେ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଏହି ବିମାନ ସେବାକୁ ଜାରି ରଖାଯାଇଥିଲା। ଅନ୍ୟପଟେ ଆବୁଧାବି ଏବଂ ଭୁବନେଶ୍ୱର ମଧ୍ୟରେ ସପ୍ତାହରେ ତିନି ଥର ଚଳାଚଳ କରୁଥିବା ଅନ୍ୟ ଏକ ସିଧାସଳଖ ବିମାନ ସେବା ବନ୍ଦ ହୋଇସାରିଛି, ଯାହା ଦ୍ୱାରା ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ସିଧାସଳଖ ବିମାନ ସଂଯୋଗ ହ୍ରାସ ପାଇଛି। ଆବୁଧାବି ଏବଂ ଆଖପାଖ ଅଞ୍ଚଳରେ ଅନେକ ଲୋକଙ୍କୁ ଏଥିପାଇଁ ଅନେକ ସମସ୍ୟା ଭୋଗିବାକୁ ପଡୁଛି। ୟୁଏଇରେ ରହୁଥିବା ୪୦ ହଜାରରୁ ଉର୍ଦ୍ଧ୍ୱ ଓଡ଼ିଆଙ୍କ ପାଇଁ ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା। ଏହି ବିମାନ ସେବା ଅନ୍ୟ ଗଲ୍ଫ ଦେଶଗୁଡ଼ିକୁ ଭୁବନେଶ୍ୱରକୁ ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରୁଥିବା ବେଳେ ଏହି ବିମାନ ଟିକଟ ପାଇଁ ଯଥେଷ୍ଟ ଚାହିଦା ରହିଛି। ରାଜ୍ୟର ପର୍ଯ୍ୟଟନ, ବାଣିଜ୍ୟ ଏବଂ ବ୍ୟବସାୟିକ କ୍ଷେତ୍ରକୁ ମଧ୍ୟ ଏହି ବିମାନ ସେବା ପ୍ରୋତ୍ସାହିତ କରି ଆସୁଛି। ତେଣୁ ଏହି ପ୍ରତିକ୍ଷିତ ସେବା ବନ୍ଦ ହେବା ଦ୍ୱାରା ପ୍ରବାସୀ ଓଡ଼ିଆଙ୍କ ଉପରେ ଗୁରୁତର ପ୍ରଭାବ ପଡ଼ିବା ଆଶଙ୍କା ଥିବାରୁ ମୁଖ୍ୟ ସଚିବ ହସ୍ତକ୍ଷେପ କରି ଏହାକୁ ପୂର୍ବବତ୍ ଜାରି ରଖିବା ପାଇଁ ଓଡ଼ିଶା ସମାଜ ଅନୁରୋଧ କରିଛି।

### ବିଜେପିରେ ନିତିନ...

ଦାୟିତ୍ୱ ଗ୍ରହଣ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ପୂର୍ବତନ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ ପ୍ରମୁଖ ନେତା ଉପସ୍ଥିତ ଥିଲେ। ଅଧ୍ୟକ୍ଷ ହେବା ପରେ ପ୍ରଥମ ସମ୍ବୋଧନରେ ନିତିନ କହିଥିଲେ ଯେ ଜଣେ ସାଧାରଣ କର୍ମୀଙ୍କ ଅସାଧାରଣ ଯାତ୍ରାକୁ ସମ୍ମାନ ମିଳିଛି। ସେ ଦଳର ଇତିହାସ, ଆଦର୍ଶଗତ ସଂଘର୍ଷ ଏବଂ ଭବିଷ୍ୟତର ଚ୍ୟାଲେଞ୍ଜ ବିଷୟରେ ଖୋଲାଖୋଲି ଭାବେ ଆଲୋଚନା କରି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ଖୁବ ପ୍ରଶଂସା କରିଛନ୍ତି। ସର୍ବପ୍ରଥମେ ରାଷ୍ଟ୍ର ଆସୁଛି ବୋଲି କହିଥିଲେ। ରାଷ୍ଟ୍ରକୁ ମଜଭୁତ କରିବା ଦିଗରେ ଦଳ ନେଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷଙ୍କୁ ମନେ ପକାଇ ଦଳୀୟ କର୍ମୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ବିଜେପିର ଯାତ୍ରା ତ୍ୟାଗ, ସଂଘର୍ଷ ଏବଂ ଦୃଢ଼ ସଂକଳ୍ପରେ ପରିପୂର୍ଣ୍ଣ ବୋଲି କହିଥିଲେ। ସାଂଗଠନିକ ଶକ୍ତି ହିଁ ବିଜେପିର ବଡ଼ ସମ୍ପତ୍ତି ବୋଲି ଦର୍ଶାଇ ଥିଲେ। ସୂଚନାଯୋଗ୍ୟ ଯେ ୪୫ ବର୍ଷୀୟ ନବୀନ ପୂର୍ବତନ ବିଧାୟକ ନବୀନ କିଶୋର ପ୍ରସାଦ ସିହ୍ନାଙ୍କ ପୁଅ। ସେ ବିହାରର ବାଙ୍କିପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପାଞ୍ଚ ଥର ବିଧାୟକ ନିର୍ବାଚିତ ହୋଇଛନ୍ତି। ବିଜେପି ତାଙ୍କ ନେତୃତ୍ୱରେ ଖୁବ ସଫଳତା ପାଇବ ବୋଲି ଆଶା କରାଯାଉଛି। ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେରଳ ନିର୍ବାଚନ ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିପାରେ। ସେ ଏହି ରାଜ୍ୟରେ ଦଳକୁ ମଜବୁତ କରିବା ପାଇଁ ପ୍ରୟାସ କରିବେ।

### ଶ୍ରୀମନ୍ଦିର ଉପରେ...

ଦିଆଯିବା ଏହା ହିଁ ସ୍ପଷ୍ଟ କରୁଛି। ଜଣେ ସାଂସଦଙ୍କ ପ୍ରତି ଯଦି ଏଭଳି ଧମକ ଦିଆଯାଉଛି ତା'ହେଲେ ସାଧାରଣ ଲୋକଙ୍କ ଜୀବନ କେତେ ସୁରକ୍ଷିତ ତାହା ସହଜେ ଅନୁମେୟ। ଏଭଳି ପୋଷ୍ଟ ମୋ ଜୀବନ ପ୍ରତି ଓ ମୋ ପରିବାର ଜୀବନ ପ୍ରତି ବିପଦ ଥିବା ଦର୍ଶାଉଛି। ମୋର ସୁରକ୍ଷାକୁ ପୁଲିସ ନିଶ୍ଚିତ କରୁ ବୋଲି କହିଛନ୍ତି ସାଂସଦ ଶ୍ରୀ ଖୁଣ୍ଟିଆ। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ଏଭଳି ଧମକପୂର୍ଣ୍ଣ ପୋଷ୍ଟ ସମ୍ପର୍କରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଆମ ନଜରକୁ ଏହା ଆସିଛି। ଏ ନେଇ ସୋସିଆଲ ମିଡିଆକୁ ଏହି ପୋଷ୍ଟ ସମ୍ପର୍କରେ ସବିଶେଷ ତଥ୍ୟ ମାଗିଛୁ। ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଚଳାଇଛି। କିଛି ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କୁ ପଚରାଉଚରା କରାଯାଇଛି। ଆମ ସୁରକ୍ଷା ବାହିନୀ ସତର୍କ ଓ ସଜାଗ ରହିଛନ୍ତି। ଦୁଇଦିନ ତଳୁ ଆମ ନଜରକୁ ଏଭଳି ପୋଷ୍ଟ ଆସିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

### ନଗ୍ନ ଭିଡିଓ ଦେଖାଇ...

୨ଟି ସୁନା କାନଫୁଲ, ୧ଟି ସୁନାମୁଦି, ୧ଟି ସୁନା ମଙ୍ଗଳସୂତ୍ର, ୧ଟି ସୁନା ଚେନ୍ ଏବଂ ଗୋଟିଏ ବ୍ରେସଲେଟ୍ ଜବତ କରାଯାଇଛି। ଏହାକୁ ଛାଡ଼ି ୫ଲକ୍ଷ ଟଙ୍କା ଜମାଥିବା ଗୋଟିଏ ବ୍ୟାଙ୍କ୍ ଆକାଉଣ୍ଟକୁ ଅଚଳ କରି ଦିଆଯାଇଛି। ସାଇବର ଲୁଟେରାଙ୍କ ଜାମିନ୍ ଆବେଦନ ନାମଞ୍ଜୁର ହେବା ପରେ ସମସ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତ ମନୋଜ ତାର ୨ଜଣ ସହଯୋଗୀଙ୍କ ସହ ମିଶି ଗତ ୨୦୨୫ ଜାନୁଆରୀ ମାସରେ ଫେସ୍‌ବୁକ ମାଧ୍ୟମରେ ସମ୍ପୃକ୍ତ ବୃଦ୍ଧଙ୍କ ସହ ଯୋଗାଯୋଗ କରିଥଲା। ବୃଦ୍ଧ ଜଣକ ଫେସବୁକ୍‌ରେ ସରକାରୀ ଚାକିରିଆ ବୋଲି ସୂଚନା ଦେଇଥିଲେ। ଯାହାକି ମନୋଜକୁ ଟଙ୍କା ଠକେଇ ପାଇଁ ଆକୃଷ୍ଟ କରିଥିଲା। ଏହା ପରେ କଟକର ରକ୍ସି ହୋଟେଲ୍, ସାଗର ହୋଟେଲ ଓ ଜଗବନ୍ଧୁ ହୋଟେଲରେ ୩ଥରରୁ ଅଧିକ ସାକ୍ଷାତ କରି ମିଥ୍ୟା ପ୍ରତିଶ୍ରୁତି ଦେଇ ବୃଦ୍ଧଙ୍କ ବିଶ୍ୱାସ ଜିତିଥିଲା। ଗତ ୨୦୨୫ ମେ' ୫ତାରିଖରେ ଅଭିଯୁକ୍ତ ମନୋଜ ତାର ଚିକିତ୍ସା ନାମରେ ମିଛ କହି ଅନ୍‌ଲାଇନ୍‌ରେ ୧ଲକ୍ଷ ୪୮ ହଜାର ଟଙ୍କା ବୃଦ୍ଧଙ୍କ ଠାରୁ ନେଇଥିଲା। ୨ ମାସ ମଧ୍ୟରେ ସେ ଟଙ୍କା ଫେରାଇ ଦେଇଥିବାରୁ ବୃଦ୍ଧଙ୍କ ବିଶ୍ୱାସ ଆହୁରି ଦୃଢ଼ ହୋଇଥିଲା। ପରେ ଅଭିଯୁକ୍ତ ମନୋଜ ତା'ର ଝିଅର ଚିକିତ୍ସା ନାମରେ ପୁଣି ଟଙ୍କା ମାଗିଥିଲା। ଟଙ୍କାର ପରିମାଣ ଅଧିକ ଥିବାରୁ ବୃଦ୍ଧ ଜଣଙ୍କ ଟଙ୍କାଟିଏ ଦେବାକୁ ପ୍ରସ୍ତୁତ ନଥିଲେ। ଏହା ଜାଣିବା ପରେ ଅଭିଯୁକ୍ତ ମନୋଜ ଏକ ସୁପରିକଳ୍ପିତ ଯୋଜନା କରିଥିଲା। ତାର ସହଯୋଗୀ ପ୍ରଫୁଲ୍ଲ, ସଂଗ୍ରାମ, ବାସୁଦେବ ଓ ମନୋରଞ୍ଜନକୁ ଡାକି ବୃଦ୍ଧଙ୍କ ସମ୍ପର୍କରେ ସବୁ କଥା କହିଥିଲା। ଯେହେତୁ ମନୋଜ କୌଶଳକ୍ରମେ ବୃଦ୍ଧଙ୍କର ବ୍ୟାଙ୍କ୍‌ରେ ଥିବା ଜମାରାଶି ବାବଦରେ ଜାଣିଥିଲା, ତାହାକୁ ସେ ସହଯୋଗୀଙ୍କୁ ଜଣାଇଥିଲା। ଏହାପରେ ୫ଜଣ ଅଭିଯୁକ୍ତ ଠକେଇର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ଜଣେ ମହିଳାଙ୍କୁ ବୃଦ୍ଧଙ୍କ ନିକଟତର କରାଇବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ମହିଳା ଜଣକ ବୃଦ୍ଧଙ୍କୁ ହ୍ୱାଟସ୍‌ଆପ୍‌ରେ ଚାଟ୍ ଆରମ୍ଭ କରିଥିଲେ। ସେଥିରେ ସେ ପ୍ରେମ ନିବେଦନ କରିବା ସହିତ ଭିଡ଼ିଓ କଲ୍ କରିବାକୁ ବୃଦ୍ଧଙ୍କୁ ନିବେଦନ କରିଥିଲେ। ଏଥିରେ ପ୍ରଲୋଭିତ ହୋଇ ବୃଦ୍ଧ ସମ୍ପୃକ୍ତ ମହିଳାଙ୍କୁ ଭିଡ଼ିଓ କଲ୍ ଆରମ୍ଭ କରିଥିଲେ। ମହିଳା ଜଣକ ନଗ୍ନ ହୋଇ ଭିଡ଼ିଓ କଲ୍ କରିବା ସମୟରେ ବୃଦ୍ଧଙ୍କୁ ନଗ୍ନ କରିବାକୁ ବାଧ୍ୟ କରିଥିଲେ। ଏସବୁକୁ ମନୋଜ ଏବଂ ତାର ୪ଜଣ ସହଯୋଗୀ ରେକର୍ଡିଂ କରି ରଖିଥିଲେ। ଏହାପରେ ଉକ୍ତ ନଗ୍ନ ଭିଡ଼ିଓ ବୃଦ୍ଧଙ୍କୁ ପଠାଇ ବ୍ଲାକ୍‌ମେଲିଂ ଆରମ୍ଭ କରି ଦେଇଥିଲେ। ଟଙ୍କା ଦିଅ ନହେଲେ ଏହି ଅଶ୍ଳୀଳ ଭିଡ଼ିଓକୁ ଭାଇରାଲ କରିଦେବାକୁ ଧମକ ମଧ୍ୟ ଦେଇଥିଲେ। ବୃଦ୍ଧ ଜଣକ କୌଣସି ଉପାୟ ନପାଇ ପର୍ଯ୍ୟାୟକ୍ରମେ ଆକାଉଣ୍ଟରେ ରହିଥିବା ୮୮ଲକ୍ଷ ଟଙ୍କା ଠକଙ୍କୁ ଦେଇ ଦେଇଥିଲେ। ଏହାପରେ କୌଣସି ଉପାୟନପାଇ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ତଦନ୍ତ କରି ଆଜି ୫ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି।

### ମିଲ୍ ଆଗରେ...

ଅଭିଯୋଗ କରିଛନ୍ତି ଯେ ମଣ୍ଡିରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ିଥିବା ବେଳେ ମିଲ୍‌କୁ ଏତେ ଧାନ କେଉଁଠୁ ଆସିଲା? ସେହିପରି ଉକ୍ତ ମିଲ୍ ଆଗରେ ଧାନବସ୍ତା ଭର୍ତ୍ତି ଟ୍ରାକ୍ଟରର ଲମ୍ବା ଧାଡ଼ି ଲାଗିଥିବା ବେଳେ ଧାନ କେଉଁଠୁ ଆସିଛିର ଉତ୍ତର ରଖିବାକୁ ଟ୍ରାକ୍ଟର୍ ଚାଳକ ନାରାଜ। ଖାଲି ଏହି ଗୋଟିଏ ମିଲ୍ ନୁହେଁ, ଜିଲ୍ଲାର ଆଉ କିଛି ମିଲ୍‌ରେ ମଧ୍ୟ ସମାନ ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା ଅଭିଯୋଗ ହୋଇଛି। ନିୟମ ଅନୁଯାୟୀ, ଚାଷୀ ପ୍ରଥମେ ଗାଡ଼ିରେ ମଣ୍ଡିକୁ ଧାନ ନେବା ପରେ ସେଠାରେ ଧାନ ଓଜନ କରାଯାଇଥାଏ। ପରେ ସେଠାରୁ ମିଲ୍ ଗାଡ଼ିରେ ଧାନ ବସ୍ତା ମିଲ୍‌କୁ ଯାଇଥାଏ। ଚାଷୀ କେବଳ ଆଣିବା ଖର୍ଚ୍ଚ ବହନ କରିବ, ଧାନ ନେବା ଖର୍ଚ୍ଚ ପାଇଁ ମିଲ୍‌କୁ ପରିବହନ ଟଙ୍କା ଦିଆଯାଉଛି। ତେଣୁ, ଚାଷୀ ନିଜସ୍ୱ ଖର୍ଚ୍ଚରେ ମିଲ୍‌କୁ ଧାନ ନେଇ ଅଯଥା ଖର୍ଚ୍ଚାନ୍ତ ହେବା ଏକପ୍ରକାର ଅସମ୍ଭବ। ତେଣୁ, ଯଦି ଚାଷୀ ମିଲ୍‌କୁ ଧାନ ଆଣୁନି, ତେବେ କେଉଁଠୁ ଆସୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ, ଧାନବେପାରୀ, ପାକ୍ସ ସମ୍ପାଦକମାନେ ମିଲର୍ ସହ ମିଶି ଏହି କାରବାର କରୁଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଅସଲ ଚାଷୀ ଧାନକିଣାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବେପାରୀ କମ ଦରରେ ଧାନ କିଣି ସରକାର ଦରରେ ଧାନ ବିକୁଛି ଏବଂ ସେଥିରୁ ହେଉଥିବା ଲାଭ ଅର୍ଥ ମିଲର୍, ପାକ୍ସ ସମ୍ପାଦକ ଭାଗବଣ୍ଟା କରି ନେଉଥିବା ଅଭିଯୋଗ ହୋଇଛି। ଏହାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଚାଷୀମହଲରେ ଦାବି ହୋଇଛି। ମିଲ୍ ଆଗରେ ଛିଡ଼ା ହୋଇ ରହୁଥିବା ଗାଡ଼ିକୁ ଠିକ୍ ଭାବେ ଯାଞ୍ଚ କରି ଏହି କାରବାରରେ ଲିପ୍ତ ଥିବା ମିଲର୍ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

### ୮ ମାଓସାଥୀଙ୍କ...

ବଳଦେବ ଓରଫ୍ ବାମନବତ୍ତୀ ଅଛନ୍ତି। ଦୁଇ ଦିନ ତଳେ ବଳଦେବଙ୍କ ବାପାଙ୍କ ଏକ ଭାବପ୍ରବଣ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ସେଥିରେ ସେ ବଳଦେବକୁ ହିଂସାର ପଥ ଛାଡ଼ିବାକୁ ନିବେଦନ କରିଥିଲେ। ଏହାର ଦୁଇ ଦିନ ପରେ ବଳଦେବ ନିଜର ମାଓସାଥୀଙ୍କ ସହ ଆଜି ଗରିଆବନ୍ଦ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସମର୍ପଣ କରିବା ଅବସରରେ ବଳଦେବ କହିଛନ୍ତି ଯେ ବାପାଙ୍କ ଉକ୍ତ ଭିଡିଓ ତାଙ୍କୁ ପରିବାର ପାଖକୁ ଫେରିବାକୁ ବାଧ୍ୟ କରିଥିଲା। ଏହି ମାଓବାଦୀମାନେ ନୂଆପଡ଼ା ଜିଲ୍ଲା ସିନାପାଲି ଉଦନ୍ତୀ ଏରିଆ କମିଟି ଏବଂ ଏସଡିକେ କ୍ଷେତ୍ର କମିଟିର ସକ୍ରିୟ ସଦସ୍ୟ। ଅନ୍ୟପକ୍ଷେ ଏମାନଙ୍କଠାରୁ ଜବତ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ମଧ୍ୟରୁ ଅଧିକାଂଶ ପୂର୍ବରୁ ପୁଲିସ କର୍ମଚାରୀଙ୍କଠାରୁ ଲୁଟ୍ କରାଯାଇଥିଲା। ରାୟପୁର ଆଇଜି ଅମରେଶ ମିଶ୍ର ଏବଂ ଗରିଆବନ୍ଦ ଏସ୍‌ପି ବେଦବ୍ରତ ସିରମୌର କହିଛନ୍ତି ଯେ ଗରିଆବନ୍ଦ ଏବେ ନକ୍ସଲ ନିପାତର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ଯେଉଁମାନେ ଜଙ୍ଗଲରେ ଲୁଚିଛପି ରହିଛନ୍ତି, ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଅନୁରୋଧ କରାଯାଉଛି।

**AFFIDAVIT**

By virtue of an affidavit No.180 sworn before the Executive Magistrate, Champua on dtd-20/01/2026. I, **Golak Bihari Mahanta,** S/o- Niranjan Mahanta, permanent resident of Vill: Chilikaposi, Po: Raruangoda, Ps: Champua, Dist: Keonjhar, Odisha, Pin-758044. I have changed my minor son's name from **Khirasindhu Mahanta** (old name) to **Ksheerasindhu Mahanta** (new name). Henceforth, he shall be known as **Ksheerasindhu Mahanta** for all future purposes.

**Sd/- Golak Bihari Mahanta**

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 20.01.2026 I, Jyotshnarani Barik, Address Village-Sukruli, PO-Sukruli, PS-Raruan, Dist-Mayurbhanj, Pin-757039 declare that I have changed my name from Jyoshna Barik to Jyotshnarani Barik. Henceforth, I shall be known as Jyotshnarani Barik for all purposes.

**Jyotshnarani Barik**

**AFFIDAVIT**

By virtue of an affidavit sworn before the Notary Public, Sonepur on dtd. 20/01/2026, I, Bhaskara Chandra Padhan, Village Lupursingha, P.O. Lupursingha, P.S. Lachhipur, Dist- Subarnapur hereby declare that I have changed my minor son's name from NIRANJAN PADHAN to ARUS PADHAN. Henceforth, he shall be known as **ARUS PADHAN** for all purposes.

**Sd/- Bhaskara Chandra Padhan**

**NOTICE FOR MINOR**

By virtue of an affidavit sworn before the Executive Magistrate, Kodala, dated 08.01.2026, I, N. DEEPA PATRA, W/o N. KALIA PATRA, D/o A. ENDU PATRO, Permanent resident of vill- Makundapur, Po- Komanda, Ps- Khallikote, Dist- Ganjam, Odisha, Pin-761019, currently residing at Makundapur, Po- Komanda, Ps- Khallikote, Dist- Ganjam, Odisha, Pin–761019, declare that I have changed the name of my daughter S. SALINI PATRA, D/o N. DEEPA PATRO & N. SALINI PATRA, D/o N. KALIA PATRA Henceforth, she shall be known as N. SALINI PATRA, D/o N. KALIA PATRA for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no. 84, dated 17.01.2026, I, MAHESWAR GAUDA, S/o - Cherngu Gauda, Residences of Village - Bangalaguda, PO - Manchagam, PS- Khatiguda, Dist-Nabarangpur, Odisha, Pin - 764070, declare that I have changed the name of my Son from KHAGESPAR GOUDA to KHAGESWAR GAUDA. Henceforth, he shall be known as KHAGESWAR GAUDA for all purposes.

**Sd/- Maheswar Gauda**

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender Call Notice No. 833 (PW) Date. 19.01.2026**

**Tender ID: 2025_ORULB_123961**
**Civil Work: 12 Nos.** C-
**Bid Value: Rs.5.68 Lakhs to Rs. 39.37 Lakhs &**
**Tender Id: 2025_ORLUB_124260 (Two Bid)**
**Civil Work: 1 Nos.**
**Bid Value: Rs.58.11 Lakhs**
**Date and Time schedule:**

| Start | End | Opening |
|---|---|---|
| 11.00 AM on dt. 22.01.2026 | 5.00 PM on dt. 05.02.2026 | 11.00 AM on dt. 09.02.2026 |

**Tender Details: can be seen from the procurement portal: www.tendersorissa.gov.in**

**OIPR-**

**Executive Engineer, City Division-III, CMC**

**DISTRICT PROJECT OFFICE** n-243
**SAMAGRA SIKSHYA, BHADRAK**
At- Upper Bagurai, Post- Madhabnagar, Bhadrak, Pin-756181
No. 137, Dated 19.01.2026

**QUOTATION CALL NOTICE**

Sealed Tenders are invited from interested eligible bidders (individuals/tour operators/ travelling agencies/Firms) having valid OGST registration for providing commercial multi-purpose vehicles (Mahindra Bolero/Scorpio,Disire/Indigo, Tata AC, Pick up Van like such type of vehicles) A/C diesel/petrol for contractual deployment under District Project Office, Samarga Sikshya, Bhadrak on monthly (two vehicles) /Daily rent basis vehicle as on when required (both travels & Good vehicle) which shall confirm the terms and conditions (Annexure-A & B). The last date of receipt of the Bid is date **04/02/2026** upto 5.00 P.M. and will be opened at 11.00 A.M. on the next day i,e on dtd. **05/02/2026** in the office of the undersigned. The quotation application form containing the general Bid information and detailed terms and conditions for hiring the vehicles can be downloaded from the website www.osepa.odisha.gov.in & www.bhadrak.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

**OIPR-**

**District Project Coordinator, Samagra Shiksha, Bhadrak**

**AFFIDAVIT**

Iswarchandra Das, aged about 35 years, S/o-Late Rajendra Kumar Das, Resident of ward No-5 Radhamohan Mandir Sahi, po/ps-Baripada Town, Dist-Mayurbhanj-757001Odisha, declared by this affidavit No-164,Dated-19/01/2026That now onwards I shall be known as Iswar Chandra Das & my actual D. O. B is 18/06/1991 for all future purpose.

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**OFFICE OF THE CMO I/C (M&HS) ISPAT GENERAL HOSPITAL**

REF. NO. IGH/KIT/ TENDER/2026-27/006/2026/001 DATED :08/01/2026

**TENDER CASE**

Sealed Tenders are invited from intending Tenderers for supply of dietary items to Ispat General Hospital, RSP, Rourkela from 01.04.2026 to 31.03.2027 in respect of the items mentioned below:-

| Sl No. | Schedule No. | Particulars | Number of items | Earnest money to be deposited | Security deposit |
|---|---|---|---|---|---|
| 1. | I | Grocery (Loose Items) | 8 Nos. | Rs. 15,000/- | 2.5% of order value |
| 2 | II | Vegetables | 25 Nos. | Rs. 15,000/- | -do- |
| 3 | IV | Fish | 1 No. | Rs. 15,000/- | -do- |
| 4 | V | Egg | 1 No. | Rs. 5000/- | -do- |
| 5 | VI | Fruits | 9 Nos. | Rs. 5000/- | -do- |
| 6 | VII | Bakery item | 1 No. | Rs. 5,000/- | -do- |
| 7 | VIII | Chicken | 1 No. | Rs. 5000/- | -do- |
| 8 | IX | Grocery (Packet Items) | 36 Nos. | Rs. 15,000/- | -do- |

Tender form can be obtained from the Office of the Asst. Manager (Kitchen) IGH, from 19th January 2026 (Monday) to 8th February 2026 (Sunday)till 3.00 pm.The tender will be received up to 4:00 PM on 9th February 2026 (Monday) in the Office of the Asst. Manager (Kitchen) IGH, Rourkela- 769005 and opened on 4:30 PM on the same day.

Dy, CMO (kitchen), IGH, RSP

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*

**ତହସିଲଦାର ତଥା ଭୂ-ଅର୍ଜନ କ୍ଷମତାପନ୍ନ ପ୍ରାଧିକାରୀ କାର୍ଯ୍ୟାଳୟ, ଧର୍ମଗଡ଼**
**ଜମି ଅଗ୍ରହଣ, ଜାତୀୟ ରାଜପଥ-୧୩୦ (ଗ) ର ୨୦୧.୬୦୦ କି.ମି ରୁ ୨୦୮.୩୦୦ କି.ମି. (ଧର୍ମଗଡ଼ ବାଇପାସ)** IX-03

**ସର୍ବସାଧାରଣ ବିଜ୍ଞପ୍ତି**

ଜାତୀସ୍ୱ ରାଜପଥ ଆଇନ ୧୯୫୬ (Act ୪୮ of ୧୯୫୬ ) ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡ଼କ, ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳସ୍ୱ ଦ୍ୱାରା ଜାତୀସ୍ୱ ରାଜପଥ ନଂ ୧୩୦ (ଗ) ଓଡ଼ିଶା ରାଜ୍ୟର କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ୨୦୧.୬୦୦ କି.ମି. ଠାରୁ ୨୦୮.୩୦୦ କି.ମି. (ଧର୍ମଗଡ଼ ବାଇପାସ) ନିର୍ମାଣ ସକାଶେ କେନ୍ଦ୍ର ସରକାରଙ୍କ ବ୍ୟସ୍ୱରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀସ୍ୱ ରାଜପଥ ଆଇନ ୧୯୫୬-ର ଧାରା-୩ (କ) ର ଉପଧାରା ଅନୁଯାସ୍ୱୀ କେନ୍ଦ୍ର ସରକାର ତାଙ୍କ ଅସୂଚନା ନଂ. ୫୦୦୪ (ଇ) ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତତଦ୍ୱାରା ତଫସିଲ ଭୁକ୍ତ ଜମିର ସତ୍ୱବାନ ବ୍ୟକ୍ତି, ଭୂମି ମାଲିକ ସ୍ୱାର୍ଥ ଥିବା ବ୍ୟକ୍ତି ମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଏହି ଅସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ତହସିଲଦାର ତଥ ଭୂ-ଅର୍ଜନ କ୍ଷମତାପନ୍ନ ପ୍ରାକାରୀ କାର୍ଯ୍ୟାଳସ୍ୱ, ଧର୍ମଗଡ଼ ନଂ. ୧୩୦ (ଗ) ଙ୍କ କାର୍ଯ୍ୟାଳସ୍ୱ ଧର୍ମଗଡ଼ଙ୍କ ଠିକଣାରେ ଉପରୋକ୍ତ ଆଇନର ଧାରା-୩(ଗ) ର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ । ଏ ସମ୍ପର୍କରେ ଧାରା-୩(ଗ) ର ଉପଧାରା (୨) ଅନୁଯାସ୍ୱୀ କ୍ଷମତାପନ୍ନ ପ୍ରାକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦ ବିବରଣୀ ତହସିଲଦାର ତଥା ଭୂ-ଅର୍ଜନ କ୍ଷମତାପନ୍ନ ପ୍ରାଧିକାରୀଙ୍କ କାର୍ଯ୍ୟାଳସ୍ୱ, ଧର୍ମଗଡ଼ ଜାତୀସ୍ୱ ରାଜପଥ-130ଗ ଧର୍ମଗଡ଼ଙ୍କ କାର୍ଯ୍ୟଦିବସ ମାନଙ୍କରେ ସର୍ବସାଧାରଣ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି ।

**ସ୍ୱା/- ତହସିଲଦାର ତଥା**
**ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ ଧର୍ମଗଡ଼, କଳାହାଣ୍ଡି**

ଓଡ଼ିଶା ରାଜ୍ୟ ଅନ୍ତର୍ଗତ କଳାହାଣ୍ଡି ଜିଲ୍ଲାର ଭୂ-ଅର୍ଜନ ଜମିର ସଂକ୍ଷିପ୍ତ ବିବରଣୀ ଘର କିମ୍ବା ଘରବାରୀ ଓ ଅନ୍ୟ କିସମର ବିବରଣୀ । କଳାହଣ୍ଡି ଜିଲ୍ଲା ଅନ୍ତର୍ଗତ ଜାତୀସ୍ୱ ରାଜପଥ-୧୩୦ ଗ ର ୨୦୧,୬୦୦ କି.ମି. ରୁ ୨୦୮.୩୦୦ କି.ମି. (ଧର୍ମଗଡ଼ ବାଇପାସ ) ମୌଜା- କାଶିବାହାଲ ଓ ସରଧାପୁର ଅନ୍ତର୍ଭୁକ୍ତ ଜାତୀସ୍ୱ ରାଜପଥ ନଂ. ୧୩୦ ଗ ର ବାଇପାସ ନିର୍ମାଣ ସକାଶେ ।

**ଭୂମି ଅନୁସୂଚୀ**

**ପ୍ରକଳ୍ପର ନାମ- ଜାତୀୟ ରାଜପଥ ନଂ- ୧୩୦ (ଗ) ଧର୍ମଗଡ଼ ବାଇପାସ ନିର୍ମାଣ**

| ରାଜ୍ୟ : ଓଡ଼ିଶା | | | ଜିଲ୍ଲା : କଳାହାଣ୍ଡି | | |
|---|---|---|---|---|---|
| କ୍ର.ନଂ. | ସର୍ବେକ୍ଷଣ କରିବା ପ୍ଲଟ ନଂ | ଜମିର ପ୍ରକାର | କିସମ | ରକବା (ଏକର) | ରକବା (ହେକ୍ଟର) |
| ୧ | ୨ | ୩ | ୪ | ୫ | ୬ |
| ତହସିଲ : ଧର୍ମଗଡ଼ | | | | | |
| ଗ୍ରାମ : କାଶିବାହାଲ | | | | | |
| ୧ | ୧୮୧୮/୩୮୪୫ | ବେସରକାରି | ବେର୍ଣ୍ଣା ଅଣଜଳସେଚିତ | ୦.୦୪ | ୦.୦୧୬୧୮୭୮ |
| ୨ | ୧୮୧୮/୪୬୧୦ | ବେସରକାରି | ବେର୍ଣ୍ଣା ଅଣଜଳସେଚିତ | ୦.୦୭୫ | ୦.୦୩୦୩୫୨୧ |
| ଗ୍ରାମ : ସରଧାପୁର | | | | | |
| ୩ | ୯୨୫ | ବେସରକାରି | ଘରବାରି | ୦.୨୦ | ୦.୦୮୦୯୩୮୯ |
| ମୋଟ | | | | ୦.୩୧୫ | ୦.୧୨୭୪୭୮୮ |

**OIPR-**

**AFFIDAVIT**

By virtue of an affidavit before the Executive Magistrate, Bhubaneswar, dtd. 15.01.2026, I, Sandhyarani Palei, At- Rolasingh, Po- Dabardhuapatana, Dist.- Khordha hereby declare that my name was earlier recorded as "Sandhyarani Sahoo" in some records, whereas my correct and actual name is "Sandhyarani Palei". Both the names Sandhyarani Sahoo and Sandhyarani Palei is one and the same person. Henceforth, I shall be known as **Sandhyarani Palei** for all purposes.

**AFFIDAVIT**

By virtue of an affidavit no. 59, sworn before the Executive Magistrate, Bhubaneswar on dtd. 20.01.2026, I, Suchitra Maharana, At- Sankulei, Po- Dholapasi, Ps/Dist.- Dhenkanal, Pin - 759013 hereby declare that I have changed the name of my minor daughter from Krishna Maharana to Suprava Priyadarshini Maharana. Henceforth, she shall be known as **Suprava Priyadarshini Maharana** for all purposes.

**Sd/- Suchitra Maharana**

**GOVERNMENT OF ODISHA** O-2109
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**
E-mail-eerw_kuchinda@yahoo.com

**OFFICE ORDER**

Due to first time single Tender Sl No. (07) S/R to Road from Kaliadihi to Kandhakulei such as laying of SDBC from Ch.0.00 to 2/000 to 3/027 km in the district of Sambalpur for the year 2025-26. Tender Bid ID / 12/ RWD/ Kuchinda / 2025-26 is here by Cancelled.

**Superintending Ehgineer, Rural Works Division, Kuchinda**

**OIPR-**

**AFFIDAVIT**

By virtue of an affidavit (CF No. 06, dtd- 15/01/2026) sworn before the Notary Public, Padampur. I, **Niyaz Khan,** S/o- Roshan Khan, resident of Vill/PO: Bartunda, Ps- Paikmal, Dist- Bargarh, PIN-768039, Odisha declare that I have changed my name from **Niaja Mahammd** to **Niyaz Khan.** Henceforth, I shall be known as **Niyaz Khan** (new name) for all purposes.

**Niyaz Khan**

### ବେଆଇନ ଜଙ୍ଗଲ ଜମି ବ୍ୟବହାର ଅଭିଯୋଗ

# ତଦନ୍ତ ପାଇଁ ଯାଇଥିବା ଅଧିକାରୀଙ୍କୁ ଘେରିଲେ ଲୋକ

ଝାରସୁଗୁଡ଼ା,୨୦।୧(ସମିସ)



ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ଶ୍ରିପୁରା ପଞ୍ଚାୟତ ଠାରେ ଥିବା ଏପସିଲନ କାର୍ବନ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିକୁ ଦଖଲ ରଖି ବ୍ୟବହାର କରୁଛି। ଏହି ଘଟଣାରେ ଶ୍ରିପୁରା ଗ୍ରାମବାସୀ ସୋମବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଗ୍ରାମବାସୀ ଏବଂ ସ୍ଥାନୀୟ ପ୍ରତିନିଧିଙ୍କ ବିନା ଅନୁପସ୍ଥିତିରେ ଝାରସୁଗୁଡ଼ା ରେଞ୍ଜର ଏବଂ ବଡମାଲ ଆର୍ଆଇ ଜଙ୍ଗଲ ଜମିର ତଦନ୍ତ କରୁଥିଲେ।

କୌଣସି ସୂତ୍ରରୁ ଖବର ପାଇ ଗ୍ରାମବାସୀ ଉଭୟ ଅଧିକାରୀଙ୍କୁ ଘେରିଥିଲେ। ସୋମବାର ଗାଁର ଶତାଧିକ ଜନସାଧାରଣ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଏପସିଲନ କମ୍ପାନୀ ବିରୋଧରେ ଅଭିଯୋଗ କରିଥିଲେ। ଜିଲ୍ଲା ପ୍ରଶାସନ ତଦନ୍ତ ପ୍ରକ୍ରିୟା ଡେରି କରୁଥିବା ବେଳେ ଡିଏଫଓ ଏବଂ ତହସିଲଦାରଙ୍କ ବିରୋଧରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମବାସୀ ଗାଁସଭା କରି ଜଙ୍ଗଲ ଜମିରେ ବୃକ୍ଷରୋପଣ ଓ ଜନମଙ୍ଗଳ କାର୍ଯ୍ୟରେ ଉକ୍ତ ଜମିକୁ ବ୍ୟବହାର କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଠିକ ଏହି ସମୟ ଅର୍ଥାତ ସୋମବାର ସକାଳ ୧୧ ଟାରେ ଝାରସୁଗୁଡ଼ା ରେଞ୍ଜର ବିଜୟ ପ୍ରଧାନ ଏବଂ ଆରଆଇ ଶ୍ରୀକାନ୍ତ ପ୍ରଧାନ ଗ୍ରାମବାସୀ ଏବଂ ସ୍ଥାନୀୟ ପ୍ରତିନିଧିଙ୍କ ଅନୁପସ୍ଥିତିରେ କମ୍ପାନୀ ବ୍ୟବହାର କରୁଥିବା ବେଆଇନ ଜଙ୍ଗଲ ଜମି ବିଷୟରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଗ୍ରାମବାସୀ ଖବର ପାଇଥିଲେ। ଘଟଣା ସ୍ଥଳକୁ ପହଞ୍ଚି ରେଞ୍ଜର ପ୍ରଧାନ ଓ ଆରଆଇ ପ୍ରଧାନଙ୍କୁ ଗ୍ରାମବାସୀ ତଥା କୌଣସି ସ୍ଥାନୀୟ ପ୍ରତିନିଧି ନ ଥାଇ କାହିଁକି ତଦନ୍ତ କରୁଛ ବୋଲି ପ୍ରଶ୍ନ କରିଥିଲେ। ରେଞ୍ଜର ଓ ଆରଆଇ ତଦନ୍ତ ସତ୍ୟ ଘଟଣା ଉପରେ ହିଁ କରାହେବ ଏବଂ ଗ୍ରାମବାସୀ ଓ ସ୍ଥାନୀୟ ପ୍ରତିନିଧିଙ୍କ ଉପସ୍ଥିତିରେ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ଯୁଗ୍ମ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କ ନିକଟରେ ରିପୋର୍ଟ ପ୍ରଦାନ କରିବା ନେଇ ଅଧିକାରୀଗଣ ଗ୍ରାମବାସୀଙ୍କ ନିକଟରେ ପ୍ରକାଶ କରିଥିଲେ।

## ବନ୍ଧୁକ ଓ ଗୁଳି ଜବତ, ୩ ଗିରଫ

ଝାରସୁଗୁଡ଼ା, ୨୦।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରରୁ ବେଆଇନ ଭାବେ ରଖା ହୋଇଥିବା ୩ଟି ଦେଶୀ ବନ୍ଧୁକ ଏବଂ ୭ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ଏହା ସହିତ ୩ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ବ୍ରଜରାଜନଗରର ସୌରଭ ଯାଦବ, ଆଦିତ୍ୟ ଶର୍ମା ଓ ତୁଷାର ପଟ୍ଟନାୟକ ହୋଇଥିବା ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତ ମାନେ ବିହାରରୁ ବନ୍ଧୁକ ଆଣି ବିଭିନ୍ନ ଅପରାଧିକ କାର୍ଯ୍ୟରେ ବ୍ୟବହାର କରିବାକୁ ଯୋଜନା କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ପୁଲିସ ଏହି ଖବର ପାଇ ଚଢ଼ଉ କରିଥିଲା। ଏଥିରେ ପୁଲିସ ବନ୍ଧୁକ ଓ ଗୁଳି ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ତଦନ୍ତ ଜାରି ରଖିଛି। ଜବତ ବନ୍ଧୁକ ମଧ୍ୟରେ ଦୁଇଟି ଦେଶୀ ମାଉଜର, ଗୋଟିଏ ସିଙ୍ଗିଲ ସଟ ଗନ, ୬ଟି ୭.୬୫ ଏମଏମ ଗୁଳି ଏବଂ ଗୋଟିଏ ସିଙ୍ଗିଲ ସଟ ଗୁଳି ରହିଥିବା ନେଇ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କୂଅରୁ ଶାବକ ସମେତ ୩ ହାତୀ ଉଦ୍ଧାର

ଦେବଗଡ଼,୨୦।୧(ସମିସ): ଦେବଗଡ଼ ବନଖଣ୍ଡ ରେଙ୍ଗାଲବେଡା ବନାଞ୍ଚଳ ଅଧୀନ ବଡନାଲୀ ଗାଁ ନିକଟସ୍ଥ ଟିଙ୍କବିର - ପାଣ୍ଡୁରୀଶିଳା ରାସ୍ତାକଡ ଧାନବିଲ ନିକଟସ୍ଥ ଏକ ଖୋଲା କୂଅରୁ ମଧ୍ୟରୁ ଗୋଟିଏ ହାତୀ ଶାବକ ସମେତ ୩ ହାତୀକୁ ବନ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ପ୍ରତ୍ୟୁଷରେ କୂଅରେ ହାତୀ ମାନେ ପଡିଥିବା ଆଶଙ୍କା କରାଯାଉଛି। ଆଜି ଅପରାହ୍ଣରେ ଗ୍ରାମବାସୀଙ୍କ ଠାରୁ ବନ ବିଭାଗ ସୂଚନା ପାଇଥିଲା। ଏହାପରେ ଘଟଣା ସ୍ଥଳରୁ ହାତୀ ମାନଙ୍କୁ ଜେସିବି ସାହାଯ୍ୟରେ ଉଦ୍ଧାର କରାଯାଇଛି। ବନଖଣ୍ଡ ଅଧିକାରୀ ରଶ୍ମିଙ୍କ ତତ୍ତ୍ୱାବଧାନରେ ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧାରୁଆଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ହାତୀ ଉଦ୍ଧାର କାର୍ଯ୍ୟକୁ ମାତ୍ର ୫୦ ମିନିଟରେ ସମାପ୍ତ କରାଯାଇଥିଲା। ଉଦ୍ଧାର ହାତୀ ମାନେ ସୁରକ୍ଷିତ ଥିବା ବେଳେ ଉକ୍ତ ଅଞ୍ଚଳରେ ରହିଥିବା ୧୮ ଟିକିଆ ହାତୀ ପଲରେ ଉକ୍ତ ହାତୀ ମିଶିଯାଇଥିବା ଡିଏଫଓ ରଶ୍ମି ସୂଚନା ଦେଇଛନ୍ତି।

## ସଂରକ୍ଷିତ ଜଙ୍ଗଲରୁ ହାତୀ ଛୁଆର ମୃତଦେହ ଉଦ୍ଧାର

ଦେବଗଡ଼,୨୦।୧(ସମିସ): ଦେବଗଡ଼ ବନାଞ୍ଚଳ ଜଗଦଳା ଗାଁ ନିକଟସ୍ଥ କଂସର ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଏକ ହାତୀ ଶାବକର ଗଳିତ ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି। ମଙ୍ଗଳବାର ମଧ୍ୟାହ୍ନରେ ସୂଚନା ପାଇ ବନଖଣ୍ଡ ଅଧିକାରୀ ରଶ୍ମିଜୀ, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା ଓ ସ୍ୱାଧୀନତା ସାହାଣି ବନ ବିଭାଗ ସ୍କ୍ୱାର୍ଡ ସହ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଠାବ କରିବା ସହ ଘଟଣାର ପ୍ରାଥମିକ ତଦନ୍ତ କରିଥିବା ଜଣାପଡିଛି। ମୃତ ହାତୀର ଆନୁମାନିକ ବୟସ ଦେଢ଼ରୁ ଦୁଇବର୍ଷ ମଧ୍ୟରେ ଥିବା ବନ ବିଭାଗ ଆକଳନ କରିଛି। ପ୍ରାଥମିକ ତଦନ୍ତରେ ହାତୀ ଛୁଆଟିର ସ୍ୱାଭାବିକ ମୃତ୍ୟୁ ଆଶଙ୍କା କରାହୋଇଛି। ତେବେ ମୃତ ହାତୀର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡିବ ବୋଲି ବନଖଣ୍ଡ ଅଧିକାରୀ ରଶ୍ମି ଜୀ ସୂଚନା ଦେଇଛନ୍ତି।

## 'ଉତ୍ସବ ପ୍ରଧାନପାଟ'ର ତୃତୀୟ ସନ୍ଧ୍ୟା
## ନୃତ୍ୟ ଓ ସଂଗୀତର ତାଳେ ତାଳେ ଝୁମିଲେ ଦର୍ଶକ

ଦେବଗଡ଼,୨୦।୧(ସମିସ): ଦେବଗଡ଼ ଜିଲ୍ଲା ପ୍ରଶାସନ, ସଂସ୍କୃତି ବିଭାଗ ଓ ଓର୍‌ମାସ୍‌ର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଜିଲ୍ଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୬' ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ପହଞ୍ଚିଛି। ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବଡବଗିଚା ପଡିଆଠାରେ ନିର୍ମିତ ମୁକ୍ତାକାଶ ରଙ୍ଗମଞ୍ଚରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ବରେଣ୍ୟ ଅତିଥି ଭାବେ ତିଳେଇବଣି ବ୍ଲକ୍ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ ଓ ବାରକୋଟ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ଶ୍ରମ ଅଧିକାରୀଣୀ ପଦ୍ମାବତୀ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ଉପସ୍ଥାପିକା ଭାବେ



ରାଉରକେଲାର ମୋନାଲିସା ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଦେବଗଡ଼ ବଣିଆଁସାହିର ନିଶା ବାରିକ, ଦେବକୀ ନାୟକ, ବାରକୋଟ ବ୍ଲକ୍ ଗୋପାଳପାଲି ଗାଁର ପ୍ରିୟଙ୍କା ଜିତ, ତିଳେଇବଣି ବ୍ଲକ୍ ମେଞ୍ଚାରୀବାହାଳ ଗାଁର ସୁନୀତା ନାୟକ ଓ ତିଳେଇବଣୀ ବ୍ଲକ୍ ଢ଼ୋଲପଡା ଗାଁର ଶକୁନ୍ତଳା ବଗର୍ତ୍ତୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଦେବଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୃରଜ ଚୋପଦାର, ଉପ ଜିଲ୍ଲାପାଳ ପରକ୍ଷୀତ ସାହୁ ଉପସ୍ଥିତ ଥିଲେ। ଆଜି ସଂଧ୍ୟାରେ ଦେବଗଡ଼ର ନୃତ୍ୟଦଳ ଦ୍ୱାରା ଲୋକ ନୃତ୍ୟ, ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟ, ହରିଆନାର ଲୋକନୃତ୍ୟ, ଆସାମର ବିହୁ ନୃତ୍ୟ, କାଶ୍ମୀରର କାଶ୍ମୀରୀ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସାଥୀଙ୍କ ଦ୍ୱାରା ପରିବେଷିତ ଅର୍କେଷ୍ଟ୍ରାର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ।

## ଇଜେଭି ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ଝାରସୁଗୁଡ଼ା,୨୦।୧(ସମିସ): ଇଜେଭି ଫାଉଣ୍ଡେସନ ଓ ସଞ୍ଜିବନୀ ହସ୍ପିଟାଲର ମିଳିତ ସହଯୋଗରେ ମଙ୍ଗଳବାର ସଞ୍ଜିବନୀ




ହସ୍ପିଟାଲ ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମେଡିସିନ, ଅସ୍ଥିଶଲ୍ୟ, ସ୍ତ୍ରୀ, ପ୍ରସୁତି, ଶିଶୁରୋଗ, ଦାନ୍ତ ଓ ଚକ୍ଷୁରୋଗ ବିଶେଷଜ୍ଞ ରୋଗୀଙ୍କୁ ନିଃଶୁଳ୍କ ଦେଖିଥିଲେ। ଏହାସହ ଔଷଧରେ ୨୫%, ଅଲଟ୍ରାସାଉଣ୍ଡରେ ୫୦% ରିହାତି ଦିଆଯାଇଥିଲା। ଝାରସୁଗୁଡ଼ା ସଞ୍ଜିବନୀ ହସ୍ପିଟାଲ ପରିସରରେ ଅନୁଷ୍ଠିତ ଶିବିରରେ ଶତାଧିକ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିବିରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ବାଲଗୋବିନ୍ଦ ମିଶ୍ର, ହୀରାଲାଲ ଲୋକାଚାନ୍ଦିନୀ, ରବି ଯାଦବ, ପ୍ରଶାନ୍ତ ନନ୍ଦ, ପ୍ରମୋଦ ମେହେର ପ୍ରମୁଖଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏଥିରେ ଇଜେଭି ଫାଉଣ୍ଡେସନ ପକ୍ଷରୁ ମାନସୀ ପଣ୍ଡା, ରାଜେଶ ପାଢ଼ୀ, ଗଙ୍ଗାଧର ମେହେର, ପ୍ରିୟାରାୟ, ବାଲବିନ୍ଦର ସିଂ, ପବିତ୍ର ସ୍ୱାଇଁ, ଦୀପ୍ତି ବେହେରା, ପୂନମ ପଟେଲ, ବିନ୍ଦିୟା ନାୟକ, ଜ୍ୟୋତିର୍ମୟୀ ବେହେରା, ସୁମିତ୍ରା ପଣ୍ଡା, ହେମଲତା ମେହେର, ମିନତୀ ମେହେର, ସସ୍ମିତା ପଟେଲ ପ୍ରମୁଖ ପରିଚାଳନା କରିଥିଲେ। ଇଜେଭି ଫାଉଣ୍ଡେସନ ଓ ସଞ୍ଜିବନୀ ହସ୍ପିଟାଲର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇ ଥିବାରୁ ସଞ୍ଜିବନୀର ନିର୍ଦ୍ଦେଶକ ନିର୍ବାଣ ଅଗ୍ରୱାଲ ଓ ମ୍ୟାନେଜର ଶୋଭାନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍ତ୍ତତ୍ରାଣ ବେନିଆ ବ୍ରଜରାଜନଗର କଂଗ୍ରେସ ଟାଉନ ସଭାପତି

ଝାରସୁଗୁଡ଼ା,୨୦।୧(ସମିସ): ବ୍ରଜରାଜନଗର ପୌର ପରିଷଦ ଅଧୀନ ସାନଯୋବ ଗାଁର ପୁରୁଣା କଂଗ୍ରେସ କର୍ମୀ ଆର୍ତ୍ତତ୍ରାଣ ବେନିଆଙ୍କୁ ବ୍ରଜରାଜନଗର ଟାଉନ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।



ନୂତନ ଦାୟିତ୍ୱ ମିଳିଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କୁ ଓ ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ ଦାସଙ୍କୁ ଏବଂ ପୁରୁଖା ନେତା ତଥା ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲଙ୍କୁ ସେ ଧନ୍ୟବାଦ ବ୍ୟକ୍ତ କରିଛନ୍ତି। ଏହା ସହିତ ସମସ୍ତ କଂଗ୍ରେସ ପ୍ରେମୀ କାର୍ଯ୍ୟକର୍ତ୍ତାଙ୍କୁ ମଧ୍ୟ ଧନ୍ୟବାଦ ଜ୍ଞାପନ କରିଛନ୍ତି। ମିଳିଥିବା ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରି ଦଳର ବିଚାରଧାରା ସହିତ ବ୍ରଜରାଜନଗର ପୌର ପରିଷଦରେ ସଙ୍ଗଠନକୁ ମଜବୁତ କରିବେ ବୋଲି ସେ ମତ ପ୍ରକାଶ କରିଛନ୍ତି।

## ଜିଏଲ୍ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ଝାରସୁଗୁଡ଼ା,୨୦।୧(ସମିସ): ପିଏମ୍‌ଶ୍ରୀ ଗିରିଧର୍ ଲାଲ୍ ଉଚ୍ଚ ବିଦ୍ୟାଳୟ, ବେଲପାହାଡରେ ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାସାଗର ଚୌଧୁରୀ ମୁଖ୍ୟବକ୍ତା, ଆଲୁମିନି କମିଟିର ସଭାପତି ଗୁଣନିଧି ପତି, ସମ୍ପାଦକ ଲକ୍ଷ୍ମୀକାନ୍ତ ଝା, ବେଲପାହାଡର ପୂର୍ବତନ ନଗରପାଳ କୈଳାଶ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ କୁଶ ସା ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମହେଶ ଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପାଇଁ ଆକାଂକ୍ଷୀ ମେଳା-ଇନସ୍ପାଏରିଂ ଓଡ଼ିଶା-୨୦୩୬, ଆକାଂକ୍ଷୀ ଛାତ୍ର ପରିଷଦ-ଟ୍ୟାଲେଣ୍ଟ ଗ୍ୟାଲେରୀ ଓ ଦୋକାନ ଯାତ୍ରା-ପିଏମ୍‌ଶ୍ରୀ ବିଜିନେସ ସମିଟ୍ ଏହି ଭଳି ୩ଟି ପାଭିଲିଅନ୍ କରାଯାଇ ସେମାନଙ୍କର ପ୍ରକଳ୍ପଗୁଡିକୁ ପ୍ରଦର୍ଶିତ କରାଯାଇଥିଲା। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଗୁଡିକୁ ବୁଲି ଦେଖିବା ସହିତ ଉଚ୍ଚ ପ୍ରଶଂସା କରିଥିଲେ। ଦୋକାନ ଯାତ୍ରାମାଧ୍ୟମରେ ଛାତ୍ରଛାତ୍ରୀ ସେମାନଙ୍କ ସାମଗ୍ରୀଗୁଡିକୁ ବିକ୍ରି କରିଥିଲେ। ସଭାକାର୍ଯ୍ୟ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସୁପରିଚାଳନାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, ଅରୁଣ ପାଢ଼ୀ, ଅଜିତ ଭୋଇ, ପ୍ରଦୀପ ନାୟକ, ଭବାନୀ ଶଙ୍କର ବାରିକ, ସୌଦାମିନୀ ପଶାୟତ, ପ୍ରମିଳା ପଧାନ, ସସ୍ମିତା କିଶାନ, ହିମାଦ୍ରୀ ବାର୍ଲା, ପଙ୍କଜିନୀ ଭରାସାଗର, ଅଞ୍ଜଳି ସାହୁ, ନିତ୍ୟାନନ୍ଦ ନାୟକ, ସୁଜାତା ସାହୁ, ମଞ୍ଜରୀ କାଲୋ, ସାରଦା ବାନି, ସ୍ନିଗ୍ଧା ଭୋଇ, ପି.ରୋଜାରାନି, କମଳା ସରାଫ, ଗୁରୁବାରୀ ଓରାମ, ଲୋଚନ କାଣ୍ଡରା, ତେଜରାଜ ବାରିକ, ରାମକୃଷ୍ଣ ଓ ସରଫରାଜ ପ୍ରମୁଖ ସହଯୋଗ କରିଥିଲେ।

## ଉତ୍ସବ ପ୍ରଧାନପାଟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ



ଦେବଗଡ଼,୨୦।୧(ସମିସ): ଉତ୍ସବ ପ୍ରଧାନପାଟ ସାଂସ୍କୃତିକ ମଞ୍ଚରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲାରୁ ଆସିଥିବା ଡକ୍ଟର ଇଂ.ସଞ୍ଜୟ ପଣ୍ଡା ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ.ଭାରତ ଭୂଷଣ ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ଭୋଇ, ଡେପୁଟୀ କଲେକ୍ଟର ପ୍ରିୟା ତୀର୍କୀ ଏବଂ ପ୍ରଫୁଲ୍ଲ ମହାପାତ୍ର, ବରିଷ୍ଠ କବି ଓ ବାମଣ୍ଡା ସାହିତ୍ୟ ସଂସଦ ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ଆବାହକତ୍ୱରେ ଆୟୋଜିତ ରାଜ୍ୟସ୍ତରୀୟ କବି ସମ୍ମିଳନୀରେ ଟିକେଶ୍ୱର ସାହୁ, ପଦ୍ମିନୀ ଦାଶମହାପାତ୍ର, ସୁମିତ୍ରା ପୁରୋହିତ ଓ ଅଞ୍ଜନା ନାଏକ କବିତା ସଂଯୋଜନା କରିଥିଲେ। ସମ୍ମିଳନୀରେ ଦେବଗଡ଼ ତଥା ନିକଟବର୍ତ୍ତୀ ଜିଲ୍ଲାର ଏକ ଶହରୁ ଅଧିକ ଜଣ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ମିଳନୀ ଆୟୋଜନରେ ଡ.ରାମଚନ୍ଦ୍ର ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ଗୌରହରି ଷଡ଼ଙ୍ଗୀ, ସୁମିତ୍ରା ବେହେରା, ଜାହ୍ନବୀ ପ୍ରଧାନ, ତାରିଣୀ ବିଶ୍ୱାଳ ଓ ହିମାଂଶୁ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଧରଣୀଧର ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦେବଗଡ଼,୨୦।୧(ସମିସ): ଧରଣୀଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ରୀଡା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ ସାହୁ, ସିଆରସିସି ଚୂଡାମଣି ସାହୁ, ଜିଲ୍ଲା ଏନପିଏସ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ଖୁଣ୍ଟିଆ, ତିଳେଇବଣି ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଡୋଳାଧର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ବାଙ୍କ ଓ ବାଳକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ବିତରଣ କରିଥିଲେ। ପରେ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଘନଶ୍ୟାମ ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ପଦ୍ମିନୀ ଦେବୀ, ଶିକ୍ଷକ ପ୍ରଭାତ ମହାପାତ୍ର, ଶିକ୍ଷୟିତ୍ରୀ ନିରୁପମା ପ୍ରଧାନ, ଶକୁନ୍ତଳା ପ୍ରଧାନ, ରଶ୍ମିରେଖା ସାହୁ, ସୀପିକା ମିଶ୍ର, ମାନସିରାଣୀ ଗଡନାୟକ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ସୌମିତ୍ରୀ ମହାପାତ୍ର, ସୁଧାଂଶୁ ପ୍ରଧାନ, ତରଣୀସେନ ପ୍ରଧାନ, ଅକ୍ଷୟ ଗୁରୁ, ସବିତା ନନ୍ଦ, ମନ୍ଦାକିନୀ ସାହୁ, ବିଜୟାଲକ୍ଷ୍ମୀ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା, ପାଚିକା ସୁଜାତା ହଂସ, କୁନି ବାଘ, ବିନୋଦିନୀ ସାହୁ, ଫୁଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।


## ଶିଶୁ ମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ଇବଥର୍ମାଲ,୨୦।୧(ସମିସ): ବନ୍ଧବାହାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଅଭିଭାବିକା ମା' ମାନଙ୍କୁ ନେଇ 'ସପ୍ତ ଶକ୍ତି ସଙ୍ଗମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ସପ୍ତ ଶକ୍ତି ସଙ୍ଗମ' କାର୍ଯ୍ୟକ୍ରମ ଦେବୀ ଶକ୍ତି ସ୍ୱରୂପା ନାରୀ ଶକ୍ତିଙ୍କୁ ଜାଗୃତ କରିବାର ଏକ ଅଭିଯାନ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ନାରୀଙ୍କ ଭୂମିକା, ଶକ୍ତି, ସମର୍ପଣ ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରାହେଉଛି। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ମହାବିଦ୍ୟାଳୟର ଅଧ୍ୟାପିକା ପଦ୍ମାବତୀ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସଦସ୍ୟା ଗୀତାରାଣୀ ମେହେର, ପୁଷ୍ପାଞ୍ଜଳି ବାରିକ, ମଞ୍ଜୁଲତା ଭୁମିଜ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଅଧିକାରୀଙ୍କ ପରିଚୟ ଆଚାର୍ଯ୍ୟା ଆଲୋକମୟୀ ଦାଶ, ପରିଚାଳନା ସବିତାରାଣୀ ପାତ୍ର କରିଥିବା ବେଳେ ଆଚାର୍ଯ୍ୟା ପଙ୍କଜିନି ସା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୨୪୫ ଜଣ ମହିଳା ଭାଗ ନେଇଥିଲେ।

## ଜାତୀୟ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା

ଦେବଗଡ଼,୨୦।୧(ସମିସ): ଦେବଗଡ଼ ଆରଟିଓ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଦୁର୍ଘଟଣା ରୋକିବା ସହିତ ସୁରକ୍ଷିତ ଯାତ୍ରାର ବାର୍ତ୍ତା ନେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦେବଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୃରଜ ଚୋପଦାର ପ୍ରମୁଖ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଦେବଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା ସହିତ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲା। ସେଠାରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଟ୍ରାଫିକ ନିୟମ ମାନି ଚଳିବାକୁ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିଶ୍ର ଶପଥ ପାଠ କରାଇଥିଲେ। ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏବଂ ଜନସାଧାରଣ ସାମିଲ ହୋଇଥିଲେ। ଉପଜିଲ୍ଲାପାଳ ପରକ୍ଷୀତ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜୁ ସାହା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ଆଞ୍ଚଳିକ ପରିବହନ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ସ୍କୁଲ ଛାତ୍ରଛାତ୍ରୀ ଓ ଜନସାଧାରଣ ସାମିଲ ହୋଇଥିଲେ।

## ସହିଦ ତେଲେଙ୍ଗା ଖଡିଆଙ୍କୁ ଶ୍ରଦ୍ଧାଞ୍ଜଳି




ଝାରସୁଗୁଡ଼ା,୨୦।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅଧୀନ କଦମଡିହି ଗୁଡିର କେଛୋବାହାଲରେ ପୁନିଆଁ ଖଡିଆଙ୍କ ସଭାପତିତ୍ୱରେ ଇଷ୍ଟ ଦେବତା ବାରନ୍ଦା ଦେବଙ୍କୁ ସାକ୍ଷୀ ରଖି ଝାରସୁଗୁଡ଼ା ଜିଲ୍ଲାର ଦୁଧ ଖଡିଆ ସମାଜର ବୀର ସହିଦ୍ ତେଲେଙ୍ଗା ଖଡିଆଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାହୋଇଛି। ଏହି ଅବସରରେ ଏକ ବୋର୍ଡ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ଲାଲଚନ ଖଡିଆ, ସଭାପତି ସନାତନ ଖଡିଆ, ସମ୍ପାଦକ ମୋହନ ଖଡିଆ ପ୍ରମୁଖ ଯୋଗ ଦେଇଥିଲେ। ସମାଜ ସମ୍ପ୍ରଦାୟକୁ ରକ୍ଷା କରିବା, ଶିକ୍ଷା, ସଂସ୍କୃତି, ପରମ୍ପରା, ନିଶାମୁକ୍ତି ଓ ଏକତା ବଜାୟ ରଖିବାକୁ ମୁଖ୍ୟ ଉଦ୍ଦେଶ୍ୟ ରଖା ଯାଇଥିଲା।

ସଭାରେ କଦମଡିହି ଗୁଡିର ରୋହିତ ଖଡିଆ, ରଜନୀ ଖଡିଆ, କିଶୋର ଖଡିଆ, ସୁଶାନ୍ତ ଖଡିଆ, ଆକାଶ ଖଡିଆ, ରାଇବାରି ଖଡିଆ, ବିଜୟ ଖଡିଆ, ଅମିତ୍ ଖଡିଆ ଓ ସମସ୍ତ ଗାଁର ସେକ୍ରେଟାରୀ ପ୍ରେସିଡେଣ୍ଟ, ସମସ୍ତ ବୟୋଜ୍ୟେଷ୍ଠ, ଉପଦେଷ୍ଟା ସଦସ୍ୟ ଓ ଏମ କଟାପାଲି, ଭୂନ୍ଦୂପାଲି ଓ ଲିମଡିହି ଗାଁର ସମାଜର ସଦସ୍ୟ ଉପସ୍ଥିତ ଥିଲେ। କଦମଡିହି ଗୁଡି ଓ ଝାରସୁଗୁଡ଼ା ଜିଲ୍ଲାର ବୋର୍ଡ କମିଟି ସଦସ୍ୟଙ୍କ ସମ୍ମତିରେ ନୂତନ ହୋଇ ଥିବା ଗୋଷ୍ଠୀଙ୍କୁ ଦୁଧ ଖଡିଆ ସମାଜରେ ସାମିଲ ନ ହେବା ପର୍ଯ୍ୟନ୍ତ କୌଣସି ସାମାଜିକ ପରମ୍ପରା ଓ ପୁଅଝିଅ ଦିଆନିଆ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ସଭାରେ ପିଣ୍ଟୁ ଖଡିଆ ସହଯୋଗ କରିଥିଲେ। ଅନ୍ୟ ଗୋଷ୍ଠୀ ରେଜିଷ୍ଟ୍ରେସନ କଲେ ମଧ୍ୟ ମାନ୍ୟତା ଦିଆଯିବ ନାହିଁ ବୋଲି କଡ଼ା ନିର୍ଣ୍ଣୟ ହୋଇଥିଲା। ସଭାରେ ତମଲେଙ୍ଗ ଖଡିଆ ସମାଜରୁ ବାସୁଦେବ ଖଡିଆ ସଭାରେ ଯୋଗ ଦେଇଥିଲେ। ସୁନ୍ଦରଗଡର ହେମଗିରି କନକତୁରା ଗାଁର ରାମ ଖଡିଆ ଭୁଲ ପରିଚୟ ସୃଷ୍ଟି କରୁଛି ବୋଲି କହିଥିଲେ। କନକତୁରା ଅଞ୍ଚଳରେ ଲୋକଙ୍କୁ ଖ୍ରୀଷ୍ଟ ଧର୍ମରେ ଧର୍ମାନ୍ତିକରଣ କରାଯାଉଥିବା କହିଥିଲେ। ଶେଷରେ ଗଣେଶ ଖଡିଆ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଦେବଗଡ଼,୨୦।୧(ସମିସ)




ଉତ୍ସବ ପ୍ରଧାନପାଟ-୨୦୨୬ ଉପଲକ୍ଷେ ଜାତୀୟ ଉଦ୍ୟାନ କୃଷି ମିଶନ ଆନୁକୂଲ୍ୟରେ ସ୍ଥାନୀୟ ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଉଦ୍ୟାନ କୃଷି ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକା ମାନସୀ ଭୋଲ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗଦ୍ଦେବ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଉଦ୍ୟାନ କୃଷି ଓ ସମନ୍ୱିତ କୃଷି ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅତିଥି ମାନେ ଉଦ୍ୟାନ କୃଷି ଓ ସମନ୍ୱିତ କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଅଧିକ ଲାଭବାନ ହେବା ନିମନ୍ତେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ 'ଉତ୍ସବ ପ୍ରଧାନପାଟ-୨୦୨୬' ପଲ୍ଲିଶ୍ରୀ ମେଳା ଓ ସ୍ୱଦେଶୀ ମେଳାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଖୋଲାଯାଇଥିବା ଫଳ ପୁଷ୍ପ ପ୍ରଦର୍ଶନୀର ଶ୍ରେଷ୍ଠ ପ୍ରଦର୍ଶକ ଚାଷୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ରିଆମାଳ ବ୍ଲକ୍‌ର ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ସୌଭାଗ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଞ୍ଚ ମାମଲାରୁ ପୁଲିସ ଏଏସ୍‌ଆଇ ଖଲାସ

**ଭବାନୀପାଟଣା, ୨୦।୧(ସମିସ):** ଭବାନୀପାଟଣା ସଦର ଥାନାର ପୂର୍ବତନ ପୁଲିସ ଏଏସ୍‌ଆଇ ସୁବାଷ ଚନ୍ଦ୍ର ଗୁରୁ ପ୍ରମାଣ ଅଭାବରୁ ଲାଞ୍ଚ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପ୍ରକାଶ ଯେ, ଗତ ୨୦୧୪ ମସିହାରେ ସଦର ଥାନା ଅଧିନସ୍ଥ ମନୋହରପୁର ଗ୍ରାମର ସୁଦର୍ଶନ ସାଙ୍କ ଠାରୁ ଏକ ମାମଲା ରଫା ଦଫା କମ କରିବା ଓ ଜେଲକୁ ନ ପଠାଇବା ପାଇଁ ପୁଲିସ ଏଏସ୍‌ଆଇ ଶ୍ରୀ ଗୁରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭବାନୀପାଟଣା ଭିଜିଲାନ୍ସ ଅଧିକାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ପରେ କୋରାପୁଟ ଭିଜିଲାନ୍ସ ବିଭାଗ ଏକ ମାମଲା ନଂ (୨୪/୧୪) ରୁଜୁ କରି ତାରିଖ ୭.୭.୨୦୧୪ ରେ ପୁଲିସ ଏଏସ୍‌ଆଇ ଶ୍ରୀ ଗୁରୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବଦ୍ରି ନାରାୟଣ ନନ୍ଦ ପ୍ରମାଣ ଅଭାବରୁ ପୁଲିସ ଏଏସଆଇ ଶ୍ରୀ ଗୁରୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମାମଲାକୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ସା ପରିଚାଳନା କରିଥିଲେ।

# ବାବା ଅଲ୍ଲୀ ଖାଁ କଳାହାଣ୍ଡି ଡିସିସି ସମ୍ପାଦକ



**ଭବାନୀପାଟଣା, ୨୦।୧(ସମିସ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ର ଅନୁମୋଦନ କ୍ରମେ କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟିର ନୂତନ ସମ୍ପାଦକ ଭାବେ ବାବା ଅଲ୍ଲୀ ଖାଁଙ୍କୁ ମନୋନୀତ କରାଯାଇଛି। ଏ ନେଇ ଶ୍ରୀ ଖାଁ ତାଙ୍କର ଜୀବନ କାଳ ଭିତରେ ସେ ଛାତ୍ର ନେତାରୁ ରାଜନୀତିକୁ ଆସି କଂଗ୍ରେସର ନୀତି ଆଦର୍ଶକୁ ଅନୁଶରଣ କରି ଦଳ ଯାହା ଦାୟିତ୍ୱ ଦେଇଛନ୍ତି ସବୁ କାର୍ଯ୍ୟକୁ ସୁରୁ ଖୁରୁ ଭାବରେ ତୁଲାଇ ଆସିଛନ୍ତି ବୋଲି କହିଛନ୍ତି। ତାଙ୍କୁ ପୁନର୍ବାର ଜିଲ୍ଲା ସମ୍ପାଦକ ଚୟନ କରାଯାଇଥିବାରୁ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ ର ସଭାପତି ଭକ୍ତ ଚରଣ ଦାସ, ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ, ଜିଲ୍ଲା ସଭାପତି ଜଳନ୍ଧର ନାଏକଙ୍କୁ କୃତଜ୍ଞତା ଜଣାଇଛନ୍ତି।

କଳାହାଣ୍ଡି ଜିଲ୍ଲାରେ ଧାନ କିଣା ନୀତି ବାଟବଣା

# ୮୫ ହଜାର ଚାଷୀ ବିକିଛନ୍ତି ୪୦ଲକ୍ଷ ୨୯ ହଜାର କୁଇଣ୍ଟାଲ ଧାନ

**ଭବାନୀପାଟଣା, ୨୦।୧(ସମିସ)**

କଳାହାଣ୍ଡି ଜିଲ୍ଲାରେ ଗତ ୧୪ତାରିଖରୁ ୧୭ତାରିଖ ଯାଏଁ କଳାହାଣ୍ଡି ଉତ୍ସବ 'ଘୁମୁରା' ପ୍ରତିବର୍ଷ ପାଳନ କରାଯାଏ। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ତାରିଖ ଅନୁସାରେ ଆଉ ଗୋଟିଏ ଦିନ ଅର୍ଥାତ ୧୮ ତାରିଖକୁ ଉତ୍ସବ ସହିତ ଯୋଡି ଦିଆ ଯାଇଥିଲା। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ରେଣ୍ଡୋମାଝୀ ମଞ୍ଚରେ ପହଞ୍ଚି ଥିଲେ। ମଞ୍ଚରେ ଉପସ୍ଥିତ ଅତିଥିଗଣ ନିଜ ଅଭିଭାଷଣ ରଖିଥିଲେ। ଯେତେବେଳେ ନର୍ଲାର ବିଜେଡ଼ି ବିଧାୟକ ମନୋରମ ମହାନ୍ତିଙ୍କ ପାଳି ପଡ଼ିଲା ସେ ନିଜ ବକ୍ତ୍ୟବ ଆରମ୍ଭ କଲେ। ମନୋରମାଙ୍କ ଭାଷଣ ଉପସ୍ଥିତ ଦର୍ଶକ କଳାପ୍ରେମୀଙ୍କୁ ଛୁଇଁବା ସହିତ ଚାଷୀ ପାଇଁ ଯେଉଁ ଦୁଃଖ ଜଣାଇଲେ ତାହା ସମ୍ପୂର୍ଣ୍ଣ ନିଆରା ଥିଲା। ସେ କହିଥିଲେ କଳାହାଣ୍ଡି ଉତ୍ସବର ମାଟି ସଂସ୍କୃତିର ମାଟି। ଏହି ଜିଲ୍ଲାକୁ ଯିଏ ବି ଆସିଲେ ଅତିଥି ସତ୍କାରରେ କେବେ ଊଣା କରାଯାଏ ନାହିଁ। ମୁଖ୍ୟମନ୍ତ୍ରୀ ଆସିଛନ୍ତି ମାଁ ମାଣିକେଶ୍ୱରୀ ତାଙ୍କୁ ଘଣ୍ଟ ଘୋଡେଇ ରଖନ୍ତୁ। ଯେ ହେତୁ ସେ ଅତିଥି କିଛି ନ ହେଲେ ନାହିଁ ବାସୀ ପଖାଳ ଟିକେ-ଟମାଟ ଚିପଜା ସଂଗେ ପୁଡା ମାଛ କି ସାରୁ ବେସର ଖାଇ କି ଯିବେ ତେଣୁ ଆଉ ଗୋଟେ ଦିନ ଆମ ଜିଲ୍ଲାରେ ରୁହନ୍ତୁ। ମୁଖ୍ୟମନ୍ତ୍ରୀ ଆମ ପାଇଁ ଜିଲ୍ଲାରେ କୁଣିଆ ହୋଇ ଆସିଛନ୍ତି ସେଥି ପାଇଁ ପଦେ ବିପଦ ସୁଖ ଦୁଃଖ ହେବା ନିହାତି ଜରୁରୀ। ତେବେ ଆଜି ମୋ ମନର ଦୁଃଖ କହୁଛି ରେଣ୍ଡୋ ମାଝୀ ମଞ୍ଚରେ ଆମେ ସମସ୍ତେ କିନ୍ତୁ ଏଭଳି ହାଡ଼ ଭଙ୍ଗା ଶୀତରେ ଚାଷୀ ଜଗିଛି ମଣ୍ଡିରେ। ତା ଆଖିରେ ନିଦ ନାହିଁ। ଉତ୍ସବ ଜନ ସମୁଦ୍ର ପାଲଟିଛି ସତ ହେଲେ ଚାଷୀ ଭାଇମାନେ ଆସିଥିଲେ ଆଉ ଟିକେ ଭିଡ଼ ଜମିଥାନ୍ତା ମଜା ବି ଲାଗନ୍ତା। ମୁଖ୍ୟମନ୍ତ୍ରୀଙ୍କୁ କହିବି ଚାଷୀ ମନର ଦୁଃଖ ଦୂର କରନ୍ତୁ। କଳାହାଣ୍ଡି ମାଟି ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେବାରେ ଊଣା କରିନି। ଆପଣ ଆସିଛନ୍ତି

**ମନୋରମାଙ୍କ ଭାଷଣରେ ଗୁଗଲି ବୋଲିଂ**

**ମଞ୍ଚରେ ମୁଖ୍ୟମନ୍ତ୍ରୀ- ଚାଷୀ ମଣ୍ଡିରେ**

ଚାଷୀ କଥା ବୁଝାନ୍ତୁ। ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଏହି ସଂକ୍ଷିପ୍ତ ଅଭିଭାଷଣ ଯେମିତି ଗୁଗୁଲି ବଲ ଭଳି ଥିଲା। ମୁଖ୍ୟମନ୍ତ୍ରୀ ମଧ ଏହି ବଲକୁ ସାମ୍ନା ନକରି ବ୍ୟାଟ ଅନ୍ୟପଟେ ଘୁରାଇ ଚତୁରତାର ସହ ଜିଲ୍ଲାରୁ ଚାଲି ଯାଇଥିଲେ। ଚାଷୀ ସମସ୍ୟାର ଅନ୍ତଃ ଘଟୁନି। ମଣ୍ଡିରୁ ଧାନ କିଣା ଯେମିତି ବାଟବଣା ହୋଇଯାଇଛି।ପୂର୍ବରୁ ବିରୋଧୀ ଦଳ ଚାଷୀ ସମସ୍ୟାକୁନେଇ ସାମ୍ବାଦିକ ସମ୍ମିଳନୀ କରିଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ବିଜେଡି ଓ କଂଗ୍ରେସର ଯୁବ ନେତାଙ୍କୁ ପୁଲିସ ଆଗୁଆ ଉଠାଇ ନେଇଥିଲା। ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଏତେ ଡର କୁଆଡୁ ଆସିଲା ସେ ପ୍ରଶ୍ନ ଏବେ ଚାରିଆଡେ ପଚାରୁଛନ୍ତି। ପଦେ ମଧ ମଣ୍ଡି କଥା କହି ଚାଷୀଙ୍କୁ ଆଶ୍ୱାସନାର ଦୁଇ ଶବ୍ଦ ଉଚ୍ଚାରଣ ନକରି ଫେରିଯିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ବର୍ତ୍ତମାନ ଜିଲ୍ଲାର ଖରିଫ ଧାନ ସଂଗ୍ରହ କଥା କହିଲେ"ଖରିଫ୍ ଧାନବିକ୍ରି ବ୍ୟବସ୍ଥା ବାଟବଣା ହୋଇ ପଡ଼ିଛି। ଜିଲ୍ଲାରେ ଟୋକନ କଟକଣା, ଧାନ ଉଠାଣରେ ମନ୍ଥରତା,



କଟ୍‌ନୀଛଟ୍‌ନୀ ଆଦି ସମସ୍ୟା ଯୋଗୁଁ ଅନେକ ଚାଷୀ ଏ ପର୍ଯ୍ୟନ୍ତ ଖରିଫ ଧାନ ବିକ୍ରି କରି ପାରି ନାହାନ୍ତି। ଅନ୍ୟପଟେ, ରବି ଚାଷ ପାଇଁ ଗତ ୭ ତାରିଖରୁ କେନାଲ ପାଣି ଆସିଥିବାବେଳେ ଚାଷୀ ଏ ଯାଏଁ ଖରିଫ ଧାନ ବିକ୍ରି କରିପାରି ନ ଥିବା ଯୋଗୁଁ ରବି ଚାଷକାର୍ଯ୍ୟ ସମୟ ଗଡୁଥିବାରୁ ଚାଷୀ ପ୍ରମାଦ ଗଣୁଛି। ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିପରି ଜିଲ୍ଲାରେ ଦିନକୁ ଦେଢ଼ ଲକ୍ଷ କୁଇଣ୍ଟାଲ ଧାନ ଉଠାଣ କରାଯାଉଥିବା ସତ୍ତ୍ୱେ ମଧ ଗତ ବର୍ଷ ଖରିଫ ଧାନ କିଣା ଠାରୁ ପଛରେ ଚାଲିଛି।

ମିଳିଥିବା ସୂଚନା, ଅନୁଯାୟୀ ଗତ ବର୍ଷ ଖରିଫରେ ଜିଲାର ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୬୦ ଲକ୍ଷ ୯୬ ହଜାର ୮୦୭ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ପୁନଶ୍ଚ ଉକ୍ତ ବର୍ଷ ୧ ଲକ୍ଷ ୧୪ ହଜାର ୫୮୫ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିଲେ। ତେବେ ଚଳିତ ବର୍ଷ ଖରିଫରେ ୧ ଲକ୍ଷ ୨୧ ହଜାର ୧୮୧ ଜଣ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ଯାହାକି ଗତ ବର୍ଷ ଠାରୁ ୬୫୬୯ ଜଣ ଚାଷୀ ଅଧିକ ରହିଛନ୍ତି। ଯାହାଫଳରେ ଗତ ଖରିଫରେ ୬୦ ଲକ୍ଷ ୯୬ ହଜାର ୮୦୭ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବାବେଳେ ଏଥର ପ୍ରାୟ ୬୪ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହେବ ବୋଲି ଅନୁମାନ କରାଯାଉଛି।ଜିଲ୍ଲାରେ ସୋମବାର ସୁଦ୍ଧା ୮୫ ହଜାର ୩୦ ଜଣ ଚାଷୀ ୪୦ଲକ୍ଷ ୨୯ ହଜାର ୫୧୯ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡ଼ିଛି। ଗତ ବର୍ଷ ଏହି ଦିନରେ ୮୫ ହଜାର ୯୬୧ ଜଣ ଚାଷୀ ୪୩ ଲକ୍ଷ ୫୨ ହଜାର ୮୩୯ କୁଇଣ୍ଟାଲ ଧାନ ବିକ୍ରି କରି ସାରିଥିଲେ। ବର୍ତ୍ତମାନ ଜିଲ୍ଲାର ହଜାର ହଜାର ଚାଷୀ ଧାନ ବିକ୍ରି ଆଶାରେ ହାଡ଼ ଭଙ୍ଗା ଶୀତ କାକରରେ ମଣ୍ଡିରେ ପଡ଼ି ରହିଛନ୍ତି। ସେହିପରି ଅନେକ ଚାଷୀଙ୍କ ଟୋକନ ପଛରେ ରହିଥିବାରୁ ସେମାନେ ଖଳାରେ ଧାନ ରଖି ଟୋକନ ତାରିଖକୁ ଜଗି ବସିଛନ୍ତି।ଅନେକ ଚାଷୀଙ୍କ ଟୋକନ ଅବଧି ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ଏହାକୁ ନେଇ ଚାଷୀମାନେ ଏବେ ଅଡୁଆରେ ପଡ଼ିଛନ୍ତି। ଅନ୍ୟପକ୍ଷରେ। ଜିଲା ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'ର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କେବଳ ଏତିକି କହିଥିଲେ ଯେ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଅଧୈର୍ଯ୍ୟ ନହୁଅନ୍ତୁ। ସମସ୍ତଙ୍କ ଧାନ କିଣାଯିବା କେବେ ଦୂରହେବ ଚାଷୀ ସମସ୍ୟା। ଚାଷୀ ଘାଣ୍ଟି ହେଉଛନ୍ତି ମଣ୍ଡିରେ ଅଜବ ଧାନ କିଣା ପ୍ରକ୍ରିୟାକୁ ଦେଖି। କେଉଁ ମଣ୍ଡିରେ ଆବଶ୍ୟକ ମୁତାବକ ଟ୍ରକ୍ ପହଞ୍ଚୁ ନାହିଁ। ଧାନ ଶହ ଶହ କୁଇଣ୍ଟାଲ ଥିବା ମଣ୍ଡିରେ ଗାଡିର ଅଭାବ ଯୋଗୁଁ ଧାନ ଉଠୁନାହିଁ। ପ୍ରଥମ ଟୋକନର ଏମଏସପି ପାଇଥିବା ବେଳେ ଦ୍ୱିତୀୟ ଟୋକାନର ଇନପୁଟ ସହାୟତା ବୋନସ ଟଙ୍କା ପାଇନାହିଁ। ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର କେତକ ମଣ୍ଡି ପରିଦର୍ଶନ କରି ଏକାଧିକ ସମସ୍ୟାରେ ଚାଷୀ ସଡୁଥିବା ପ୍ରକାଶ କରିଛନ୍ତି। ଧାନ କିଣାନେଇ ପ୍ରଶାସନ ତତ୍ପରତାର ସହିତ କାର୍ଯ୍ୟକରିବାକୁ ଦାବି ହୋଇଛି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କୋକସରା, ୨୦।୧(ସମିସ):** କୋକସରା ବ୍ଲକ ମୁଷାପାଲି ଯମୁନାଦେବୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ଘିଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଲେଖ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା, ସମିତି ସଭ୍ୟା ଅଞ୍ଜନା ଦୁର୍ଗା, ଏସ୍‌ଏମସି ସଭାପତି




ହୀରିଲାଲା ରାଉତ, ଲକ୍ଷ୍ମଣ ଗୋପାଳ, ପ୍ରଧାନ ଶିକ୍ଷକ ବିରଞ୍ଚି ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ଘିଙ୍କୁ ଉପଢ୍ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଲେଖ ଚନ୍ଦ୍ର ଗୋପାଳ ସଂଯୋଜନା କରିଥିଲେ। ଦିଗାମ୍ବର ନାଗ, ରୋହିତ ଗୋପାଳ, ଭିକାରୀ ଦୁର୍ଗା, ଜଗ ମୋହନ ଚନ୍ଦନ ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ଉପସ୍ଥିତି ଥିଲେ।

■ ଅବକାରୀ ବିଭାଗ କାର୍ଯ୍ୟର ସମୀକ୍ଷା

# ଅପରେସନ ସଂସ୍କାର କାର୍ଯ୍ୟକ୍ରମ ଜାରି ରହିବ

**ନୂଆପଡ଼ା, ୨୦।୧(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅବକାରୀ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବକାରୀ ବିଭାଗର ରାଜସ୍ୱ ଆଦାୟ, ପ୍ରବର୍ତ୍ତନ କାର୍ଯ୍ୟକଳାପ ଏବଂ ଅବକାରୀ ବିଭାଗର କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ, ଜନବସତି, ରାସ୍ତା କଡ ଇତ୍ୟାଦି ଅଞ୍ଚଳରେ ଦୃଢ଼ ହସ୍ତରେ ଚୋରା ମଦ ବିକ୍ରୟ କେନ୍ଦ୍ର ସବୁ ତୁରନ୍ତ ବନ୍ଦ କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ 'ଅପରେସନ ସଂସ୍କାର'କାର୍ଯ୍ୟକ୍ରମ ଜାରି ରହିବ ଏବଂ ଆଗାମୀ ଦିନରେ ଅବକାରୀ କାର୍ଯ୍ୟକଳାପ କେମିତି ଆହୁରି ସୁଦୃଢ ହୋଇ ଜିଲ୍ଲାରେ ଅବୈଧ ଚୋରା ମଦ, ଗଞ୍ଜେଇ, ନିଶା କାରବାର ଉପରେ ରୋକ୍ ଲାଗିପାରିବ ତଥା ଜନ ସଚେତନତା ସୃଷ୍ଟି ହୋଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଗତବର୍ଷ ଭଳି ଏବର୍ଷ ମଧ ମହୁଲ ଫୁଲ ସଂଗ୍ରହକାରୀଙ୍କୁ



ମହୁଲର ଉପଯୁକ୍ତ ମୂଲ୍ୟ ମିଳିବ ବୋଲି ଜିଲ୍ଲାପାଳ ଆଶ୍ୱସନା ଦେଇଥିଲେ। ବୈଠକରେ ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ ବିଭାଗର କାର୍ଯ୍ୟାବଳୀର ଖସଡ଼ା ଉପସ୍ଥାପନ କରିଥିଲେ। ସମୀକ୍ଷାରୁ ଜଣା ପଡ଼ିଲା ଯେ, ଜିଲ୍ଲାରେ ୯୯ଟି ସରକାରୀ ମାନ୍ୟତାପ୍ରାପ୍ତ ଅବକାରୀ ଦୋକାନ ଅଛି। ୨୦୨୫ ବର୍ଷ ଶେଷ ସୁଦ୍ଧା ୧୫୧୯ ଗୋଟି ମାମଲା ଅନୁସନ୍ଧାନ କରାଯାଇ ୯୨୮ ଜଣଙ୍କୁ ଗିରଫ କରାଯାଇଛି। ୫୭୭ ଜଣଙ୍କ ବିରୋଧରେ ଅବକାରୀ କେଶ ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।ସେହିପରି ବିଗତ ବର୍ଷରେ ୨୮୧୬୧ ଲିଟର ଦେଶୀମଦ, ୮୬୯୧ ଲିଟର ବାହାର ଭାଟି ମଦ, ୭୪୫୪୪୦ ଲିଟର ମହୁଲ ପୋଚ, ୨୩୦ କୁଇଣ୍ଟାଲ ମହୁଲ ଫୁଲ, ଅବୈଧ ଅବକାରୀ ପରିବହନ ରେ ଲିପ୍ତ ୪୪ ଟି ଦୁଇ ଚକିଆ ଗାଡ଼ି, ୬ ଟି ଚାରି ଚକିଆ ଗାଡ଼ି ଜବତ ହୋଇଛି। ସମର୍ପିତ ଭାବରେ ଜିଲ୍ଲାରୁ ଅବୈଧ ନିଶା କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ।

# ଲାଞ୍ଜିଗଡ଼ ବ୍ଲକ୍‌ସ୍ତରୀୟ ବନ୍ଦେ ମାତରମ୍

**ଲାଞ୍ଜିଗଡ଼, ୨୦।୧(ସମିସ):** ବନ୍ଦେ ମାତରଂର ୧୫୦ତମ ବାର୍ଷିକୀ ପାଳନ ଅବସରରେ ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ତରଫରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋପବନ୍ଧୁ ଖେଳ ପଡ଼ିଆରେ ସାମୂହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସଞ୍ଜିବ କୁମାର ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର, ସରପଞ୍ଚ ସଂଘ ସଭାପତି କାନ୍ଧରୁ ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଳ, ସମାଜସେବୀ ହରିଶଙ୍କର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀ ଯୋଗଦେଇ ସାମୂହିକ ବନ୍ଦେ ମାତରଂ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ସଂଯୋଜନା କରିଥିଲେ। ଏଥିରେ ବିଏସଏଓ ଅରବିନ୍ଦ ମହାପାତ୍ରଙ୍କ ସମେତ ସିଆରସିସି ଓ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କୋକସରା, ୨୦।୧(ସମିସ):** ଛାତ୍ରଛାତ୍ରୀମାନେ ଯଦି ନିଷ୍ଠାର ସହିତ ପାଠ ପଢ଼ିବେ ନିଶ୍ଚିତ ସଫଳ ହେବ, କଠିନ ପରିଶ୍ରମ ନିଷ୍ଠା, ସାଧାନା ଓ ଅଧ୍ୟବସାୟ ଅସାଧାରଣ ସଫଳତା ଆଣିଦିଏ ବୋଲି ମଙ୍ଗଳବାର କୋକସରା ବ୍ଲକ ଆମପାଣି ସରକାରୀ ଏସ୍‌ଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ମତ ରଖିଛନ୍ତି। ସରକାରୀ ଏସ୍‌ଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜୟ ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୋକସରା ପଞ୍ଚାୟତ ସମିତି କଲେଜ ର ଅଧ୍ୟାପକ ଦେବେନ୍ଦ୍ର ମେହେର ମୁଖ୍ୟବକ୍ତା, ଆମପାଣି ସରପଞ୍ଚ ରୁକ୍ମିଣୀ ବାଣ୍ଡୁଆ, ଆମପାଣି ସରକାରୀ ଏସ୍‌ଏସଡି ସ୍କୁଲ ର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ନାରୀ ନେତ୍ରୀ ତିଳୋତ୍ତମା ନାଏକ, ଏମ୍‌ଏମ୍‌ସି ସଭାପତି ରୁକ୍ଷିମଣି ମାଝୀ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ପଣ୍ଡା, ଜିତେନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡ଼ାମାଝୀ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହୋଇଥିବା ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଥବିରାମ ଦୀପ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପିକା ମାନୀନି ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପୁଳସ୍ତୀ ମହାନନ୍ଦ, ପ୍ରେମାନନ୍ଦ ବେଶ୍ରା, ସୁଭଲକ୍ଷ୍ମୀ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ।

# ଭାରତୀୟ ବିଦ୍ୟା ଶ୍ରୀ ନିକେତନ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଧର୍ମଗଡ଼, ୨୦।୧(ସମିସ):** ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବେହେରାସ୍ଥିତ ଭାରତୀୟ ବିଦ୍ୟା ଶ୍ରୀନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତୃତୀୟ ସ୍ୱନକ୍ଷତ୍ର ବାର୍ଷିକ ଉତ୍ସବ ଏବଂ ବିଦ୍ୟାର୍ଥୀ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ତଥା ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ମୁଖ୍ୟବକ୍ତା ଭାବରେ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ କଳାହାଣ୍ଡି, ଭବାନୀପାଟଣା ପ୍ରକଳ୍ପ ପରିଚାଳକ ସମାଜସେବା ବିଭାଗର ପିତବାସ ବେହେରା, ସ୍ୱତନ୍ତ୍ର ଅତିଥି ଭାବରେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ଗଣକବି ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥି ଭାବରେ ଉକ୍ତ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ କିଶୋର ଚନ୍ଦ୍ର ସତପଥି, ହିସାବ ରକ୍ଷକ ଓ ବୈଷୟିକ ପରିଚାଳକ ମହାସଂଘ ଓଡ଼ିଶା ସଭାପତି ପ୍ରଭାତ ତିୱାରୀ, ବେହେରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ, ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବେହେରା ରାଜନୀତି ବିଜ୍ଞାନ ଅଧ୍ୟାପକ ମୋହନ ଚରଣ ବିଶି, ବେହେରା ସରକାରୀ ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣ୍ଡୁଆ, ଅବସରପ୍ରାପ୍ତ ଇଂରାଜୀ ଶିକ୍ଷକ ଭକ୍ତ ଚରଣ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ।ଦେବୀ ଦନ୍ତେଶ୍ୱରୀଙ୍କ ପୂଜାର୍ଚ୍ଚନା କଲା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣରେ ଅଞ୍ଚଳରେ ଏପରି ଏକ ଶିକ୍ଷାନୁଷ୍ଠାନର ଆବଶ୍ୟକତା ଏବଂ ଶିକ୍ଷା କ୍ଷେତ୍ରରେ ସମସ୍ତେ ଆଗକୁ ବଢ଼ିବା ଉପରେ ଉପସ୍ଥିତ ସମସ୍ତ ଅତିଥି



ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ଯୁବ ରେଡକ୍ରସ୍ ୟୁନିଟ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୩୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ତାପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିବା ବେଳେ, ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଏବଂ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।ଶେଷରେ ଛାତ୍ର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ କ୍ଷୀରସିନ୍ଧୁ ବାଣ୍ଡୁଆ ସଂଯୋଜନା କରିଥିବା ବେଳେ ରାଜନୀତି ଅଧ୍ୟାପକ ଭୁଜବଲ ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ।ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଭାଗ୍ୟବାନ ଦାସ, ଦେବେନ୍ଦ୍ର ରଣା, ରିଙ୍କୁ ଖମାରୀ, ଦିଲୀପ ବିଶି, ତୁଷାର ମେହେର ଅଧ୍ୟାପିକା ମଞ୍ଜରୀ ମାଝି, ପ୍ରତିଭା ବାଗ, ଦିପ୍ତିମୟୀ ବାଗ, ବବିତା ନାଏକ, ପିଅନ ଭାସ୍କର ଗୋପାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ନୂଆପଡ଼ା ବିଡିଓଙ୍କୁ ଆକ୍ରମଣ ମାମଲା

# ନିନ୍ଦା କଲା ଜିଲ୍ଲା ଓଏଏସ୍, ଓଆର୍‌ଏସ୍ ସଂଘ

**ନୂଆପଡ଼ା, ୨୦।୧(ସମିସ)**

ନୂଆପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇଙ୍କ ଉପରେ ଘଟିଥିବା ଆକ୍ରମଣ ଘଟଣାର ତୀବ୍ର ନିନ୍ଦା କରିଛି ଜିଲ୍ଲାର ଓଏଏସ ଏବଂ ଓଆର୍‌ଏସ ସଂଘ। ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରି ଏହି ବର୍ବର ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁରୋଧ କରିଛି ସଂଘ। ଏହା ସହିତ ସମସ୍ତ ଅଭିଯୁକ୍ତ ଗିରଫ ନହେବାଯାଏ ସମସ୍ତ ସଦସ୍ୟ କଳାବ୍ୟାଜ୍ ପରିଧାନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସଂଘ ଦାବିପତ୍ରରେ ଜଣାଇଛି ଯେ, ନୂଆପଡ଼ା ବିଡ଼ିଓ ନିଜ କର୍ତ୍ତବ୍ୟ ସମ୍ପାଦନ ପାଇଁ ଯାଉଥିବା ସମୟରେ ତାଙ୍କ ଉପରେ ଘଟିଥିବା ଶାରୀରିକ ଆକ୍ରମଣ, ଆପରାଧିକ ଧମକ ଏବଂ କର୍ତ୍ତବ୍ୟରେ ବାଧା ସୃଷ୍ଟି କରାଯାଇଥିବା ଦୁଃଖଦ ଓ ଅତ୍ୟନ୍ତ ନିନ୍ଦନୀୟ ଘଟଣାକୁ ସଂଘ ଦୃଢ଼ ଭାବେ ନିନ୍ଦା



କରୁଛି।କାର୍ଯ୍ୟରତ ଅବସ୍ଥାରେ ଜଣେ ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ ଏକ ଘୃଣିତ ଅପରାଧ ଏବଂ କୌଣସି ପରିସ୍ଥିତିରେ ଏହା ସହ୍ୟ କରାଯିବ ନାହିଁ। ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଓ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଇନ ଅନୁଯାୟୀ ତତ୍କାଳ, କଠୋର ଓ ଉଦାହରଣମୂଳକ କାନୁନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦୃଢ଼ ଦାବି କରୁଛି। ଏହାସହିତ, ସମସ୍ତ ପ୍ରଶାସନିକ ଅଧିକାରୀମାନେ ଯେପରି ଭୟମୁକ୍ତ ଓ ସ୍ୱାଧୀନ ଭାବେ ନିଜ କର୍ତ୍ତବ୍ୟ ପାଳନ କରିପାରିବେ, ସେଥିପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନଙ୍କୁ ଅନୁରୋଧ କରୁଛି। ଜିଲ୍ଲା ପ୍ରଶାସନ ନ୍ୟାୟର ସ୍ୱାର୍ଥରେ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସରକାରୀ ସେବାର ମର୍ଯ୍ୟାଦା ଅତୁଟ ରଖିବେ ଏବଂ ସମସ୍ତ ଦୋଷୀଙ୍କୁ ତତ୍କାଳ ଗିରଫ କରିବେ। ଏହା ନ ହେଲେ ସଂଘ ୨୭ ତାରିଖରୁ 'ପେନ୍ ଡାଉନ୍' ଆନ୍ଦୋଳନରେ ଯିବ ଏବଂ ଦାବି ପୂରଣ ହେବା ପର୍ଯ୍ୟନ୍ତ ସଂଘର ସଦସ୍ୟମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିବେ। ଜିଲ୍ଲାପାଳ ଅଧିକାରୀଙ୍କୁ ଆଶ୍ୱସନା ଦେଇ ଆକ୍ରମଣ ଘଟଣାର

**ସମସ୍ତ ଅଭିଯୁକ୍ତ ଗିରଫ ନହେବା ଯାଏ କଳା ବ୍ୟାଜ୍ ପରିଧାନ**

କିଛି ଅପରାଧୀ ଗିରଫ ହୋଇଛନ୍ତି ଏବଂ ସମସ୍ତଙ୍କୁ ତତ୍କାଳ ଗିରଫ କରିବା ପାଇଁ ପୁଲିସ୍ ପ୍ରଶାସନକୁ ଅନୁରୋଧ କରାଯାଇଛି। ଅଧିକାରୀ ମାନେ ଜନସାଧାରଣଙ୍କ ପ୍ରତି ସମ୍ବେଦନଶୀଳ ହୋଇ ନିଜନିଜ କର୍ତ୍ତବ୍ୟ ନିର୍ବାହ କରନ୍ତୁ। ସମସ୍ୟାର ଶୀଘ୍ର ସମାଧାନ ନିଶ୍ଚିତ ହେବ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଛନ୍ତି।

# ଶୀଘ୍ର ଜମିପଟ୍ଟା ଯୋଗାଣ ପାଇଁ ଦାବି



**ଜୟପାଟଣା, ୨୦।୧ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ତହସିଲ ଧନସୁଲିପଞ୍ଚାୟତ ସାସୁଗୁଡା ଗାଁର ଦୁଇଟି ହାମଲେଟପଡ଼ା ବଙ୍ଗଟିସାଦ ୧୮ ଟି, ଭାଟିପାସରେ ୩୭ ଟି ସହ ସାସୁଗୁଡା ୨୧, ସୁନାମାଲରେ ୭ଚଞ୍ଚରାମାଲ ଆଦିରେ କିଛି ପରିବାରକୁ ନେଇ ୧୦୧ ଆଦିବାସୀ ପରିବାର ଦୀର୍ଘ ବର୍ଷରୁ ବସବାସ କରୁଥିବା ବେଳେ ସରକାରୀ ସର୍ଭେ ହୋଇନଥିଲା। ବାରମ୍ବାର ସେମାନେ ଜମି ପଟ୍ଟା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପାଇଁ ଦାବି କରି ଆସୁଥିଲେ।ଆଦିବାସୀଙ୍କ ବର୍ଷବର୍ଷର ଦାବି କ୍ରମେ ଜୟପାଟଣା ତହସିଲଦାର ନିର୍ଦ୍ଦେଶରେ ଏକ ଏନଜିଓ, ଆରଆଇ ଓ ଜଙ୍ଗଲ ବିଭାଗକୁ ନେଇ ମିଳିତ ସର୍ଭେ କରି ବସବାସ କରୁଥିବା ଆଦିବାସୀଙ୍କୁ ଜଙ୍ଗଲ ଜମି ଯୋଗାଇ ଦେବା ସହ ବାଙ୍ଗଟିସାଡକୁ ନୂତନ ଗାଁ ମାନ୍ୟତା ଦେବା ସହ ଭାଟିପାସକୁ ସାସୁଗୁଡା ଗାଁରେ ମିଶ୍ରଣ ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ଯଥାଶୀଘ୍ର ସର୍ଭେ ସାରି ଆଦିବାସୀଙ୍କୁ ଜମିପଟ୍ଟା ଦେବା ସହ ଅଞ୍ଚଳରେ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି ହୋଇଛି। ଅନ୍ୟପଟେ କାମ ପାଇଁ ଅର୍ଥ ଆଦାୟ ହୋଇଥିବା ଅଭିଯୋଗ ହୋଇଥିଲା ଯାହାକୁ ଖଣ୍ଡନ କରିଛନ୍ତି ଗାଁ ଲୋକେ ଓ ସ୍ଥାନୀୟ ସରପଞ୍ଚ। ସର୍ଭେ ସମୟରେ ନିଜ ନିଜ ଭିତରେ ଖାଦ୍ୟପେୟ ବ୍ୟବସ୍ଥା ପାଇଁ କିଛି ଅର୍ଥ ସ୍ୱଇଚ୍ଛା ଲୋକେ ଦେଇଥିଲେ କିନ୍ତୁ କାହାକୁ ଦେବାପାଇଁ କିଛି ଟଙ୍କା ଆଦାୟ ହୋଇନାହିଁ ବୋଲି ଗାଁର ଭଦ୍ରବ୍ୟକ୍ତିମାନେ ମତ ଦେଇଛନ୍ତି। କିନ୍ତୁ ଏପରି କାର୍ଯ୍ୟରେ କିଛି ଅସାଧୁ ବ୍ୟକ୍ତି ଅର୍ଥ ଆଦାୟ ପାଇଁ ମଧ ଯୋଜନା କରିପାରନ୍ତି ତେବେ ଏ ଦିଗରେ ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ

**ବୌଦ୍ଧ, ୨୦।୧ (ସମିସ):** ବୌଦ୍ଧ ଥାନା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ କଉଡ଼ିଆତୋଳା ଗ୍ରାମ ନିକଟରେ ପୂର୍ବ ଶତ୍ରୁତାକୁ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଫଳରେ ତାଙ୍କର ମୃତ୍ୟୁ ଘଟିଛି। କଉଡ଼ିଆତୋଳା ଗ୍ରାମର ସୁଶୀଳ ପ୍ରଧାନ(୪୨) ନାରାୟଣ ନଗର ସାପ୍ତାହିକ ବଜାରରୁ ସଉଦା କରି ଘରକୁ ବାଇକ ଯୋଗେ ଫେରୁଥିଲେ। ପୂର୍ବ ଯୋଜନା ଅନୁଯାଇ କଉଡ଼ିଆତୋଳା ଗ୍ରାମ ନିକଟରେ ଜଗି ରହିଥିଲେ। ସୁଶୀଲ ଆସୁଥିବା ଦେଖି ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ଖବର ପାଇ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ବୌଦ୍ଧ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବୌଦ୍ଧ ସହର ଆଖପାଖରେ ଆଜି ବିଦ୍ୟୁତ୍ ବନ୍ଦ

**ବୌଦ୍ଧ, ୨୦।୧ (ସମିସ):** ବୌଦ୍ଧ ସହର ଆଖପାଖ ଅଞ୍ଚଳରେ ବୁଧବାର ୩୩ କେଭି ଜହ୍ନାପଙ୍କ ଫିଡରର ସୁଦୃଢ଼ କରଣ ପାଇଁ ବିଦ୍ୟୁତ ସରବରାହ ବନ୍ଦ ରହିବ। ସରସରା, ରଘୁନାଥପୁର, ବାମଣ୍ଡା, ଦେବଗଡ଼, ସୋମନାଥପୁର, ଜେଲ, ରତନପୁର, ଜଟାସିଂହା, ବାଘବର, ଗାନ୍ଧୀ ଗ୍ରାମ ଅଞ୍ଚଳରେ ଅପରାହ୍ନ ସାଢେ ଗୋଟାଏରୁ ସାଢେ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଅନ୍ୟପକ୍ଷେ ମୁରଶୁଣ୍ଡି, ଗମ୍ଭାରିପଦର, ବଲାସିଂହା, ସରଣ୍ଡା, ଭାଲିଆପଦର, ଲୁଣ୍ଡା ବେରୁଣୀ, ଗିରାସିଂହା ଅଞ୍ଚଳରେ ସକାଳ ସାଢେ ୯ରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ।

## ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର



**ବୌଦ୍ଧ, ୨୦।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଧଳପୁର ଅଞ୍ଚଳରେ ଭାଲୁର ଆତଙ୍କ ଦେଖା ଦେଇଛି। ବାଡ଼ି ପଛପଟେ କାମ କରୁଥିବା ସମୟରେ ଜଣେ ବୃଦ୍ଧାଙ୍କୁ ଏକ ଭାଲୁ ଆକ୍ରମଣ କରିଛି। ଗୁରୁତର ବୃଦ୍ଧା ଜଣକ ହେଲେ ବୁଢୀକଣ ଗ୍ରାମର ସୁଭଦ୍ରା ସାହୁ। ସକାଳୁ ସୁଭଦ୍ରା ନିଜ ପରିବା ବାଡ଼ିରେ କାମ କରୁଥିବା ସମୟରେ ହଠାତ୍ ଏକ ଭାଲୁ ତାଙ୍କ ଉପରକୁ ଝାମ୍ପି ପଡ଼ିଥିଲା। ପରିବାର ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଆଠମଲ୍ଲିକ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ଜିଲ୍ଲାପାଳଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

**ଶଗଡ଼ା, ୨୦।୧(ସମିସ):** ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ କଣ୍ଟାମାଳ ବ୍ଲକର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ସେ ଜୁନାନୀ, ଖଟଖଟିଆ ଓ ଦପଲା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିଭଳି ଜାଲପାଲୀ ବନ ସୁରକ୍ଷା ସମିତି ଗୃହ ଏବଂ ଖଣ୍ଡିକନପା ପର୍ଯ୍ୟଟନ ସ୍ଥଳ ପରିଦର୍ଶନ କରିଥିଲେ।

## ଜଙ୍ଗଲରୁ ଗଞ୍ଜେଇ ଚାଷ ପୋଡ଼ିଲା ପୁଲିସ

**ବୌଦ୍ଧ, ୨୦।୧ (ସମିସ):** କଣ୍ଟାମାଲ ଥାନା ପୁଟୁପୁଟିଗଡ଼ ସଂରକ୍ଷିତ ଜଙ୍ଗଲ ନିକଟ ବାଲି ଛାପର ଗ୍ରାମ ନିକଟରେ ବେଆଇନ ଭାବରେ ଚାଷ ହୋଇଥିବା ୩୧ ଏକର ଜଙ୍ଗଲ ଜମିରେ ୩୧ ହଜାର ଗଂଜେଇ ଗଛ କାଟି ପୋଡି ନଷ୍ଟ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କଣ୍ଟାମାଲ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ଚଢ଼ଉ କରିଥିଲା। ସମସ୍ତ ଗଞ୍ଜେଇ ଗଛକୁ କାଟି ନଷ୍ଟ କରାଯାଇଛି। ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଚାଲିଥିବା କଣ୍ଟାମାଳ ଥାନା ଅଧିକାରୀ ବାସୁଦେବ ଭୋଇ ସୂଚନା ଦେଇଛନ୍ତି। ସେହିଭଳି ବାଉଁଶୁଣୀ ଥାନା ବିଜାପଦର୍ ଜଙ୍ଗଲରୁ ୨୩ ହଜାର ଗଞ୍ଜେଇ ଚାଷ ନଷ୍ଟ କରା ଯାଇଛି।

## ସୋନପୁର ଜିଲ୍ଲାପାଳଙ୍କ ନାଁରେ ଫେକ୍ ଆଇଡି

**ଟିଟିଲାଗଡ଼, ୨୦।୧ (ସମିସ):** ସୋନପୁର ଜିଲ୍ଲାପାଳ ଡ.ନୃପରାଜ ସାହୁଙ୍କ ନାମରେ ଫେସବୁକରେ କେହି ଫେକ୍ ଆକାଉଣ୍ଟ ଖୋଲିଛି। ସେ ଲୋକଙ୍କୁ ବିଭିନ୍ନ ଆଳରେ ଟଙ୍କା ମାଗୁଛି। ଟିଟିଲାଗଡ଼ ସହରରେ ଜିଲ୍ଲାପାଳ ଶ୍ରୀ ସାହୁ ପୂର୍ବରୁ କାମ କରିଛନ୍ତି। ଏଥିଯୋଗୁଁ ସହରର ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ତାଙ୍କ ସମ୍ପର୍କ ରହିଛି। ଏହାର ସୁଯୋଗ ନେଇ ସନ୍ତୋଷ କୁମାର ନାମକ ଜଣେ ବ୍ୟକ୍ତି ସିଆରପିଏଫ ଅଫିସର ପରିଚୟ ଦେଇ ଏହି କାରନାମା ଚଳାଇଛି। ଟିଟିଲାଗଡ଼ ସହରର ବିଭିନ୍ନ ବ୍ୟକ୍ତିଙ୍କୁ ସେ ଟଙ୍କା ପଠେଇବାକୁ କହୁଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ରମେଶ ଅଗ୍ରୱାଲଙ୍କୁ କଲ୍ ଓ ମେସେଜ କରି ଟଙ୍କା ଠକେଇ ପାଇଁ ଉଦ୍ୟମ କରିଥିଲା।

## ବାଲ୍ୟ ବିବାହ ଦୂର ପାଇଁ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ, ୨୦।୧ (ସମିସ):** ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ଗୌଡ଼ଦେଇ ଉଚ୍ଚ ବିଦ୍ୟାଳୟରେ ବାଲ୍ୟବିବାହ ଦୂର ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ ପରିଚାଳନା କରିଥିଲେ। ଡେପୁଟି ପୁଲିସ୍ ଅଧୀକ୍ଷକ କରନ ମାଝି, ପ୍ରଧାନ ଶିକ୍ଷକ ଗୋପାଳ ଅମାତ ଏବଂ ବରିଷ୍ଠ ଶିକ୍ଷକ ସର୍ବେଶ୍ୱର ସ୍ୱାଇଁ ଉପସ୍ଥିତ ଥିଲେ। କିଭଳି ବାଲ୍ୟ ବିବାହ ରୋକାଯାଇପାରିବ ସେଥିପାଇଁ ଗ୍ରାମରେ ଲୋକଙ୍କୁ ସଚେତନତା କରିବା, ଯଦି କେହି ବାଲ୍ୟ ବିବାହ କରୁଥାଏ ବା କରାଇବା ପାଇଁ ପ୍ରବର୍ତ୍ତାଉ ଥାଏ ସେଥିପାଇଁ କ'ଣ ଦଣ୍ଡ ବିଧାନ ଅଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

### ବିଜ୍ଞାନ ଶିକ୍ଷକଙ୍କ ବଦଳି ବାତିଲ ଦାବି

# କୁରୁକୁପା ସ୍କୁଲରେ ପଡ଼ିଲା ତାଲା

ବୌଦ୍ଧ, ୨୦।୧ (ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ଅନ୍ତର୍ଗତ କୁରୁକୁପା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ବିଦ୍ୟାଳୟକୁ ବଦଳି ହୋଇଛନ୍ତି। ଏଥିଯୋଗୁଁ ମଙ୍ଗଳବାର ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲରେ ଅଭିଭାବକ, ସ୍କୁଲ କମିଟି ଓ ଗ୍ରାମବାସୀ ତାଲା ମାରିଛନ୍ତି। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ବିଦ୍ୟାଳୟ ବାହାରେ ରହିଥିଲେ। ଛାତ୍ରଛାତ୍ରୀ ଓ ଅଭିଭାବକ ରାସ୍ତା ଉପରେ ଅନଶନରେ ବସିଥିଲେ। ସେହିପରି ବିଦ୍ୟାଳୟ ପରିସରରେ ୨ଟି ଅଙ୍ଗନବାଡି କେନ୍ଦ୍ର ରହିଥିବାରୁ ତାହା ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ଶିକ୍ଷା ବିଭାଗର କୌଣସି କର୍ମଚାରୀ ସମାଧାନ ପାଇଁ ପହଞ୍ଚି ନ ଥିଲେ। ବିଦ୍ୟାଳୟ ପରିଚାଳନା ସଭାପତି ପ୍ରିୟବର୍ଦ୍ଧନ ଭୋଇଙ୍କ କହିବା ଅନୁସାରେ ଶିକ୍ଷା ବିଭାଗର ବୈମାତୃକ ମନୋଭାବ ଯୋଗୁଁ ସ୍କୁଲକୁ ବାରମ୍ବାର ହଇରାଣ କରୁଛନ୍ତି। ଆଗକୁ ପରୀକ୍ଷା ଅଛି। ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବମୋଟ ୧୩୭ ଜଣ ଛାତ୍ରଛାତ୍ରୀ ରହଛନ୍ତି; ମାତ୍ର ୬ ଜଣ ଶିକ୍ଷକ ରହିଛନ୍ତି। ସେମଧ୍ୟରୁ ବର୍ତ୍ତମାନ ବିଜ୍ଞାନ ଶିକ୍ଷକ ମାନସ ମଲିକଙ୍କୁ ଦେଢ଼େଣମାଲ ବିଦ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ବଦଳି ବାତିଲ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ପକାଯିବ ଯିବ ବୋଲି କହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ତେଲିବନ୍ଧ ନିକଟରେ ଦୁର୍ଘଟଣା: ୨ ମୃତ

**ଜହ୍ନାପଙ୍କ, ୨୦।୧(ସମିସ):** ବୌଦ୍ଧ ଜିଲ୍ଲା ୫୭ ନମ୍ବର ଜାତୀୟ ରାଜପଥରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ତେଲିବନ୍ଧ ଛକ ନିକଟରେ ଆଜି ଭୋର ୫ଟା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ମନମୁଣ୍ଡା ଥାନା ଦେଉଳି ଗ୍ରାମର ଆଶୁତୋଷ ସାହା (୨୦) ଓ ଗୁଡ଼ଭେଲିପଦର ଗ୍ରାମର ନିତିନ ଦ୍ୱାରୀ (୨୦)। ଭୁବନେଶ୍ୱରରୁ ବଲାଙ୍ଗିର ଅଭିମୁଖେ ଯାଉଥିବା ଏକ କାର(ଓଡି ୦୨ ଏକ୍ସ ୩୯୨୧)କୁ ପଛପଟୁ କୌଣସି ଏକ ଅଜଣା ଗାଡ଼ି ଜୋରରେ ଧକ୍କା ଦେବା ସହ କିଛି ବାଟ ଘୋଷାରି ନେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ, କାରରେ ଥିବା ଦୁଇ ଜଣଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ଅଜଣା ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। କାରର ବାମପଟ ଚୁରମାର ହୋଇ ଯାଇଛି। ଖବର ପାଇ ବୌଦ୍ଧ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଦ୍ୱୟକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲରେ ରଖିଛି। ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି କାରକୁ ଜବତ କରିବା ସହ ତଦନ୍ତ କରୁଛନ୍ତି। ଉଭୟଙ୍କୁ ବୌଦ୍ଧଠାରେ ବ୍ୟବଚ୍ଛେଦ କଲା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏଥିରେ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ୧ କୁଇଣ୍ଟାଲ ୯ କେଜି ଗଞ୍ଜେଇ ଜବତ



**ବୌଦ୍ଧ, ୨୦।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଞ୍ଚଳ ଲମ୍ବସରୀ ପଞ୍ଚାୟତ ଚନ୍ଦନିଆମୁଣ୍ଡା ଜଙ୍ଗଲରୁ ପୁଲିସ ୧ କୁଇଣ୍ଟାଲ ୯ କେଜି ଗଞ୍ଜେଇ ଜବତ କରିଛି। ମାଫିଆମାନେ କିନ୍ତୁ ଦୌଡ଼ି ଫେରାର ମାରିଛନ୍ତି। ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ପୁଲିସ ଖବର ପାଇଥିଲା। କଣ୍ଟାମାଳ ଥାନା ଅଧିକାରୀ ବାସୁଦେବ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲ।

## ଗଣ୍ଡା ସମାଜର ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା

**ପଲଶାଗୋରା, ୨୦।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଡ. ଆମ୍ବେଦକର ସୋସିଆଲ ଟ୍ରଷ୍ଟ ଦ୍ୱାରା ଗଣ୍ଡା ସମାଜର ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଟ୍ରଷ୍ଟର ସଭାପତି ସୁନୀଲ ହରିପାଲଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଇଞ୍ଜିନିୟର ପ୍ରହଲ୍ଲାଦ ବାଘ, ସମ୍ମାନିତ ଅତିଥି ଭାବେ ରାମ ତାଣ୍ଡି, ଧନମନ୍ତ ବିଭାର, ଦେବଦତ୍ତ ବିଭାର ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଲୁଭଧର ସୁନା ଟ୍ରଷ୍ଟର ବିବରଣୀ ପଠନ କରିଥିଲେ। ସହ ସମ୍ପାଦକ ପ୍ରଶାନ୍ତ ବିଭାର ସଭା ପରିଚାଳନା କରିଥିବାବେଳେ କୋଷାଧକ୍ଷ ଚମରୁ ବାଘ ଧନ୍ୟବାଦ ଅର୍ପଣ କରିଥିଲେ।



## ଏନ୍‌ଏସ୍‌ଏସ୍ ଶୀତକାଳୀନ ଶିବିର ଉଦ୍‌ଘାଟିତ

**ମନମୁଣ୍ଡା, ୨୦।୧(ସମିସ):** ବୌଦ୍ଧ ବ୍ଲକ ଶଗଡ଼ା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ପୁରୁଷ ବିଭାଗ) ପକ୍ଷରୁ ପୌଷ୍ୟଗ୍ରାମ ଡମପଡ଼ାରେ ୭ ଦିନିଆ ସ୍ୱତନ୍ତ୍ର ଶୀତକାଳୀନ ଶିବିର ଉଦଘାଟିତ ହୋଇଯାଇଛି। ଅଧକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟ, ବିଭୁତି ଭୂଷଣ ବାରିକ ଅତିଥି ଭାବେ ଯୋଗ ଦେଇଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଶେଷଦେବ ପର୍ଡ଼ିଆଙ୍କ ପରିଚାଳନା କ୍ରମେ ସଭା ଅନୁଷ୍ଠିତ ହୋଇଥିଲା।

## ବିଜେପିରେ ଯୋଗଦାନ ପ୍ରସଙ୍ଗକୁ ବିଜେଡ଼ି ନେତାଙ୍କ ଖଣ୍ଡନ

**ବୌଦ୍ଧ, ୨୦।୧(ସମିସ):** ବୌଦ୍ଧ ବିଜେଡ଼ି ଜିଲ୍ଲା ଉପସଭାପତି ପ୍ରଦୀପ୍ତ ସାହୁ ବିଜେପିରେ ମିଶିଥିବା ଖବରକୁ ଖଣ୍ଡନ କରିଛନ୍ତି। କିଛି କୁଚକ୍ରୀ ଏଆଇ କେମେରା ବ୍ୟବହାର କରି ଏଭଳି ବିଭ୍ରାନ୍ତିକର ଖବର କରିଛନ୍ତି। ଏହାକୁ ସେ ଦୃଢ଼ ନିନ୍ଦା କରିଛନ୍ତି। ଯେଉଁମାନେ ଏହି କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି ଆବଶ୍ୟକ ପଡ଼ିଲେ ତାଙ୍କ ବିରୋଧରେ ସେ ଆଇନର ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି।

## ତଳଗାଁ ନୋଡାଲ ହାଇ ସ୍କୁଲର ବାର୍ଷିକ ଉତ୍ସବ

**ହରଭଙ୍ଗା, ୨୦।୧ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ତଳଗାଁ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲାଲ୍ ବାହାଦୁର ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ମାଝୀ, ସରପଞ୍ଚ ପ୍ରତିମା କହଁର, ନିରଞ୍ଜନ ସାହୁ, ବରିଷ୍ଠ ସାମ୍ବାଦିକ କୁନା ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସଞ୍ଜୟ କହଁର ସଭାପତିତ୍ୱ କରିଥିଲେ।

## ବିଶ୍ୱନାଥପୁରରେ ମା' ଠାକୁରାଣୀଙ୍କ ବାର୍ଷିକ ମହୋତ୍ସବ

**ବୌଦ୍ଧ, ୨୦।୧ (ସମିସ):** ବିଶ୍ୱନାଥପୁର (ପନଖିମାଳ) ଗ୍ରାମରେ ମା ଠାକୁରାଣୀଙ୍କ ବାର୍ଷିକ ମହୋତ୍ସବ, କୃଷ୍ଣଗୁରୁ କଳାକାର ସମାବେଶ ଏବଂ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛ। ପ୍ରଦୀପ ସିଂଙ୍କ ସଭାପତିତ୍ୱ, ମାଆଙ୍କ ପୂଜକ ଗୁରୁଶ୍ରୀ ଅର୍ଜୁନ ନାୟକଙ୍କ ଆବାହକତ୍ୱ ଏବଂ ଗ୍ରାମବାସୀଙ୍କ ସହଯୋଗରେ କଳସ ଶୋଭାଯାତ୍ରା ହୋଇଥିଲା। ସ୍ଥାନୀୟ ଜଳାଶୟରୁ ଜଳ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନା କରାଯାଇଥିଲା। ଏହି ଅବସରରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଇଂ ବିକାଶ ମହାକୁଳ, ରମେଶ ପ୍ରସାଦ ମେହେର, ବାମଦେବ ମହାନ୍ତି, ଅଶୋକ ମନହିରା, ମଞ୍ଜରୀ ରଣା, ଅରୁଣ ମେଣ୍ଡୁଲି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ବୀରମହାରାଜପୁର, ୨୦।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ପ୍ରଫୁଲ୍ଲ କୁମାର ରଥ, ମୁଖ୍ୟବକ୍ତା ଭାବେ ବୀରମହାରାଜପୁର ମହାବିଦ୍ୟାଳୟର ଇଂରାଜୀ ଅଧାପକ ବିଜୟ କୁମାର ପୁରୋହିତ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ସିନେ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପିକା ସନ୍ତୋଷିନୀ ନାୟକ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରମାନଙ୍କୁ ଜୀବନରେ ଭଲ ମଣିଷଟିଏ ହେବା ପାଇଁ ପରାମର୍ଶ ଦେଇଥିଲେ। ସିନେ ଅଭିନେତା ଶ୍ରୀ ସାହୁଙ୍କ ଛାତ୍ର ମାନଙ୍କ ସହିତ ସମ୍ବଲପୁରୀ ଗୀତର ତାଳେ ତାଳେ କରିଥିବା ନୃତ୍ୟ ସମସ୍ତଙ୍କୁ ଅଭିଭୂତ କରିଥିଲା। ଶିକ୍ଷକ ବୈକୁଣ୍ଠ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମାନସ ରଞ୍ଜନ ଭୋଇ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଆନୁଷ୍ଠିତ ବିଭିନ୍ନ ପ୍ରତଯୋଗିତାର କୃତି ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଚଳିତ ବର୍ଷର ଶ୍ରେଷ୍ଠ କ୍ଲବ୍ ଭାବେ ଜିଜ୍ଞାସା କ୍ଲବ ଓ ଶ୍ରେଷ୍ଠ ହାଉସ ଭାବେ ବ୍ରାହ୍ମଣୀ ହାଉସକୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମଧୁମିତା ପଧାନ ଓ ଶିକ୍ଷକ ପ୍ରଦ୍ୟୁମ୍ନ ହୋତା ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ସଦାନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ ପ୍ରମୁଖ ଜ୍ୟୋତିର୍ମୟୀ ବେହେରାଙ୍କ ସଂଯୋଜନାରେ ଛାତ୍ରମାନଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରି ରଖିଥିଲା। ଏହି ଅବସରରେ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁର ସଭାପତି ଭୂଷଣ କୁମାର ପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଧର୍ମ କୁମାର ଶତପଥୀ, ଯୋଗ ପ୍ରଶିକ୍ଷକ ଡ. ଦ୍ୱିତୀକୃଷ୍ଣ ପଣ୍ଡା, ଗୁରୁ ହୃଷୀକେଶ ଦାଶ, ଗିରିଧାରୀ ହୋତା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଦେବଦତ୍ତ ଜଗଦଲା, ଦୀନବନ୍ଧୁ ଛିଚୁଆଁ, ପଞ୍ଚାନନ ମେହେର, ସତ୍ୟନାରାୟଣ ସାହୁ ଏବଂ କର୍ମଚାରୀ ମନୋହର ଜଗଦଲା, ସୁରେନ୍ଦ୍ର ମହାରଣା ପ୍ରମୁଖ ସହଯୋଗ କରିଥିଲେ।



## ନାରାୟଣନଗର ଯୁଗ୍ମ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ



**ଜହ୍ନାପଙ୍କ, ୨୦।୧(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରରେ ଶ୍ରୀଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ରଙ୍କ ଯୁଗ୍ମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି। ଏନେଇ ସକାଳ ୯ ଟାରୁ ଜଗତି ମହାନଦୀ ଘାଟରୁ କଳସ ଶୋଭଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରା ୫୦୮ କଳସ ଶୋଭାଯାତ୍ରାରେ ମହିଳା ଓ ପୁରୁଷ ନାମ ସଂକୀର୍ତ୍ତନରେ ବାହାରିଥିଲେ। ମହାନଦୀ ଘାଟରୁ ବାହାରି ଜଗତି, ମାହାରସାହି, ଚାରିଶମ୍ଭୁ, ବାବୁସାହି ଦେଇ ଯଜ୍ଞ ମଣ୍ଡପରେ ପହଞ୍ଚି ଥିଲେ। ପୂଜକ ଭାବେ ଅଜିତ ପାଣିଗ୍ରାହୀ, ଜିପୁନ ହୋତା, କୃଷ୍ଣଚନ୍ଦ୍ର ଶତପଥୀ, ଜିତ ଦାସ, ସନ୍ତୋଷ ହୋତା, ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ, ପ୍ରଭଞ୍ଜନ ରଥ ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। ପ୍ରମୋଦ ମେହେର, ଟିକ ମେହେର, କୁବେର ମେହେର, ପୁରନ୍ଦର ମେହେର ସପତ୍ନୀକ କର୍ତ୍ତା ଭାବେ ଭାବେ ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ପ୍ରବଚକଙ୍କ ଗିରିଧାରୀ ମିଶ୍ରଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରାତିରେ ଜଳନ୍ଧର ଦରବାର ଆରମ୍ଭ ହୋଇଥିଲା। ମନ୍ଦିର କମିଟିର ଉପ ସଭାପତି ଉପେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦରବାରରେ ମୁଖ୍ୟ ଅତିଥି ଭାବେ ମନ୍ଦିର ଉପଦେଷ୍ଟା ଭୋଳାଗିରି ସାହୁ, ସମ୍ମାନିତ ଅତିଥି ଭାବେ ଜହ୍ନାପଙ୍କ ପାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ, ଲକ୍ଷ୍ମୀପ୍ରସାଦ ସମିତି ସଭ୍ୟ ପିଣ୍ଟୁ ମିର୍ଦ୍ଧା ଯୋଗ ଦେଇଥିଲେ। ଅନୁଷ୍ଠାନ ସଭ୍ୟ ନବକିଶୋର ମେହେର ସ୍ୱାଗତ କରିଥିବା ବେଳେ ଜିତେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ। ଲକ୍ଷ୍ମୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂକୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



# ଜଙ୍ଗଲ ସଫା କରିଦେଲେଣି ମାଫିଆ

**ସଇଁତଲା, ୨୦।୧(ସମିସ):** ଚାରାରୋପଣ ନାଁରେ କୋଟି କୋଟି ଟଙ୍କା ସରକାରୀ ଧନ ଖର୍ଚ୍ଚ ହେଉଛି; ହେଲେ ବାସ୍ତବତା ଅତ୍ୟନ୍ତ ଚିନ୍ତାଜନକ। ଏକପଟେ ସରକାର ପରିବେଶ ସୁରକ୍ଷା, ହରିତ ଭାରତ ଯୋଜନା, ବନମହୋତ୍ସବ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଗଛ ଲଗାଇବାକୁ ଲୋକଙ୍କୁ ସଚେତନ କରୁଛନ୍ତି। ଅନ୍ୟପଟେ ବନ ବିଭାଗ ଓ କାଠ ମାଫିଆଙ୍କ ମଧ୍ୟରେ ଥିବା ଶଳା-ସୁତୁରା ଯୋଗୁଁ ମୂଲ୍ୟବାନ ଜଙ୍ଗଲ ସମ୍ପଦ ନିରବରେ ମାଫିଆ ଲୁଟି ଚାଲିଛନ୍ତି। ବଲାଙ୍ଗିର ଜିଲ୍ଲାର ସଇଁତଲା ବ୍ଲକ ଅନ୍ତର୍ଗତ ତାଳବାହାଲ ପଞ୍ଚାୟତର ସୁଲିଆମାଲ ଜଙ୍ଗଲ ଏହାର ସ୍ପଷ୍ଟ ଉଦାହରଣ। ଏହି ଜଙ୍ଗଲରେ ଶାଳ, ସାଗୁଆନ, ବିଜାସାଳ, ଆସନ, କରଞ୍ଜ ଭଳି ହଜାର ହଜାର ମୂଲ୍ୟବାନ ଗଛ ବର୍ତ୍ତମାନ କାଠ ମାଫିଆଙ୍କ ଟାର୍ଗେଟରେ ପଡ଼ିଛି। ଦିନରାତି ଗଛ କାଟି ଟ୍ରାକ୍ଟର ଓ ଟ୍ରକ୍‌ରେ ଚାଲାଣ ହେଉଛି; କିନ୍ତୁ ପ୍ରଶାସନ ଓ ବନ ବିଭାଗ ନିଦାବିଷ୍ଟ ସାଜିଛି। ସ୍ଥାନୀୟ ଗ୍ରାମବାସୀଙ୍କ କହିବାନୁସାରେ ଏହି ଅଞ୍ଚଳରେ କାଠ ମାଫିଆଙ୍କ ଦୌରାମ୍ୟ ନୂଆ ନୁହେଁ। ବର୍ଷ ବର୍ଷ ଧରି ଏଠାରୁ ଅବୈଧ କାଠ ଚୋରାଚାଲାଣ ହେଉଛି। ଅନେକ ସମୟରେ ଗ୍ରାମବାସୀ ଏନେଇ ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ଫଳସ୍ୱରୂପ ମାଫିଆଙ୍କ ସାହସ ଦିନକୁ ଦିନ ବଢ଼ିଚାଲିଛି। ସବୁଠାରୁ ଚିନ୍ତାର ବିଷୟ ହେଉଛି ଯେଉଁ ବନ ବିଭାଗକୁ ଜଙ୍ଗଲ ସୁରକ୍ଷାର ଦାୟିତ୍ୱ ଦିଆଯାଇଛି ସେଇ ବିଭାଗର କିଛି ଅଧିକାରୀ ଓ କର୍ମଚାରୀ କାଠ ମାଫିଆଙ୍କ ସହ ସମ୍ପର୍କରେ ଅଛି ଭାଗ ବଣ୍ଟରା କରୁଛନ୍ତି। ଯଦି ବନ ବିଭାଗ ସଚେତନ ଥାଆନ୍ତା ତେବେ ହଜାର ହଜାର ଗଛ କାଟାଯିବା କିପରି ସମ୍ଭବ ହେଉଥାଆନ୍ତା ବୋଲି ସାଧାରଣରେ ପ୍ରଶ୍ନ ଉଙ୍କି ମାରୁଛି। ଜଙ୍ଗଲ କେବଳ କାଠର ଉତ୍ସ ନୁହେଁ। ଏହା ପରିବେଶର ସନ୍ତୁଳନ, ବର୍ଷା, ଜଳସ୍ତର ଓ ଜୀବବୈଚିତ୍ର୍ୟ ସହ ଗଭୀର ଭାବେ ଜଡିତ। ସୁଲିଆମାଲ ଜଙ୍ଗଲ ଧ୍ୱଂସ ହେଲେ ଆଖପାଖ ଗ୍ରାମଗୁଡ଼ିକରେ ଖରା, ଜଳସଙ୍କଟ ଓ ଜୀବିକା ସମସ୍ୟା ଗମ୍ଭୀର ଆକାର ନେବ। ଆଦିବାସୀ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଜୀବନଜୀବିକା ମଧ୍ୟ ପ୍ରଭାବିତ ହେବ। ତେବେ ଏ ନେଇ ସଇଁତଲା ରେଞ୍ଜର ସାଗର ରାଜ ନାଏକଙ୍କୁ ପଚାରିବାରୁ ଆଗରୁ ବହୁତ ଗଛ କଟୁଥିଲା। ଏବେ ଗଛ ମାଫିଆମାନେ କମ୍ ଗଛ କାଟୁଥିବା କହିଛନ୍ତି।



### ତୃତୀୟ ଦିନରେ ନବମ ବୀରନରସିଂହପୁର ଗଡ଼ଜାତ ଲୋକ ମହୋତ୍ସବ

# ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ

ହରଭଙ୍ଗା, ୨୦।୧ (ସମିସ)

ନବମ ବୀରନରସିଂହପୁର ଗଡ଼ଜାତ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ମଞ୍ଚ ଦୁଲୁକାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଦାଣ୍ଡସେନା ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁରୀ ଲୋକନୃତ୍ୟ ସହ ବିଭିନ୍ନ ବିଦ୍ୟାଳୟର କୁନି କଳାକାର ଏବଂ ସ୍ଥାନୀୟ ଲୋକ ନୃତ୍ୟରେ ମଞ୍ଚ ଦୁଲୁକିଥିଲା। ବିଶିଷ୍ଟ କଳାକାର ନୀଳିମା ମହାନ୍ତି ଏବଂ କର୍ଣ୍ଣ ମହାନନ୍ଦ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଗାଇଗୋଉରିଆ ସଭାପତିତ୍ୱ କରିଥିବାବେଳେ ବିଜୟ ସାହୁ ଅତିଥି ପରିଚୟ ଦେଇଥିଲେ। ଲିଙ୍ଗରାଜ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ।

**ବୃଷ:** ଦିନଟି ଯନ୍ତ୍ରଣାଦାୟକ ରହିବ। କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ପର୍କୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ବନ୍ଧୁ ଆର୍ଥିକ ସହାୟତା ଲୋଡ଼ିବେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଚାକିରିକୁ ନେଇ ଶୁଭ ଖବର ମିଳିବ। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଜୀବନସାଥୀଙ୍କ ସହ ମନୋମାଳିନ୍ୟ ସୃଷ୍ଟି ହେବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ନୂଆ ଯାନବାହନ କିଣିବାର ସ୍ୱପ୍ନ ପୂରଣ ହେବ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। କୋର୍ଟ କଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହେବ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିପାରିବେ ନାହିଁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିବ।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ପାରିବାରିକ ସମସ୍ୟା ଦୂର ହେବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ।

## ଆଜିର ଇତିହାସ

- ୧୯୨୧- ଇଟାଲୀରେ କମ୍ୟୁନିଷ୍ଟ ଦଳ ପ୍ରତିଷ୍ଠା।
- ୧୯୪୩- ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଓଡ଼ିଆ ଲେଖିକା ପ୍ରତିଭା ରାୟଙ୍କ ଜନ୍ମ।
- ୧୯୫୮ - କପିରାଇଟ୍ ଅଧିନିୟମ ଲାଗୁ କରାଗଲା।
- ୧୯୭୨- ମଣିପୁର, ମେଘାଳୟ ଓ ତ୍ରିପୁରା ରାଜ୍ୟର ମାନ୍ୟତା ପାଇଲା।



## ୨୦୨୭ରେ 'ସ୍ପିରିଟ୍'

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କର ଦେଶ ଓ ବିଦେଶରେ ଲକ୍ଷ ଲକ୍ଷ ପ୍ରଶଂସକ ଅଛନ୍ତି। ପ୍ରଭାସଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ବର୍ଷ ବର୍ଷ ଧରି ଅପେକ୍ଷା କରିଥାନ୍ତି। ନିକଟରେ ତାଙ୍କ ଆଗାମୀ ଫିଲ୍ମ 'ସ୍ପିରିଟ୍'ର ପୋଷ୍ଟର୍ ରିଲିଜ୍ କରାଯାଇଛି। ଏଥିରେ ତାଙ୍କ ବିପକ୍ଷରେ ତ୍ରିପ୍ତି ଦିମ୍ରି ନଜର ଆସିବେ। ପୋଷ୍ଟର୍ ଦେଖି ଦର୍ଶକଙ୍କର ଫିଲ୍ମ ପ୍ରତି ଉତ୍ସାହ ବଢ଼ିଯାଇଛି। ସନ୍ଦୀପ ରେଡ୍ଡି ଭାଙ୍ଗା ଏହାର ନିର୍ଦ୍ଦେଶନା ଦେଉଛନ୍ତି। ସେହିଭଳି ଟି- ସିରିଜ୍ ଏହାର ପ୍ରଯୋଜନା ଭାର ସମ୍ଭାଳିଛି। ଟି- ସିରିଜ୍ ପକ୍ଷରୁ ଫିଲ୍ମର ଏକ କଳାଧଳା ପୋଷ୍ଟର ସେୟାର୍ କରି ଲେଖାଯାଇଛି- 'ସ୍ପିରିଟ୍' ମାର୍ଚ୍ଚ ୫, ୨୦୨୭ରେ ରିଲିଜ୍ ହେବ। ଫିଲ୍ମର ଫାଷ୍ଟ ଲୁକ୍ ଏଇ ଜାନୁଆରୀ ୧ରେ ରିଲିଜ୍ କରାଯାଇଥିଲା। ଏହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ପ୍ରଭାସ ଏଥିରେ ଜମ୍ବୁ କେଶ ସହ ପିଠିରେ ଆଘାତ ଲାଗିଥିବାର ଦେଖାଯାଇଥିଲେ। ତ୍ରିପ୍ତି ତାଙ୍କ ସିଗାରେଟ୍‌ରେ ନିଆଁ ଲଗାଉଥିବାର ନଜର ଆସିଥିଲେ। 'ଆନିମଲ'ର ସଫଳତାକୁ ପୁଣି ଥରେ ଦୋହରାଇବା ପାଇଁ ଭୂଷଣ କୁମାର ଓ ସନ୍ଦୀପ ରେଡ୍ଡି ଭାଙ୍ଗା 'ସ୍ପିରିଟ୍' ମାଧ୍ୟମରେ ପୁଣିଥରେ ଏକାଠି ହୋଇଛନ୍ତି।

## ଯୁବକଙ୍କ ନିଆରା ଖାଦ୍ୟାଭ୍ୟାସ

## ନିୟମିତ ଖାଆନ୍ତି ୧୦୦ ପୋକ



ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟ ରୁଚି ପାଇଁ ଚର୍ଚ୍ଚାରେ ଥାନ୍ତି। ସେମିତି ଜଣେ ବ୍ୟକ୍ତି ହେଲେ ଆମେରିକା ଶିକାଗୋର ୨୬ ବର୍ଷୀୟ କାର୍ଲୋସ୍। ସେ ପୋକଜୋକ ଖାଇବାରେ ରୁଚି ରଖନ୍ତି। ତାଙ୍କର ଏହି ଅଜବ ଖାଦ୍ୟାଭ୍ୟାସ ସଭିଙ୍କୁ ଚକିତ କରିଛି। ତେବେ ସେ ଗୋଟିଏ ଦିନରେ ପାଖାପାଖି ୧୦୦ଟି ପୋକ ଖାଇଥାନ୍ତି। ଏହାର ସ୍ୱାଦ ତାଙ୍କୁ ବଟର୍ ପପ୍‌କର୍ଣ୍ଣ ଭଳି ଲାଗିଥାଏ ବୋଲି ସେ କୁହନ୍ତି। ଏଥିସହ ପୋକଜୋକଗୁଡ଼ିକର ଜିଭ ଉପରେ ଚାଲିବାର ଅନୁଭୂତି ତାଙ୍କୁ ବେଶ୍ ଆନନ୍ଦ ଦେଇଥାଏ। ନିକଟରେ ସେ ଟିଏଲ୍‌ସି ଶୋ 'ମାଇଁ ଷ୍ଟ୍ରେଞ୍ଜ୍ ଆଡିକ୍ସନ୍'ରେ ଯୋଗ ଦେଇ ଏବିଷୟରେ ଖୁଲାସା କରିଛନ୍ତି। ସବୁଠୁ ଅସରପା ଖାଇବାକୁ ତାଙ୍କୁ ବେଶୀ ଭଲ ଲାଗେ ବୋଲି କାର୍ଲୋସ୍ କହିଛନ୍ତି। ଅସରପାର ଭିତର ଅଂଶର ସ୍ୱାଦ ତାଙ୍କୁ କଷ୍ଟାର୍ଡ ଭଳି ଲାଗିଥାଏ ବୋଲି ସେ କହିଛନ୍ତି। କାର୍ଲୋସ୍‌ଙ୍କ ପତ୍ନୀ ଏଶ୍ଲି ଏବଂ ଝିଅ ତାଙ୍କର ଏହି ଅଜବ ଖାଦ୍ୟଭ୍ୟାସ ପାଇଁ ଚିନ୍ତାରେ ରୁହନ୍ତି। ଅବଶ୍ୟ ସେ କୌଣସି ପୋକଜୋକକୁ ସିଧାସଳଖ ମାଟିରୁ ଧରି ଖାଆନ୍ତି ନାହିଁ। ଏହାକୁ ସେ ଦୋକାନରୁ ୭୨୨ ଟଙ୍କାରେ କିଣି ଖାଇଥାନ୍ତି। କାର୍ଲୋସ୍ ଛୋଟବେଳୁ ପୋକଜୋକ ଖାଇବାକୁ ପସନ୍ଦ କରୁଥିଲେ। ଚାରିବର୍ଷ ବୟସରେ ସେ ପ୍ରଥମେ ପୋକ ଖାଇବା ଆରମ୍ଭ କଲେ। ଜିଅଁନ୍ତା ପୋକ ଖାଇବା ପରେ ତାଙ୍କ ଦେହକୁ ଶକ୍ତି ମିଳିବା ପରି ଅନୁଭୂତ ହେଉଥିବା କାର୍ଲୋସ୍ କୁହନ୍ତି। ଏନେଇ ଡାକ୍ତରଙ୍କ କହିବାକଥା, ଜିଅଁନ୍ତା ପୋକ ଖାଇବା ଦ୍ୱାରା ଶରୀର ମଧ୍ୟକୁ ଜୀବାଣୁ ପ୍ରବେଶ କରିଯାନ୍ତି ଫଳରେ ଏହା ମସ୍ତିଷ୍କର କୋଷଗୁଡ଼ିକୁ ଖାଇବା ଆଶଙ୍କା ଥାଏ। ଅବଶ୍ୟ ଏବେ କାର୍ଲୋସ୍ ପୋକଜୋକ ଖାଇବା ଅଭ୍ୟାସକୁ ଧୀରେ ଧୀରେ ଛାଡ଼ିବାକୁ ଚେଷ୍ଟା କରୁଛନ୍ତି। କାରଣ ସେ ନିଜ ସ୍ୱାସ୍ଥ୍ୟକୁ ନେଇ ଖୁବ୍ ସଚେତନ ଅଛନ୍ତି।




## ଶ୍ୱଶୁରଙ୍କୁ ଚାବୁକ ମାଡ଼

ବିବାହକୁ ନେଇ ବିଭିନ୍ନ ସ୍ଥାନରେ ଭିନ୍ନ ରୀତିନୀତି ପରମ୍ପରା ଦେଖିବାକୁ ମିଳିଥାଏ। ସେଥିମଧ୍ୟରୁ କିଛି ରୋଚକୀୟ ହୋଇଥିବାବେଳେ ଆଉ କିଛି ବେଶ୍ ଆଶ୍ଚର୍ଯ୍ୟଜନକ ମନେହୁଏ। ଏମିତି ଏକ ପ୍ରଥା ଚୀନ୍ ବାଓଆନ ସମ୍ପ୍ରଦାୟରେ ପାଳନ କରାଯାଏ। ଏହି ସମ୍ପ୍ରଦାୟର ଲୋକେ ଚୀନ୍‌ର ଉତ୍ତର- ପଶ୍ଚିମ ଗାଂସୁ ପ୍ରାନ୍ତରେ ବାସ କରନ୍ତି। ଏଠାରେ ବିବାହ ପରେ କନିଆର ପିତାଙ୍କୁ ଜ୍ୱାଇଁ ଘରକୁ ଯିବାକୁ ହୋଇଥାଏ, ଯେଉଁଠାରେ ଏକ ସ୍ୱତନ୍ତ୍ର ପରମ୍ପରା ପାଳନ କରାଯାଏ। ପରମ୍ପରା ଅନୁସାରେ, କନିଆର ପିତା ପ୍ରଥମେ ନିଜ ଝିଅର ଲାଳନ ପାଳନରେ ଯଦି କୌଣସି ଭୁଲଥାଏ ତାହା କ୍ଷମା କରିବାକୁ ଝିଅର ଶାଶୂଘର ଲୋକଙ୍କ ଆଗରେ ଗୁହାରି କରନ୍ତି। ଏହାପରେ ବରଘର ପକ୍ଷରୁ ବରପିତା କନିଆ ପିତାଙ୍କୁ ୨୦ ଥର ଚାବୁକ ମାଡ଼ କରିଥାନ୍ତି। ଏହା କେବଳ ପ୍ରତୀକାତ୍ମକ ଭାବେ କରାଯାଏ। ଏଠାରେ ଏହି ପ୍ରଥା କାହିଁ କେଉଁ କାଳରୁ ରହି ଆସିଛି। ତେବେ ଏହା କେବଳ ଏକ ପରମ୍ପରାର ଅଂଶ, ଯାହାକୁ ଆଜି ବି ଏହି ଜନଜାତିର ଲୋକମାନେ ମଜାଳିଆ ଅନ୍ଦାଜରେ ପାଳନ କରୁଛନ୍ତି। ଏହି ସମ୍ପ୍ରଦାୟର ଲୋକମାନେ ନିଜର ସ୍ୱତନ୍ତ୍ର ଭାଷା ଓ ସଂସ୍କୃତି ଏବଂ ନିଆରା ବିବାହ ପରମ୍ପରା ପାଇଁ ପରିଚିତ। ଏମାନଙ୍କର ବିବାହ ତିନିଦିନ ଧରି ପାଳନ ହେଉଥିବାବେଳେ ଏଥିରେ ଅନେକ ସ୍ୱତନ୍ତ୍ର ପରମ୍ପରାର ପାଳନ ହୋଇଥାଏ। ବିବାହ ଚାରୋଟି ପର୍ଯ୍ୟାୟରେ ହୋଇଥାଏ, ଯଥା- ପ୍ରସ୍ତାବ ଖୋଜିବା, ବିବାହ ସ୍ଥିର କରିବା, କନିଆ ପାଉଣା ଦେବା ଏବଂ ବିବାହ ଉତ୍ସବ। ବରଘର ଲୋକେ ବିବାହ ପ୍ରସ୍ତାବ ସମୟରେ ସୋଙ୍ଗ୍‌ଡିଙ୍ଗ୍ ଚାକୁ କନିଆ ଘରକୁ ଉପହାରରେ ଦେଇଥାନ୍ତି। ଏହାର ଅର୍ଥ ନିର୍ବନ୍ଧ ଚା'। ଏଥିରେ ମିଶିରି, ଶୁଖିଲା ଲବଙ୍ଗ, ଚା'ପତି ଏବଂ ଅଖରୋଟ ଥାଏ। ଏହା ଚାରୋଟି ଭିନ୍ନ ଭିନ୍ନ ରଙ୍ଗର କାଗଜରେ ଗୁଡ଼ା ଯାଇଥାଏ। କନିଆ ପରିବାର ଏହି ଉପହାର ସ୍ୱୀକାର କଲେ, ସେମାନେ ବିବାହରେ ରାଜି ଅଛନ୍ତି ବୋଲି ବୁଝାଯାଏ। ବାଓଆନ ସମ୍ପ୍ରଦାୟରେ ବିବାହ ଦିନ କନିଆ ଘରୁ କେତେକ ମହିଳା ବରଘରକୁ ଯାଇଥାନ୍ତି। ମଜାରେ ରୋଷେଇ ବାସନରୁ କଳାଆଣି ବର ପିତାଙ୍କ ମୁହଁରେ ଲଗାନ୍ତି। ଏହା ଶୁଭେଚ୍ଛା ଦେବାର ପ୍ରତୀକ ଭାବେ ଜଣାଯାଏ। ସେହିପରି ବିବାହ ପରେ କନିଆ ବର ଘରେ ପହଞ୍ଚିବା ପରେ ଅତିଥିମାନେ ଖାଇବା ପାଇଁ ଆସିଥାନ୍ତି। ହେଲେ ସେଠାରେ କନିଆ ଉପସ୍ଥିତ ନଥାନ୍ତି। ପରମ୍ପରା ଅନୁଯାୟୀ, ତିନିଦିନ ଧରି କନିଆ ବରଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତିନି। ସେ ବାପ ଘରୁ ନେଇଥିବା ଖାଦ୍ୟ ଖାଇଥାଏ। ଏହି ପ୍ରଥା କନିଆର ପିତାମାତାଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଏବଂ ପାଳନ ପୋଷଣ ପ୍ରତି କୃତଜ୍ଞତାର ପ୍ରତୀକ ଭାବେ ଜଣାଯାଏ।

## ଡିଗ୍ରୀ ସତ୍ତ୍ୱେ ମିଳୁନି ଚାକିରି

**ବର୍ତ୍ତମାନ ଅନେକ ଯୁବପିଢ଼ିଙ୍କ ପାଖରେ ଡିଗ୍ରୀ ଥିଲେ ବି ଚାକିରି ମିଳୁନି। ପ୍ରଶ୍ନ ଉଠୁଛି ଚାକିରି ଲାଗି ଡିଗ୍ରୀ କ'ଣ ଯଥେଷ୍ଟ ନୁହେଁ? କୁହାଯାଉଛି, ସମସ୍ୟା କେବଳ ଡିଗ୍ରୀର ନୁହେଁ, ବରଂ ପ୍ରସ୍ତୁତିର। ବିଶେଷଜ୍ଞଙ୍କ ମତରେ, ଶ୍ରେଣୀଗୃହରେ ପଢ଼ାଯାଉଥିବା ପାଠ କାର୍ଯ୍ୟକ୍ଷେତ୍ରରେ କାମରେ ଆସି ନ ଥାଏ। କାମ ବିଷୟରେ ପଢ଼ିବା ଏବଂ କାମ କରିକି ଶିଖିବା ମଧ୍ୟରେ ଅନେକ ଫରକ୍ ଅଛି। ତେଣୁ ପଢ଼ା ସହିତ ଯେକୌଣସି ସଂସ୍ଥାନରେ କାମ କରି ନିଜ ଭିତରେ ଉପଯୁକ୍ତ କୌଶଳକୁ ବିକଶିତ କରିବା ଖୁବ୍ ଜରୁରି।**



ଅଧିକାଂଶ ଲୋକ ଥିଓରିରେ ଭଲ ପ୍ରଦର୍ଶନ ଦେଖାଇଥାନ୍ତି। ହେଲେ ଅଫିସ୍ କିମ୍ବା ଇଣ୍ଡଷ୍ଟ୍ରିରେ ପାଦ ରଖିବା ମାତ୍ରେ ହିଁ ସେମାନଙ୍କ ମନରେ ଅଜଣା ଭୟ ଆସିଯାଏ। କାରଣ କାମରେ ଥିବା ଟାଇମ୍ ପ୍ରେଶର, ଟାର୍ଗେଟ, ଟିମ୍‌ୱାର୍କ ଏବଂ ଦାୟିତ୍ୱବୋଧ ସେମାନଙ୍କୁ ଜଣା ନ ଥାଏ। ଏସବୁ କୌଶଳ ସେମାନଙ୍କୁ ବହିରୁ ଶିଖିବାକୁ ମିଳି ନ ଥାଏ। ତେଣୁ ବିଶେଷଜ୍ଞମାନେ କହନ୍ତି, କାମ ବିଷୟରେ ପଢ଼ିବା ଏବଂ କାମ କରିକି ଶିଖିବା ମଧ୍ୟରେ ଅନେକ ଫରକ ଅଛି। ବର୍ତ୍ତମାନ ଏକଥା କୁହାଯାଉଛି ଯେ, ଇଣ୍ଟର୍ଣ୍ଣସିପ୍‌କୁ ଯୁବପିଢ଼ି କେବଳ ଔପଚାରିକତା ବୋଲି ନ ଭାବନ୍ତୁ। ପଢ଼ା ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ଯେକୌଣସି ସଂସ୍ଥାନରେ କାମ କରିବାର ସୁଯୋଗ ମିଳିବା ଦରକାର। ଅନ୍ୟପଟେ ଯେତେବେଳେ କାମକୁ ପଢ଼ା ଭଳି ମୂଲ୍ୟାଙ୍କନ କରାଯିବ, ଛାତ୍ର ଦାୟିତ୍ୱବୋଧର ସହ ଏନେଇ ଥିବା କଳା, କୌଶଳ ଶିଖିପାରିବେ। ସେହିପରି ଏବେ ବି କଲେଜର ସଫଳତା ପ୍ଲେସ୍‌ମେଣ୍ଟ ହିସାବରେ ମୂଲ୍ୟାଙ୍କନ କରାଯାଉଛି। ହେଲେ ଏବେ ଚାକିରି ବଦଳୁଛି, କୌଶଳ ବି ବଦଳୁଛି। ତେଣୁ ବାରମ୍ବାର ନିଜକୁ ଅପଡେଟ୍ କରିବାର କ୍ଷମତା ନିଜ ଭିତରେ ସୃଷ୍ଟି କରିବା ଦରକାର। ସେହିପରି କ୍ୟାରିୟରରେ ଦୀର୍ଘ ବର୍ଷ ତିଷ୍ଠି ରହିବା ପାଇଁ ହିଁ ହେଉଛି ପ୍ରକୃତ ସଫଳତା। ଅନେକ ଛାତ୍ରଙ୍କ ଲାଗି ପାଠପଢ଼ିବା କେବଳ ଏକ ସ୍ୱପ୍ନ ନୁହେଁ, ଆର୍ଥିକ ସଂଘର୍ଷ ମଧ୍ୟ। ତେଣୁ ଏବେ ଏମିତି ପଢ଼ାର ଆବଶ୍ୟକତା, ଯାହାକି କେବଳ ଡିଗ୍ରୀ ନୁହେଁ, ବରଂ କାମ, ଭବିଷ୍ୟତ, ଆତ୍ମବିଶ୍ୱାସ ତିନିଟିକୁ ଏକସଙ୍ଗରେ ନେଇ ଚାଲିବ।

## ସମ୍ଭାବନା

## ପରୀକ୍ଷା ଅବସାଦ

**ପରୀକ୍ଷା ସମୟ ପାଖେଇ ଆସିଲେ କିଛି ଛାତ୍ରଛାତ୍ରୀ ଖୁବ୍ ଭୟଭୀତ ହୋଇଥାନ୍ତି। ଏହାକୁ ପରୀକ୍ଷା ଅବସାଦ ବୋଲି କୁହାଯାଏ। ସେହିପରି ଏହାର ପ୍ରଭାବ ସେମାନଙ୍କ ପରୀକ୍ଷା ଫଳ ଉପରେ ଦେଖିବାକୁ ମିଳେ।**

- ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀ ଅଧିକ ଚିନ୍ତା ଓ ଭୟରେ ରହିଲେ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ।
- ପରୀକ୍ଷା ପାଇଁ ଅଧିକ ଚିନ୍ତାରେ ରହିଲେ ଜ୍ୱର ହୁଏ। ଫଳରେ ପରୀକ୍ଷାରେ ସେମାନେ ସଫଳ ହୋଇ ନ ଥାନ୍ତି।
- ଅବସାଦ ଯୋଗୁଁ ଅନେକ ସମୟରେ ପେଟ ଯନ୍ତ୍ରଣା ହୁଏ। ପଢ଼ାରେ ମନ ଲାଗେ ନାହିଁ।
- ପରୀକ୍ଷା ସମୟରେ ଅଧିକାଂଶ ପିଲା ଭଲଭାବେ ଶୋଇପାରନ୍ତି ନାହିଁ। ଏହା ପଛର କାରଣ ହେଉଛି ପରୀକ୍ଷା ଚିନ୍ତା।
- ଚିନ୍ତାରେ ରହି ବେଶି ସମୟ ପଢ଼ିବା ଦ୍ୱାରା ପାଠ ମନେ ରହେ ନାହିଁ।
- ତେବେ ପରୀକ୍ଷାରେ ଭଲ କରିବାକୁ ଚାହୁଁଥିଲେ, ଅବସାଦ ବା ଚିନ୍ତାମୁକ୍ତ ରହିବା ଜରୁରି।




## କେମିତି ବଢ଼େ ଖର୍ଚ୍ଚ



**ସାଧାରଣତଃ କୁହାଯାଏ ଲୋକଙ୍କ ଆୟ ବଢ଼ିଲେ ଖର୍ଚ୍ଚ ବୃଦ୍ଧି ପାଏ। ଦାମୀ ପୋଷାକ କିଣିବାଠାରୁ ଆରମ୍ଭ କରି ମହଙ୍ଗା ଫୋନ ଧରିବା, ଅନଲାଇନ୍ ସର୍ଫିଂ କରିବାକୁ ଭଲ ଲାଗେ। ଧୀରେ ଧୀରେ ଏ ସବୁ ପାଇଁ ଖର୍ଚ୍ଚ ବଢ଼ିଥାଏ।**

- ଦରମା ବଢ଼ିଲେ ଜୀବନଶୈଳୀ ବି ଆପେ ଆପେ ଅପଗ୍ରେଡ୍ ହୁଏ। ବ୍ରାଣ୍ଡେଡ ଜିନିଷ ବ୍ୟବହାର କରିବାକୁ ଇଚ୍ଛା ହୁଏ। ବାରମ୍ବାର ବାହାର ଖାଦ୍ୟ ଖାଇବା ଅଭ୍ୟାସରେ ପରିଣତ ହୋଇଯାଏ।
- ରୋଜଗାର ବଢ଼ିବା ଦ୍ୱାରା ମାଇଣ୍ଡସେଟ୍‌ରେ ପରିବର୍ତ୍ତନ ଆସିଥାଏ। ଲୋକେ ଭାବନ୍ତି ଏବେ ସବୁ କିଛି କରିବାକୁ ସକ୍ଷମ। ଏହି ଚିନ୍ତାଧାରା ଯୋଗୁଁ ସେମାନେ ଅନେକ କିଛି ଅଯଥା ଖର୍ଚ୍ଚ କରିବା ଆରମ୍ଭ କରନ୍ତି।
- ଆୟ ବଢ଼ିବା ଦ୍ୱାରା ଅନେକଙ୍କ ପାଇଁ ସଞ୍ଚୟ ଗୁରୁତ୍ୱ ବହନ କରେ ନାହିଁ। ତେଣୁ ସେମାନେ ପ୍ରଥମେ ଖର୍ଚ୍ଚ କରି ଯାହା ବଳିବ ସଞ୍ଚୟ କରିବା କଥା ଭାବନ୍ତି। ଫଳରେ ସଞ୍ଚୟ ଆଦୌ ହୋଇପାରେ ନାହିଁ।
- ସାମାଜିକ ଚାପ ଏବଂ ତୁଳନା ବି ଖର୍ଚ୍ଚ ବୃଦ୍ଧିର ଅନ୍ୟତମ କାରଣ।
- ତେଣୁ ସର୍ବଦା ଦରମା ମିଳିବା ମାତ୍ରେ ପ୍ରଥମେ କିଛି ଅର୍ଥ ସଞ୍ଚୟ କରିବା ଦରକାର।

## ୟୁଟ୍ୟୁବ୍‌ର 'ସର୍ଟସ୍ ଟାଇମର୍ ଫିଚର୍'




ଆଜିକାଲି ସର୍ଟସ ଦେଖିବା ଲୋକଙ୍କ ପାଇଁ ନିଶା ପାଲଟିଛି। ଫଳରେ ଲୋକେ ଏଥିରେ ଘଣ୍ଟା ଘଣ୍ଟା ଧରି ସମୟ ଅତିବାହିତ କରୁଛନ୍ତି। ହେଲେ ଏବେ ୟୁଟ୍ୟୁବ୍‌ରେ ଏକ ନୂଆ ଫିଚର ଆସିଛି। ଯାହାକି ଲୋକଙ୍କ ସମୟ ସଞ୍ଚୟ କରିବାରେ ସାହାଯ୍ୟ କରିବ। ଏବେ ୟୁଟ୍ୟୁବ୍‌ରେ 'ସର୍ଟସ ଫିଡ୍ ଲିମିଟ୍' ଫିଚର୍ ଆସିଛି। ଏହାକୁ ସର୍ଟସ ଟାଇମ୍ କିମ୍ବା ଡେଲି ଲିମିଟ୍ ବି କୁହାଯାଇପାରିବ। ଏହି ଫିଚର ମାଧ୍ୟମରେ ଏହା ସୁନିଶ୍ଚିତ କରିପାରିବେ ଯେ, ପ୍ରତିଦିନ ୟୁଟ୍ୟୁବ୍‌ରେ କେତେ ସମୟ ପର୍ଯ୍ୟନ୍ତ ୟୁଟ୍ୟୁବ୍ ସର୍ଟସ ଦେଖିପାରିବେ। ସେହିପରି ନିର୍ଦ୍ଧାରିତ ସମୟ ପୂରା ହେବା ମାତ୍ରେ ହିଁ ସର୍ଟସ ଫିଡ୍ ଆପେ ଆପେ ପଜ୍ ହୋଇଯିବ ଏବଂ ସ୍କ୍ରିନ୍‌ରେ ରିମାଇଣ୍ଡର ଦୃଷ୍ଟିଗୋଚର ହେବ। ଏହି ଫିଚର ବିଶେଷକରି ବଢୁଥିବା ସ୍କ୍ରିନ ସମୟ, ଡିଜିଟାଲ ଆଡିକସନ ଏବଂ ପିଲାଙ୍କୁ ଅନଲାଇନ୍ କଣ୍ଟେଣ୍ଟ କଣ୍ଟ୍ରୋଲକୁ ନଜରରେ ରଖି ପରିଚିତ କରାଯାଇଛି। ଏହି ଫିଚର ଏମିତି ଏକ ଟୁଲ୍, ଯାହା ବ୍ୟବହାରକାରୀଙ୍କୁ ସର୍ଟସ ଭିଡିଓ ଦେଖିବା ସମୟରେ ଅନଲିମିଟେଡ୍ ସ୍କ୍ରୋଲିଂରୁ ରକ୍ଷା କରେ। ଏହି ସମସ୍ୟାକୁ ରୋକିବା ଲାଗି ୟୁଟ୍ୟୁବ୍ ଏହି ସୁବିଧା ଆରମ୍ଭ କରିଛି। ଏଥିରେ ବ୍ୟବହାରକାରୀ ଏକଥା ସୁନିଶ୍ଚିତ କରିପାରିବେ, ପ୍ରତିଦିନ ୟୁଟ୍ୟୁବ୍‌ରେ କେତେ ସମୟ ପର୍ଯ୍ୟନ୍ତ ସର୍ଟସ ଦେଖିବେ। ଏ ଲାଗି ପ୍ରଥମେ ୟୁଟ୍ୟୁବ୍‌ରେ ଟାଇମର ସେଟ୍ କରିବାକୁ ହେବ। ଏହା ପରେ ସ୍କ୍ରିନ୍‌କୁ ମେସେଜ ଆସିବ। ଏବେ ଏହି ଫିଚର୍ ୟୁଟ୍ୟୁବ୍ ମୋବାଇଲ ଆପ୍‌ରେ ଉପଲବ୍ଧ। ଅନ୍ୟପଟେ ଏହି ଫିଚର୍ ପିଲାଙ୍କୁ ଡିଜିଟାଲ ଆଡିକସନରୁ ରୋକିବା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ବିଚାର କରାଯାଉଛି।

● ପୁଣି ଦୋହରାଇଲା ବାଂଲାଦେଶ

## ଭାରତରେ ଟି-୨୦ ବିଶ୍ୱକପ୍ ଖେଳିବନି

ଢାକା,୨୦।୧(ଏଜେନ୍ସି): ଭାରତରେ ଆମ ଖେଳାଳିଙ୍କ ଜୀବନପ୍ରତି ବିପଦ ଅଛି। ଆମ ଖେଳାଳି (ଆଇପିଏଲ୍‌ରୁ ମୁସ୍ତାଫିଜର ରହେମାନ)ଙ୍କୁ ସେମାନେ କୌଣସି କାରଣ ନ ଦର୍ଶାଇ ବିଦା କରିଛନ୍ତି। ଦୁଇ ଦେଶ ମଧ୍ୟରେ ବିଭିନ୍ନ କାରଣକୁ ନେଇ ରାଜନୈତିକ ଓ କୁଟନୈତିକ ସ୍ତରରେ ଉତ୍ତେଜନା ଲାଗି ରହିଛି। ଏଭଳି ସମୟରେ ଆମେ ଭାରତରେ ଟି-୨୦ ବିଶ୍ୱକପ୍ ଖେଳିବାକୁ ଯିବନାହିଁ ବୋଲି ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କ୍ରୀଡ଼ା ପରାମର୍ଶଦାତା (ଭାରତରେ ମନ୍ତ୍ରୀଙ୍କ ସହ ସମାନ) ଆସିଫ୍ ନାଜରୁଲ କହିଛନ୍ତି। ଆମେ ଏ ସମ୍ପର୍କରେ ଆଇସିସିକୁ ଅବଗତ କରାଇଥିଲୁ। ଗତ ସପ୍ତାହରେ ସେମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲୁ। ଆମର ଭେନ୍ୟୁ ଭାରତରୁ ଶ୍ରୀଲଙ୍କାକୁ ବଦଳାଇବା ଲାଗି ଅନୁରୋଧ କରିଥିଲୁ। ଅତୀତରେ ଭେନ୍ୟୁ ବଦଳାଇବାକୁ ପାକିସ୍ତାନକୁ ଅନୁମତି ଦିଆଯାଇଥିଲା। ଆମକୁ ସେପରି ଅନୁମତି ନ ହେଲେ ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ମଧ୍ୟ ଆମେ ଭାରତରେ ଖେଳିବୁ ନାହିଁ। ଆମେ ପୂର୍ବରୁ ଯେଉଁ ନିଷ୍ପତ୍ତି ନେଇଥିଲୁ ସେଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଭାରତୀୟ କ୍ରିକେଟ ବୋର୍ଡ ଚାପରେ ଆଇସିସି ତାହାର ନିଷ୍ପତ୍ତି ପରିବର୍ତ୍ତନ ନ କଲେ ଆମେ ଭାରତ ଯିବୁ ନାହିଁ ବୋଲି ନାଜରୁଲ କହିଛନ୍ତି। ଭାରତରେ ବିଶ୍ୱକପ୍ ଖେଳିବ କି ନାହିଁ ୨୧ ତାରିଖ ବା ବୁଧବାର ସୁଦ୍ଧା ଜଣାଇବାକୁ ବାଂଲାଦେଶକୁ ଆଇସିସି ଡେଡ୍‌ଲାଇନ୍ ଧାର୍ଯ୍ୟ କରିଛି।

## ବିସିସିଆଇରୁ ଉଠିବ ଗ୍ରେଡ୍ ଏ+ କାଟେଗୋରୀ

ମୁମ୍ବାଇ, ୨୦।୧ (ଏଜେନ୍ସି): ଭାରତ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ପ୍ରମୁଖ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ଗ୍ରେଡ-ଏ' କାଟେଗୋରୀକୁ ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରୁ ହଟାଇଦେବ। ଅଜିତ ଅଗରକରଙ୍କ ନେତୃତ୍ୱରେ ଗଠିତ ଜାତୀୟ ସିନିଅର ଚୟନ କମିଟି ଏହା ସୁପାରିସ କରିଛି। ଏବେ କେବଳ ଏ, ବି, ସି ଗ୍ରେଡ୍‌ରେ ବାର୍ଷିକ ଚୁକ୍ତି କରିବାକୁ କମିଟି ସୁପାରିସ୍ କରିଥିବା କଥା ବିସିସିଆଇ ସୂତ୍ରରୁ ଜଣାଯାଇଛି। ଏବେ ଗ୍ରେଡ ଏ+ କାଟେଗୋରୀରେ ୪ଜଣ ଖେଳାଳି ଯଥା ବିରାଟ କୋହଲି, ରୋହିତ ଶର୍ମା, ରବୀନ୍ଦ୍ର ଜାଡେଜା ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଦିଆଯାଇଛି। ଏମାନେ ମ୍ୟାଚ୍ ଫି' ବ୍ୟତୀତ ୭ କୋଟି ଟଙ୍କା ବର୍ଷକୁ ଦିଆଯାଉଛି। ଏହାକୁ ଉଠାଇଦେବା ଲାଗି ପ୍ରସ୍ତାବ ଦିଆଯାଇଛି। ବିସିସିଆଇର ପରବର୍ତ୍ତୀ ଆପେକ୍ସ କାଉନ୍ସିଲ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏବେ ଗ୍ରେଡ୍-ଏ'ରେ ଥିବା ଖେଳାଳିଙ୍କୁ ବାର୍ଷିକ ୫ କୋଟି, ଗ୍ରେଡ୍-ବି' ଲାଗି ୩ କୋଟି ଓ ଗ୍ରେଡ୍-ସି' ଲାଗି ୧ କୋଟି ଟଙ୍କା ଦିଆଯାଉଛି। ଏହା ବ୍ୟତୀତ ମ୍ୟାଚ୍ ଫି ମଧ୍ୟ ଖେଳାଳିମାନେ ପାଉଛନ୍ତି। ଏହି ସୁପାରିସ୍ ଲାଗୁ ହେଲେ ଏବେ କେବଳ ଦିନିକିଆ ଖେଳୁଥିବା ରୋହିତ, କୋହଲି ଓ ଜାଡେଜା ଗ୍ରେଡ୍-ବି'ରେ ରହିବେ।

ନାଗପୁରରେ ଆଜିଠାରୁ ଭାରତ-ନ୍ୟୁଜିଲାଣ୍ଡ ସିରିଜ୍

# ଟି-୨୦ ବିଶ୍ୱକପ୍ ଲାଗି ଶେଷ ପ୍ରସ୍ତୁତି

ନାଗପୁର,୨୦।୧(ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ଥାନୀୟ ବିଦର୍ଭ କ୍ରିକେଟ ଗ୍ରାଉଣ୍ଡରେ ଆସନ୍ତାକାଲିଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ବିଶ୍ୱକପ୍ ପୂର୍ବରୁ ଉଭୟ ଦଳ ଲାଗି ଏହା ଶେଷ ପ୍ରସ୍ତୁତି। ଏହି ୫ଟି ମ୍ୟାଚ୍‌ରୁ ଉଭୟ ଦଳ ସେମାନଙ୍କ ଶ୍ରେଷ୍ଠ ଦଳ ଜାନୁଆରୀ ୩୦ ସୁଦ୍ଧା ଚୟନ କରିବେ। ଉଭୟ ଦଳ ଆହତ ସମସ୍ୟା, ଫର୍ମରେ ନ ଥିବା ଖେଳାଳିଙ୍କୁ ନେଇ ଚିନ୍ତିତ। ନ୍ୟୁଜିଲାଣ୍ଡ ଅପେକ୍ଷା ଭାରତର ସମସ୍ୟା ଅଧିକ। ଏଭଳି ସମୟରେ ବିଶ୍ୱକପ୍ ପୂର୍ବରୁ ଖେଳାଯିବାକୁ ଥିବା ୫ଟି ମ୍ୟାଚ୍ ଦଳର ସନ୍ତୁଳନକୁ ସଜାଡିନେବ ବୋଲି ଆଶା କରାଯାଉଛି। ଅଧାଡଜନେ ପ୍ରଥମ ପସନ୍ଦର ଖେଳାଳିଙ୍କ ଅନୁପସ୍ଥିତିରେ ଭ୍ରମଣକାରୀ ଦଳ ଘରୋଇ ମାଟିରେ ଅପରାଜେୟ ମନେହେଉଥିବା ଭାରତକୁ ୨-୧ ବ୍ୟବଧାନରେ ଦିନିକିଆ ସିରିଜ୍ ଜିତିବା ପରେ ଦଳର ମନୋବଳ ବୃଦ୍ଧି ପାଇଛି। ୨୦୦୭ ଟି-୨୦ ବିଶ୍ୱକପ୍‌ରୁ ଉଭୟ ଦଳ ମଧ୍ୟରେ ମୁକାବିଲା ହୋଇଆସୁଛି। କିନ୍ତୁ ଭାରତରେ ଖେଳାଯାଇଥିବା ଦ୍ୱିପାକ୍ଷିକ ସିରିଜ୍‌ରେ ନ୍ୟୁଜିଲାଣ୍ଡ ଏଯାଏ ଜିତିନାହିଁ। ୨୦୨୪ରେ ଟେଷ୍ଟ, ୨୦୨୬ରେ ଦିନିକିଆ ସିରିଜ୍ ଜିତିଥିବା ନ୍ୟୁଜିଲାଣ୍ଡ ଏହି ସିରିଜ୍ ଯେ ନ ଜିତିବ ତାହାର ଭବିଷ୍ୟବାଣୀ କରିବା କଷ୍ଟକର।

ଘରୋଇ ଦଳର ସବୁଠାରୁ ବଡ଼ ସମସ୍ୟା ହେଲା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମରେ ନ ରହିବା। ୨୦୨୪ ନଭେମ୍ବର ପରଠାରୁ ସେ ଖେଳିଥିବା ୧୯ଟି ମ୍ୟାଚ୍‌ରେ ୮.୧୧ ହାର ଓ ୧୧୦ ଷ୍ଟ୍ରାଇକ୍‌ରେଟ୍‌ରେ ରନ୍ ସଂଗ୍ରହ କରିଛନ୍ତି। ସମସ୍ତ ମ୍ୟାଚ୍‌ରେ ଆଉଟ ହୋଇଥିଲାବେଳେ ପେସ୍ ବୋଲରଙ୍କ ଦ୍ୱାରା ୧୮ଥର ଆଉଟ ହୋଇଛନ୍ତି। ଏହା ମଧ୍ୟରୁ ୧୬ଥର ସେ କ୍ୟାଚ୍ ଆଉଟ ହୋଇଛନ୍ତି। ସବୁଥିରେ ସେ ସହଜରେ ଆଉଟ ହୋଇଛନ୍ତି। ଏଣୁ ତାଙ୍କ ଉପରେ ଭରସା କରିବା କଷ୍ଟକର। ଅନ୍ୟ ଜଣେ ବ୍ୟାଟର ତିଳକ ବର୍ମା ଆହତ ହୋଇ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଇଶାନ କିସାନ କିମ୍ବା ଶ୍ରେୟସ ଆୟରଙ୍କୁ ସ୍ଥାନ ମିଳିପାରେ। ଶେଷରେ ଶୁବମନ ଗିଲ୍‌ଙ୍କୁ ଟି-୨୦ ଦଳରୁ ବାଦ୍ ଦେବା ପରେ ଭଲ ଫର୍ମରେ ଥିବା ସଞ୍ଜୁ ସାମସନ ଏଥର ଭଲ ଖେଳିବେ ବୋଲି ଆଶା। ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କ ଭଳି ସ୍ପେଶାଲିଷ୍ଟ ପେସ ବୋଲର ରହିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ମଧ୍ୟ ପେସ୍ ବୋଲିଂ କରିବେ। ଦଳରେ ୪ଜଣ ସ୍ପିନର ରହିଛନ୍ତି। ଦୁଇ ବାମହାତୀ ଅକ୍ଷର ପଟେଲ ଓ କୁଳଦୀପ ଯାଦବ ସ୍ପିନ ବୋଲିଂରେ ସିଦ୍ଧହସ୍ତ। ଦିନିକିଆ ସିରିଜ୍‌ରେ କୁଳଦୀପ ପ୍ରଭାବହୀନ ହୋଇଥିଲେ। କିନ୍ତୁ ବରୁଣ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇଙ୍କୁ ମୁକାବିଲା କରିବା ନ୍ୟୁଜିଲାଣ୍ଡ ଲାଗି କଷ୍ଟକର ହୋଇପାରେ।

ଅନ୍ୟପକ୍ଷରେ ଦିନିକିଆ ସିରିଜ୍‌ରେ ଜବରଦସ୍ତ ଫର୍ମରେ ଥିବା ଡାରିଲ ମିଚେଲ ଟି-୨୦ ସିରିଜ୍‌ରେ ମଧ୍ୟ ସମାନ ପ୍ରଦର୍ଶନ କରିବେ ବୋଲି ଅଧିନାୟକ ମିଚେଲ ସାଣ୍ଟନର ପ୍ରକାଶ କରିଛନ୍ତି। ଦଳକୁ ସମସ୍ତ ପ୍ରଥମ ପସନ୍ଦର ଖେଳାଳି ପ୍ରତ୍ୟାବର୍ତ୍ତନ କରିଛି। ଭାରତ ସହ ଶେଷ ଦିନିକିଆରେ ମାଇକେଲ ବ୍ରେସ୍‌ୱେଲ ଆହତ ହୋଇଛନ୍ତି। ତାଙ୍କ ସ୍ଥାନରେ କ୍ରିଷ୍ଟିଆନ୍ କ୍ଲାର୍କଙ୍କୁ ଦଳରେ ସାମିଲ କରାଯାଇଛି। ମ୍ୟାଟ ହେନରୀ, କାଏଲ ଜାମିସନ, ଜାକାରୀ ଫୋକ୍ସ ଓ ଜ୍ୟାକବ ଡଫି ଫ୍ରଣ୍ଟଲାଇନ୍ ଫାଷ୍ଟ ବୋଲର ରହିଛନ୍ତି। ଅଧିନାୟକ ମିଚେଲ ସାଣ୍ଟନର ଓ ଇସ୍ ସୋଧି ଦଳର ସ୍ପିନ୍ ଦାୟିତ୍ୱ ସମ୍ଭାଳିବେ।



**ଖେଳ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର**

### ଟିମ୍

**ଭାରତ:** ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିସାନ (ଉଭୟ ୱିକେଟରକ୍ଷକ), ଶ୍ରେୟସ ଆୟର, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ, କୁଳଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା।

**ନ୍ୟୁଜିଲାଣ୍ଡ:** ଡେଭନ କନୱେ (ୱିକେଟରକ୍ଷକ), ଟିମ୍ ରବିନସନ, ରାଚିନ ରବୀନ୍ଦ୍ର, ମାର୍କ ଚାପ୍‌ମ୍ୟାନ୍, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ବିଭନ ଜ୍ୟାକବ୍ସ, ମାଇକେଲ ବ୍ରେସ୍‌ୱେଲ, ଜେମ୍ସ ନୀଶାମ, ମିଚେଲ ସାଣ୍ଟନର (ଅଧିନାୟକ), ଜାକାରୀ ଫୋକ୍ସ, ଜ୍ୟାକବ ଡଫି, ମ୍ୟାଟ ହେନରୀ, କାଏଲ ଜାମିସନ, ଇସ୍ ସୋଧି ଓ କ୍ରିଷ୍ଟିଆନ୍ କ୍ଲାର୍କ (ପ୍ରଥମ ୩ଟି ମ୍ୟାଚ୍ ଲାଗି)।

ଅଷ୍ଟ୍ରେଲିଆନ୍ ଓପନ୍

## ସିନ୍ନର ଆଗେଇଲେ; ମୋନଫିଲ୍ସ ନିରାଶ



ମେଲବୋର୍ଣ୍ଣ, ୨୦।୧ (ଏଜେନ୍ସି): ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ର ୩ୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ତଥା ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଜାନିକ ସିନ୍ନର ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମ୍ୟାଚରେ ସିନ୍ନରଙ୍କ ମୁକାବିଲା ଫ୍ରାନ୍ସର ହୁଗୋ ଗାସଟନ୍‌ଙ୍କ ସହ ହୋଇଥିଲା। ତେବେ ସିନ୍ନର ୬-୧, ୬-୧ ସେଟରେ ଆଗୁଆ ରହିଥିବାବେଳେ ହୁଗୋ ୩ୟ ସେଟ୍ ନ ଖେଳି ରିଟାୟର୍ଡ ନେଇଥିଲେ। ଅପରପକ୍ଷରେ ନିଜର ଶେଷ ଅଷ୍ଟ୍ରେଲିଆନ୍ ଓପନ୍ ଖେଳୁଥିବା ଫ୍ରାନ୍ସର ଗେଲ୍ ମୋନଫିଲ୍ସଙ୍କୁ ନିରାଶ ହେବାକୁ ପଡ଼ିଛି। ଘରୋଇ ଅଷ୍ଟ୍ରେଲିଆର କ୍ୱାଲିଫାୟର ଖେଳାଳି ଡେନ୍ ସ୍ୱିନୀ ୬-୭ (୩/୭), ୭-୫, ୬-୪, ୭-୫ ସେଟ୍‌ରେ ମୋନଫିଲ୍ସଙ୍କୁ ପ୍ରଥମ ରାଉଣ୍ଡରେ ହରାଇ ଦେଇଛନ୍ତି। ୩୯ ବର୍ଷୀୟ ମୋନଫିଲ୍ସଙ୍କ ଏହା ୨୦ତମ ଅଷ୍ଟ୍ରେଲିଆନ୍ ଓପନ୍ ଥିଲା। ୨୦୧୬ ଓ ୨୦୨୨ରେ କ୍ୱାର୍ଟର ଫାଇନାଲ ପ୍ରବେଶ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ପୁରୁଷ ବିଭାଗରେ ଖେଳାଯାଇଥିବା ଅନ୍ୟ ମୁକାବିଲାଗୁଡ଼ିକରେ ୮ମ ସିଡ୍ ଆମେରିକାର ବେନ୍ ଶେଲଟନ, ୯ମ ସିଡ୍ ଟେଲର ଫ୍ରିଜ, ୫ମ ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି, ୩୧ତମ ସିଡ୍ ଜର୍ମାନୀର ଷ୍ଟିଫାନୋସ ସିତ୍‌ସିପାସ୍ ପ୍ରମୁଖ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

**ଇଣ୍ଡୋନେସିଆର ଜାନିସଙ୍କ ଐତିହାସିକ ବିଜୟ:** ୨୮ ବର୍ଷ ପରେ ଇଣ୍ଡୋନେସିଆର ପ୍ରଥମ ଖେଳାଳି ଭାବେ ଜାନିସ ଜେନ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଏକ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡ ମ୍ୟାଚରେ ଜାନିସ ୬-୨, ୭-୬ (୧) ସେଟ୍‌ରେ ୨୨ତମ ସିଡ୍ କାନାଡାର ଲିଲା ଫର୍ଣ୍ଣାଣ୍ଡିଜଙ୍କୁ ହରାଇଥିଲେ। ପ୍ରଥମ ଓ ଶେଷ ଇଣ୍ଡୋନେସିଆ ଖେଳାଳି ଭାବେ ୧୯୯୮ରେ ୟାୟୁକ ବାସୁକି ଅଷ୍ଟ୍ରେଲିଆନ୍ ଓପନ୍‌ରେ ଏକ ମ୍ୟାଚ୍ ଜିତିଥିଲେ। ମଙ୍ଗଳବାର ମହିଳା ଦିବସରେ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଡିଫେଣ୍ଡିଂ ଚାମ୍ପିଅନ ମାଡିସନ କିଜ୍, ୧୬ତମ ସିଡ୍ ନାଓମି ଓସାକା, ୫ମ ସିଡ୍ ଏଲିନା ରିବାକିନା, ୧୦ମ ସିଡ୍ ବେଲିଣ୍ଡା ବେନିକ୍, ଘରୋଇ ଖେଳାଳି ଟେଲା ପ୍ରିଷ୍ଟନ, କାରୋଲିନା ପ୍ଲିସ୍କୋଭା, ଜେଲିନା ଓସ୍ତାପେଙ୍କୋ ପ୍ରମୁଖ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି।

## ୧୯ ବର୍ଷରୁ କମ୍ ବିଶ୍ୱକପ୍: ଅଷ୍ଟ୍ରେଲିଆର ୨ୟ ବିଜୟ

ୱିଣ୍ଡହୋକ, ୨୦।୧ (ଏଜେନ୍ସି): ଜିମ୍ବାୱେ ଓ ନାମିବ୍ୟାରେ ଚାଲିଥିବା ୧୯ ବର୍ଷରୁ କମ୍ ଯୁବ ଦିନିକିଆ କ୍ରିକେଟ୍ ବିଶ୍ୱକପ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ କ୍ରମାଗତ ୨ୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଜାପାନକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଜାପାନ ୫୦ ଓଭରରେ ୮ ୱିକେଟ୍ ହରାଇ ୨୦୧ ରନ କରିଥିଲା। ଜବାବରେ ୱିଲ୍ ମାଲାଜୁକଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ୨୯.୧ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ୱିଲ୍ ୧୨ଟି ଚୌକା ଓ ୫ଟି ଛକା ବଳରେ ୫୫ ବଲରୁ ୧୦୨ ରନ କରିଥିଲେ। ନୀତେଶ ସାମୁଏଲ୍ ୭୩ ଓ ଟମ୍ ହୋଗାନ ୧୯ ରନର ଅପରାଜିତ ପାଳି ଖେଳିଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ସମାନ ୮ ୱିକେଟ୍‌ରେ ଆୟର୍ଲାଣ୍ଡକୁ ହରାଇଥିବା ଅଷ୍ଟ୍ରେଲିଆ ୪ ପଏଣ୍ଟ ସହ ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହିଛି। ଶ୍ରୀଲଙ୍କା ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ରନରେଟ୍‌ରେ ଶୀର୍ଷ ସ୍ଥାନରେ ରହିଛି। ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଛି। ବୁଧବାର ଇଂଲଣ୍ଡ-ସ୍କଟଲାଣ୍ଡ ଏବଂ ତାଞ୍ଜାନିଆ-ଆଫଗାନିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଡବ୍ଲ୍ୟୁପିଏଲ୍ ଖେଳିବାରେ ଦୀୟା ସର୍ବକନିଷ୍ଠା କ୍ରିକେଟର୍

ଭଦୋଦରା, ୨୦।୧ (ଏଜେନ୍ସି): ଦିଲ୍ଲୀ କ୍ୟାପିଟାଲ୍ସର ଦୀୟା ଯାଦବ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଖେଳିବାରେ ସର୍ବକନିଷ୍ଠା କ୍ରିକେଟର୍। ମଙ୍ଗଳବାର ଏଠାରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ଖେଳି ଦୀୟା ଡବ୍ଲ୍ୟୁପିଏଲ୍‌ରେ ପଦାର୍ପଣ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପଦାର୍ପଣ ମ୍ୟାଚ୍ ଖେଳିବାବେଳକୁ ଦୀୟାଙ୍କୁ ୧୬ ବର୍ଷ ୧୦୩ ଦିନ ହୋଇଥିଲା। ପୂର୍ବରୁ ସର୍ବକନିଷ୍ଠା ଖେଳାଳି ଭାବେ ଡବ୍ଲ୍ୟୁପିଏଲ୍ ଖେଳିବାର ରେକର୍ଡ ମୁମ୍ବାଇ ଇଣ୍ଡିଆନ୍ସର ଗୁନାଲାନ କମଲିନୀଙ୍କ ନାମରେ ରହିଛି। କମଲିନୀ ୧୬ ବର୍ଷ ୨୧୩ ଦିନରେ ଡବ୍ଲ୍ୟୁପିଏଲ୍‌ରେ ପଦାର୍ପଣ କରିଥିଲେ। ଏହି ତାଲିକାରେ ୩ୟ ସ୍ଥାନରେ ଗୁଜରାଟ ଜାଏଣ୍ଟ୍ସର ଶବନମ ଶକିଲ (୧୬ ବର୍ଷ ୨୬୩ ଦିନ), ୪ର୍ଥରେ ମୁମ୍ବାଇର ପାରଶାଭି ଚୋପ୍ରା (୧୬ ବର୍ଷ ୩୧୨ ଦିନ) ରହିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ଲିଗ୍‌ର ୧୩ତମ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରିଛି। ନାଟାଲୀ ସ୍କିଭର-ବ୍ରଣ୍ଟ ୬୫ ରନ କରି ଅପରାଜିତ ଥିଲେ। ଜବାବରେ ୧୧ ଓଭର ସୁଦ୍ଧା ଦିଲ୍ଲୀ ୨ ୱିକେଟ୍ ହରାଇ ୮୯ ରନ୍ ସଂଗ୍ରହ କରିଛି।

■ ଜାତୀୟ ଦୃଷ୍ଟିବାଧିତ କ୍ରିକେଟ

## ସେମିରେ ଓଡ଼ିଶା

ଭୁବନେଶ୍ୱର,୨୦।୧(ସମିସ): ରାଜସ୍ଥାନକୁ ୬୧ ରନ୍‌ରେ ପରାସ୍ତ କରି ଓଡ଼ିଶା ହାଇଟେକ୍ ମେଡିକାଲ କଲେଜ୍ ଗ୍ରାଉଣ୍ଡରେ ଆଜି ଅନୁଷ୍ଠିତ ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଦ୍ୱିତୀୟ ସେମିରେ ଓଡ଼ିଶା-କର୍ଣ୍ଣାଟକ ମୁକାବିଲା ହେବ। ଆଜିର ମ୍ୟାଚ୍‌ରେ ସୁକାନ୍ତି ଦଳପତିଙ୍କ ୬୩ ଓ ଫୁଲ ସୋରେନଙ୍କ ଅପରାଜିତ ୪୩ ରନ୍ ସହାୟତାରେ ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୧୭୭ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୯ ୱିକେଟ ହରାଇ ୧୧୬ ରନ୍ କରିବାକୁ ସମର୍ଥ ହୋଇଥିଲା।

## ଦ.ଆଫ୍ରିକାରେ ଭାରତ ଖେଳିବ ୫ ଟି-୨୦

ମୁମ୍ବାଇ, ୨୦।୧ (ଏଜେନ୍ସି): ଚଳିତବର୍ଷ ଜୁନ୍ ୧୨ରୁ ଇଂଲଣ୍ଡରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ମହିଳା କ୍ରିକେଟ ଦଳ ଦକ୍ଷିଣ ଆଫ୍ରିକାରେ ୫ଟି ଟି-୨୦ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଗୁଡିକ ଏପ୍ରିଲ ୧୭, ୧୯, ୨୨, ୨୫ ଓ ୨୭ରେ ଖେଳାଯିବ। ଆସନ୍ତା ଫେବୃଆରୀ-ମାର୍ଚ୍ଚରେ ଏକ ପୂର୍ଣ୍ଣାଙ୍ଗ ଟୁର୍‌ରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଯିବ। ଏହା ପରେ ଦକ୍ଷିଣ ଆଫ୍ରିକାରେ ୫ଟି ଟି-୨୦ ଓ ଇଂଲଣ୍ଡରେ ଇଂଲଣ୍ଡ ସହ ମେ'ରେ ୩ଟି ଟି-୨୦ ମ୍ୟାଚ୍ ଖେଳିବ।

## ହକି ଇଣ୍ଡିଆ ଲିଗ୍ : କଳିଙ୍ଗ ଲାନ୍ସର୍ସର ଅପରାଜେୟ ଧାରା ଭାଙ୍ଗିଲା



ଭୁବନେଶ୍ୱର, ୨୦।୧ (ସମିସ): ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଚଳିତ ସଂସ୍କରଣରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ବିଜୟ ରଥରେ ବ୍ରେକ୍ ଲାଗିଛି। ଆଇକନିକ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର କଳିଙ୍ଗ ଲାନ୍ସର୍ସ ଏହାର ଶେଷ ଲିଗ୍ ମ୍ୟାଚରେ ୧-୨ ଗୋଲରେ ସୁରମା ହକି କ୍ଲବ ନିକଟରୁ ହାରିଯାଇଛି। ଫଳରେ ଚଳିତ ଲିଗରେ କ୍ରମାଗତ ୬ଟି ମ୍ୟାଚ୍ ଜିତି ଅପରାଜେୟ ରହିଥିବା ଲାନ୍ସର୍ସ ପ୍ରଥମ ପରାଜୟବରଣ କରିଛି। ପରାଜୟ ସତ୍ତ୍ୱେ କଳିଙ୍ଗ ଲାନ୍ସର୍ସ ୭ ମ୍ୟାଚରୁ ୧୬ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ପୂର୍ବରୁ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଛି। ଶୁକ୍ରବାର ପ୍ରଥମ ପ୍ଲେ-ଅଫ୍ ଖେଳିବ କଳିଙ୍ଗ। ଅପରପକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ୩-୨ ଗୋଲରେ ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନସିଲ୍ ଦଳକୁ ହରାଇଦେଇଛି। ତୁଫାନ୍ସର ଏହା ୩ୟ ବିଜୟ ଥିଲା। ତୁଫାନ୍ସର ଏହି ବିଜୟରେ ଦୁଇ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଓ ଅମନଦୀପ୍ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ ଅତିଥି ଭାବେ ଯୋଗଦେଇଥିଲେ।

# ବ୍ଲିଜ୍‌ରେ ଆହାଜ ଚାମ୍ପିଅନ, ରାଜେଶ ରନର୍ସଅପ୍

ଭୁବନେଶ୍ୱର,୨୦।୧(ସମିସ): ଅଲ୍‌ଓଡ଼ିଶା ଚେସ୍ ସଂଘ, ଇ-ସ୍ପୋର୍ଟସ ଆସୋସିଏସନ ଅଫ୍ ଓଡ଼ିଶା ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଓଡ଼ିଶା ଓପନ ଗ୍ରାଣ୍ଡମାଷ୍ଟର ଚେସ୍‌ର ଦୁଇଟି କାଟାଗୋରୀ ସମାପ୍ତ ହୋଇଛି। ଆଜି ଶେଷ ହୋଇଥିବା ଡି କାଟାଗୋରୀ ବା ବ୍ଲିଜ୍‌ରେ କେରଳର ଆହାଜ ଇୟୁ ସର୍ବାଧିକ ୯ ପଏଣ୍ଟ ପାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶାର ରାଜେଶ ନାୟକ ଓ କର୍ଣ୍ଣାଟକର ୧୫ବର୍ଷରୁ କମ୍ ଖେଳାଳି ସିଦ୍ଧାନ୍ତ ପୁଞ୍ଜା ୮ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ସିଦ୍ଧାନ୍ତଙ୍କୁ ପଛରେ ପକାଇ ଓଡ଼ିଶାର ରାଜେଶ ଦ୍ୱିତୀୟସ୍ଥାନ ଅଧିକାର କରିବା ସହ ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଛନ୍ତି। ପୁରସ୍କାର ବାବଦରେ ଟ୍ରଫି ସହ ଆହାଜଙ୍କୁ ୩୦,୦୦୦, ରାଜେଶଙ୍କୁ ୨୦,୦୦୦ ଓ ସିଦ୍ଧାନ୍ତଙ୍କୁ ୨୦,୦୦୦ ଟଙ୍କା ପୁରସ୍କାର ମିଳିଛି। ଏହି କାଟାଗୋରୀରେ ଓଡ଼ିଶାର ଆଇଏମ୍ ସମ୍ବିତ ପଣ୍ଡା ୭ମ, ଓମ୍‌ଆଦିତ୍ୟ ଖାଡଙ୍ଗା ୨୨ତମ, ରାଜେନ୍ଦ୍ର ସାହୁ ୨୩ତମ, ନିଲସୁ ପଟ୍ଟନାୟକ ୨୬ତମ ଓ ହର୍ଷିତ ରଞ୍ଜନ ସାହୁ ୨୯ତମ ସ୍ଥାନ ଅଧିକାର କରିଛନ୍ତି। ଗତକାଲି ଏହି ଚେସ୍ ମହୋତ୍ସବର କାଟାଗୋରୀ-ବି'ରେ ଖେଳ ଶେଷ ହୋଇଥିଲା। ଏଥିରେ ପଶ୍ଚିମବଙ୍ଗର ସୌମାଲ୍ୟ ମଣ୍ଡଳ ଚାମ୍ପିଅନ, ଦିଲ୍ଲୀର ସତ୍ୟମ ପ୍ରକାଶ ରନର୍ସଅପ୍, ତେଲଙ୍ଗାନାର ରୋହିତ ଏନ୍ ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ଟ୍ରଫି ସହ ୧ ଲକ୍ଷ, ୭୦ ହଜାର ଓ ୪୦ ହଜାର ଟଙ୍କାର ପୁରସ୍କାର ପାଇଛନ୍ତି। ଏହି କାଟେଗୋରୀରେ ୯ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶାରୁ ମନୀନ୍ଦ୍ର କାର୍ଜି ସମ୍ମାନଜନକ ୮ମ, ପୂର୍ଣ୍ଣ ଖିଲୋ ୧୦ମ, ବିଶାଳ ପଟ୍ଟନାୟକ ଦ୍ୱାଦଶ, ରାଜେନ୍ଦ୍ର କୁମାର ସାହୁ ୧୫ତମ, ଦେବୀପ୍ରସାଦ ନାୟକ ୨୩ତମ, ସଞ୍ଜୀବନ ନାୟକ ୨୪ତମ, ଦେବପ୍ରୀତ ମିଶ୍ର ୨୬ତମ ସ୍ଥାନ ଅଧିକାର କରି ପ୍ରଥମ ୩୦ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ପୁରସ୍କାର ବାବଦରେ ମନୀନ୍ଦ୍ରଙ୍କୁ ୯,୦୦୦, ପୂର୍ଣ୍ଣଙ୍କୁ ୮,୦୦୦, ବିଶାଳ ଓ ରାଜେନ୍ଦ୍ରଙ୍କୁ ୭,୦୦୦ ଲେଖାଏଁ ଟଙ୍କା ମିଳିଥିଲା।

ଖେଳ ଶେଷରେ ଆୟୋଜିତ ଉତ୍ସବରେ ରୋଟାରୀ ଜିଲ୍ଲା ୩୨୬୨ରୁ ଡିଜି ମନୋଜ କୁମାର ତ୍ରିପାଠୀ, ଚଳଚ୍ଚିତ୍ର ତାରକା ବିପରାଜ ଶତପଥୀ, ପୂର୍ବତନ ରଣଜୀ ଖେଳାଳି ସତ୍ୟରଞ୍ଜନ ଶତପଥୀ, ଚିଫ ଆର୍ବିଟର ପଲ ଆରୋକିଆ ରାଜ, ଏଓସିଏ ସମ୍ପାଦକ ତଥା ନିର୍ଦ୍ଦେଶକ ଇଂ ଦେବବ୍ରତ ଭଞ୍ଜ, ରୋଟାରୀ କ୍ଲବ ନୀଳାଦ୍ରି ସଭାପତି ସୁଜିତ ରାଉତ, ଇଏସ୍‌ପିଓ ସମ୍ପାଦକ ଅଭିଷେକ ମିତ୍ର ଓ ରୋଟାରିଆନ୍ ପୂଣ୍ୟଶ୍ଲୋକ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଓଡ଼ିଶା ଓପନ ଚେସ୍






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS